# ଧରିତ୍ରୀ
DHARITRI

୪୭

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୪/୨୦୨୦ (୧୬ ପୃଷ୍ଠା) | Bhubaneswar, Friday, December 4/2020 | ★★★★

୪୭ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






To find your nearest store, visit www.platinumdaysoflove.com
For authentic platinum jewellery and assured buyback, ask for your platinum purity assurance card.

Mark of pure platinum Pt950 | /PlatinumDaysOfLove | /platinumdaysoflove

**Some PGI Authorised Retailers: Bhubaneshwar: Chandrasekharpur:** Khimji Jewellers 3057777 • Senco Gold & Diamonds 2500070 • Tanishq 2742842 • **Janpath:** Khimji Jewellers 6697777 • Reliance Jewels 2570035 • **Shaid Nagar:** Kalyan Jewellers 2542333 • **Station Square:** Tanishq 2534351 • **Cuttack • Buxi Bazaar:** Senco Gold & Diamonds 2417080 • **Cantonment Road:** Khimji Jewellers 3987777 • **Kishore House:** Tanishq 2302036



**ଲଣ୍ଡନ:** ନାରୀ ଶିକ୍ଷାର ପ୍ରସାର ଲାଗି କାର୍ଯ୍ୟ କରିଥିବା ମହାରାଷ୍ଟ୍ରର ଜଣେ ପ୍ରାଥମିକ ସ୍କୁଲ୍ ଶିକ୍ଷକଙ୍କୁ ୧ ନିୟୁତ ଡଲାରର ଗ୍ଲୋବାଲ ଟିଚର ପ୍ରାଇଜ୍ ମିଳିଛି। ସାରା ବିଶ୍ୱରୁ ବଛାଯାଇଥିବା ୧୦ ଫାଇନାଲିଷ୍ଟଙ୍କ ମଧ୍ୟରୁ ସୋଲାପୁର ଜିଲାର ରଞ୍ଜିତ୍‌ସିନ୍ ଦିସାଲେ (୩୨) ବିଜୟୀ ହୋଇଥିଲେ। ଭିକି ଫାଉଣ୍ଡେଶନ ପକ୍ଷରୁ ୨୦୧୪ରେ ଏହି ବାର୍ଷିକ ପୁରସ୍କାର ଆରମ୍ଭ କରାଯାଇଥିଲା।

## ସଂକ୍ଷେପରେ

### ଆମେରିକାରେ ଦିନକରେ ୩,୧୫୭ କରୋନା ମୃତ୍ୟୁ

**ନ୍ୟୁୟର୍କ, ୩।୧୨:** ଆମେରିକାରେ ଗୋଟିଏ ଦିନରେ ସର୍ବାଧିକ ୩,୧୫୭ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ବୁଧବାର ସେଠାରେ ୧,୦୦,୨୨୬ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ଆମେରିକାରେ ବର୍ତ୍ତମାନ ସୁଦ୍ଧା ୧ କୋଟି ୩୯ ଲକ୍ଷ କରୋନା ଆକ୍ରାନ୍ତ ହୋଇଥିବାବେଳେ ୨,୭୩,୭୯୯ ଜଣ ପ୍ରାଣ ହରାଇଲେଣି। ଗତ ଏପ୍ରିଲ ୧୫ରେ ରେକର୍ଡ ୨,୬୦୩ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିଲା। ବୁଧବାର ଏହି ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ପାଇଛି।

### ୧୪ ଯାଏ ହସ୍ପିଟାଲରେ ରହିବେ ୱାରାୱାରା ରାଓ



**ମୁମ୍ବାଇ, ୩।୧୨:** ସାମାଜିକ କର୍ମୀ ୱାରାୱାରା ରାଓଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିଲେ ହେଁ ସେ ୧୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ରହିବେ ବୋଲି ବମ୍ବେ ହାଇକୋର୍ଟ ଗୁରୁବାର ଅନୁମତି ଦେଇଛନ୍ତି। ୨୦୧୭ର ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୮୧ ବର୍ଷୀୟ ୱାରାୱାରାଙ୍କୁ ଗିରଫ କରିଥିଲା। ତାଙ୍କୁ ଡିସେମ୍ବର ୧୪ ପର୍ଯ୍ୟନ୍ତ ନାନାବତୀ ହସ୍ପିଟାଲରେ ରଖିବା ଲାଗି ଜଷ୍ଟିସ୍ ଏସ୍.ଏସ୍. ସିନ୍ଦେ ଏବଂ ଏମ୍.ଏସ୍. କାର୍ନିକଙ୍କ ଖଣ୍ଡପୀଠ କହିଛନ୍ତି। ୧୪ ତାରିଖରେ ତାଙ୍କ ଜାମିନ ଆବେଦନର ଶୁଣାଣି ହେବ। ୱାରାୱାରାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ନଭେମ୍ବର ୧୮ରେ ତାଙ୍କୁ ଜେଲ୍‌ରୁ ନାନାବତୀ ହସ୍ପିଟାଲକୁ ନିଆଯାଇଥିଲା।

### 'କରୋନାରେ ମୃତ ଖବରଦାତାଙ୍କୁ କୋଭିଡ୍ ଯୋଦ୍ଧା ବିବେଚନା କରାଯାଉ'

**ନୂଆଦିଲ୍ଲୀ, ୩।୧୨(ପି.ଟି.):** ଡାକ୍ତର ଓ ଅନ୍ୟ ଜରୁରୀ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଭଳି କରୋନାରେ ପ୍ରାଣ ହରାଉଥିବା ଖବରଦାତାମାନଙ୍କୁ କୋଭିଡ୍ ଯୋଦ୍ଧା ବର୍ଗରେ ସାମିଲ କରିବା ସହ ସେମାନଙ୍କୁ ସମାନ ସୁବିଧା ଯୋଗାଇଦେବା ପାଇଁ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ପିସିଆଇ) କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି। ହରିୟାଣା ସରକାର ଖବରଦାତାମାନଙ୍କ ପାଇଁ ଯେଭଳି ବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି, ସେହିଭଳି ଗ୍ରୁପ୍ ଇନ୍‌ସ୍ୟୁରାନ୍ସ ଯୋଜନା ସାରା ଦେଶରେ ଲାଗୁ କରିବା ପାଇଁ ପିସିଆଇ କେନ୍ଦ୍ର, ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପତ୍ର ଲେଖି ଆହ୍ୱାନ ଦେଇଛି। ଏନେଇ ପିସିଆଇରେ ସର୍ବସମ୍ମତ ସଂକଳ୍ପ ଗୃହୀତ ହୋଇଛି। ପ୍ରେସ୍ ଆସୋସିଏଶନ ଏବଂ ଅନ୍ୟ କେତେକ ଖବରଦାତା ସଂଗଠନ ଏହି ପ୍ରସ୍ତାବ ଆଣିଥିଲେ। ଏନେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ଶାସନ ସଚିବଙ୍କୁ ପିସିଆଇ ପତ୍ର ଲେଖିଛି।

### ତଦନ୍ତ ଉପରେ ସ୍ଥଗିତାଦେଶ ପାଇଁ ଅର୍ଣ୍ଣବଙ୍କ ଆବେଦନ



**ମୁମ୍ବାଇ, ୩।୧୨:** ମୁମ୍ବାଇ ପୋଲିସ ଅନ୍ୱୟ ନାଏକ ଓ ତାଙ୍କ ମାଆଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଯାଇଥିବା ମାମଲାର ତଦନ୍ତ କରୁଥିବାବେଳେ ଏହା ଉପରେ ସ୍ଥଗିତାଦେଶ ଜାରି ଲାଗି ରିପବ୍ଲିକ୍ ଟିଭି ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀ ଗୁରୁବାର ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତଦନ୍ତ ଦାୟିତ୍ୱ ସିବିଆଇ କିମ୍ବା ଅନ୍ୟ କୌଣସି ସ୍ୱାଧୀନ ସଂସ୍ଥାକୁ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ଆସନ୍ତା ୧୦ ତାରିଖରେ ମାମଲାର ଶୁଣାଣି ହେବ। ଉକ୍ତ ମାମଲାରେ ଅର୍ଣ୍ଣବଙ୍କୁ ନଭେମ୍ବର ୪ରେ ଗିରଫ କରାଯାଇଥିବାବେଳେ ୧୧ରେ ଅନ୍ତରୀଣ ଜାମିନ ମିଳିଥିଲା। ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହେବ ବୋଲି ମହାରାଷ୍ଟ୍ର ଗୃହମନ୍ତ୍ରୀ କହିଛନ୍ତି।

# ଆଲୋଚନା ନିଷ୍ଫଳ, ଅଚଳାବସ୍ଥା ଜାରି



ସିଙ୍ଘୁ ବର୍ଡରରେ ନିହାଙ୍ଗ ସମୁଦାୟ 'ଦିଲ୍ଲୀ ଚଲୋ' ବିକ୍ଷୋଭରେ ସାମିଲ ହୋଇଛନ୍ତି।



କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀଙ୍କ ଯୋଗୁ ସୋନିପତ୍ ରାଜପଥରେ ଟ୍ରାଫିକ୍ ଜାମ୍।

**ନୂଆଦିଲ୍ଲୀ,୩।୧୨**

**କୃଷକ ଆନ୍ଦୋଳନ**

୩ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକର ଚାଷୀମାନେ ଚଳାଇଥିବା ଆନ୍ଦୋଳନ ଗୁରୁବାର ଅଷ୍ଟମ ଦିନରେ ପହଞ୍ଚିଛି। ଦିଲ୍ଲୀରୁ ବୁରାଡିସ୍ଥିତ ନିରଙ୍କାରୀ ପଡ଼ିଆ ସମେତ ଜାତୀୟ ରାଜଧାନୀ ସୀମାରେ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଜାରି ରହିଛି। ସରକାର ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସୁନିଶ୍ଚିତ କରିବା ପାଇଁ ନୂଆ ଆଇନ ଆଣନ୍ତୁ ବୋଲି ଚାଷୀମାନେ ଅଡ଼ିବସିଛନ୍ତି। ନଚେତ୍ ଦିଲ୍ଲୀକୁ ସିଲ୍ କରିଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଅଚଳାବସ୍ଥା ଦୂର କରିବା ପାଇଁ କେନ୍ଦ୍ର ସରକାର ଓ ପ୍ରାୟ ୪୦ ଚାଷୀ ନେତାଙ୍କ ମଧ୍ୟରେ ହୋଇଥିବା ଚତୁର୍ଥ ପର୍ଯ୍ୟାୟ ବୈଠକ ନିଷ୍ଫଳ ହୋଇଛି। ଇତିମଧ୍ୟରେ ନୂଆ ଆଇନରେ ମଣ୍ଡି ବ୍ୟବସ୍ଥାକୁ ନେଇ କୃଷକମାନଙ୍କ ଆପତ୍ତି ଶୁଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଟୁଇଟ୍ କରିଛନ୍ତି। ଏବେ ଶନିବାର ହେବାକୁ ଥିବା ବୈଠକକୁ ଅପେକ୍ଷା।

ମିଳିଥିବା ସୂଚନାନୁସାରେ କେନ୍ଦ୍ରମନ୍ତ୍ରୀମାନେ ଉକ୍ତ ବୈଠକରେ ନୂଆ କୃଷି ଆଇନକୁ ନେଇ ବିସ୍ତୃତ ବିବରଣୀ ସହ ଏହା ଚାଷୀଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ବୋଲି ସଫେଇ ଦେଇଥିଲେ। ତେବେ କୃଷକ ନେତାମାନେ ସରକାରଙ୍କ ଆଭିମୁଖ୍ୟକୁ ଖାରଜ କରିଦେଇଥିଲେ। ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋଅର୍ଡିନେଶନ କମିଟି (ଏଆଇକେଏସ୍‌ସିସି) କାର୍ଯ୍ୟକାରୀ ସଦସ୍ୟା ତଥା ମହାରାଷ୍ଟ୍ର ଓ ଗୁଜରାଟର ଚାଷୀଙ୍କ ପ୍ରତିନିଧିତ୍ୱ କରୁଥିବା ଲୋକ ସଂଘର୍ଷ ମୋର୍ଚ୍ଚା ଅଧ୍ୟକ୍ଷା ପ୍ରତିଭା ସିନ୍ଧେ କହିଛନ୍ତି, ଆମ ପକ୍ଷରୁ ଆଲୋଚନା ଶେଷ ହୋଇସାରିଛି। ସରକାର ଆଜି ସମାଧାନର ପନ୍ଥା ବାହାର ନ କଲେ ଆମେ ଆଉ କେନ୍ଦ୍ରର କୌଣସି ବୈଠକରେ ସାମିଲ ହେବୁ ନାହିଁ।

## ପଦ୍ମ ପୁରସ୍କାର ଫେରାଇଲେ ବାଦଲ

**ଚଣ୍ଡିଗଡ଼,୩।୧୨(ପି.ଟି.)**



ପ୍ରକାଶ ସିଂ ବାଦଲ

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ପୁରୁଖା ନେତା ପ୍ରକାଶ ସିଂ ବାଦଲ ଗୁରୁବାର କେନ୍ଦ୍ରର କୃଷି ଆଇନ ପ୍ରତିବାଦରେ ପଦ୍ମ ବିଭୂଷଣ ପୁରସ୍କାର ଫେରସ୍ତ କରିଛନ୍ତି। ଶସ୍ୟ ବିକ୍ରିକୁ ନିୟନ୍ତ୍ରଣମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ କେନ୍ଦ୍ରର ୩ କୃଷି ଆଇନ ପ୍ରତିବାଦରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଏସ୍‌ଏଡି ସମର୍ଥନ ପ୍ରତ୍ୟାହାର କରିବାର ୨ ମାସ ପରେ ବାଦଲ ଏହି ପଦକ୍ଷେପ ନେଇଛନ୍ତି। ସେତେବେଳେ ତାଙ୍କ ବୋହୂ ହରସିମରତ୍ କୌର ବାଦଲ ମଧ୍ୟ କେନ୍ଦ୍ର କ୍ୟାବିନେଟରୁ ଇସ୍ତଫା ଦେଇଥିଲେ।

ଏନେଇ ପ୍ରକାଶ ସିଂ ବାଦଲ କହିଛନ୍ତି, ମୁଁ ଯାହା ବି ହୋଇଛି କେବଳ ଲୋକଙ୍କ ଯୋଗୁ ଓ ବିଶେଷକରି କୃଷକମାନଙ୍କ ପାଇଁ ସମ୍ଭବ ହୋଇଛି। ଆଜି ଯେତେବେଳେ କୃଷକ ତା'ର ସମ୍ମାନ ହରାଇଛି, ମୁଁ ଏହି ପଦ୍ମ ବିଭୂଷଣ ପୁରସ୍କାର ରଖିବାକୁ ଉଚିତ ମଣୁନାହିଁ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଲେଖିଥିବା ଚିଠିରେ ସେ ଉଲ୍ଲେଖ କରିଛନ୍ତି। ବାଦଲଙ୍କୁ ୨୦୧୫ରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ଦିଆଯାଇଥିଲା। ସେହିପରି ରାଜ୍ୟ ସଭା ସଦସ୍ୟ ତଥା ଅସନ୍ତୁଷ୍ଟ ଏସ୍‌ଏଡି ନେତା ସୁଖଦେବ ସିଂ ଧିଣ୍ଡସା ମଧ୍ୟ ଗତବର୍ଷ ପାଇଥିବା ପଦ୍ମ ବିଭୂଷଣ ପୁରସ୍କାର ଫେରାଇଦେବେ ବୋଲି ଘୋଷଣା କରିଛନ୍ତି। ପୂର୍ବରୁ ପଞ୍ଜାବର ଅନ୍ୟ କେତେଜଣ କ୍ରୀଡ଼ାବିତ ମଧ୍ୟ ପୁରସ୍କାର ଫେରସ୍ତ ନେଇ ଚେତାବନୀ ଦେଇଛନ୍ତି।

## ଶାହାଙ୍କୁ ଭେଟିଲେ ଅମରିନ୍ଦର

**ନୂଆଦିଲ୍ଲୀ,୩।୧୨(ପି.ଟି.)**

ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି କେନ୍ଦ୍ରର ବିବାଦୀୟ କୃଷି ଆଇନ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ଶାହା ଓ ବିକ୍ଷୋଭରତ ଚାଷୀଙ୍କୁ ଅଚଳାବସ୍ଥାର ସମାଧାନ ରାସ୍ତା ତୁରନ୍ତ ବାହାର କରିବାକୁ ଅନୁରୋଧ କରିଛନ୍ତି। କୃଷକ ଆନ୍ଦୋଳନ ପଞ୍ଜାବର ଅର୍ଥନୀତି ଓ ଦେଶର ଜାତୀୟ ସୁରକ୍ଷାକୁ ପ୍ରଭାବିତ କରୁଥିବା ସେ କହିଛନ୍ତି।

ଶାହାଙ୍କୁ ଭେଟିବା ପରେ ତାଙ୍କ ବାସଭବନ ଆଗରେ ଅମରିନ୍ଦର କହିଛନ୍ତି, ଏହି ପ୍ରସଙ୍ଗରେ ଉଭୟ ପକ୍ଷ ଜିଦ୍ ରଖିବା ଅନୁଚିତ। ଏକ ମଧ୍ୟମ ପନ୍ଥା ତୁରନ୍ତ ବାହାର କରାଯିବା ଜରୁରୀ। କେନ୍ଦ୍ର ଓ କୃଷକଙ୍କ ମଧ୍ୟରେ ସେ ମଧ୍ୟସ୍ଥତା ପାଇଁ ଉଦ୍ୟମ କରୁଛନ୍ତି କି ବୋଲି ପ୍ରଶ୍ନର ଉତ୍ତରରେ ବରିଷ୍ଠ କଂଗ୍ରେସ ନେତା ଅମରିନ୍ଦର କହିଥିଲେ, ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଚାଲିଛି।



ଅମରିନ୍ଦର ସିଂ  ଅମିତ୍ ଶାହା

### 'ଅନ୍ୟ କିଛି ଗ୍ରହଣ କଲେ ଦେଶ ସହ ବିଶ୍ୱାସଘାତ'

ସମ୍ପୂର୍ଣ୍ଣ କୃଷି ଆଇନ ପ୍ରତ୍ୟାହାର ପରିବର୍ତ୍ତେ ଅନ୍ୟ କିଛି ଗ୍ରହଣ କଲେ ତାହା ଦେଶ ଓ କୃଷକମାନଙ୍କ ସହ ବିଶ୍ୱାସଘାତ ହେବ ବୋଲି ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ମଧ୍ୟରେ ସମାଧାନର ପନ୍ଥା ବାହାର କରିବା ପାଇଁ ଆଲୋଚନା ପରିପ୍ରେକ୍ଷୀରେ ରାହୁଲଙ୍କ ଏହି ମନ୍ତବ୍ୟ ଆସିଛି।

## 'ଆତଙ୍କବାଦକୁ ସମର୍ଥନ ବନ୍ଦ କରୁ ପାକ୍'

**ଜାତିସଂଘ, ୩।୧୨**

**ଦକ୍ଷିଣ ଏସିଆରେ ଶାନ୍ତି ପାଇଁ ଭାରତର ଆହ୍ୱାନ**



ଆଶିଷ ଶର୍ମା

ଦକ୍ଷିଣ ଏସିଆରେ ଶାନ୍ତିର ସଂସ୍କୃତିକୁ ଆଗେଇ ନେବାକୁ ହେଲେ ପାକିସ୍ତାନ ପ୍ରଥମେ ସୀମାପାର ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ କରୁ ବୋଲି ଭାରତ କହିଛି। ବୁଧବାର ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ 'ଶାନ୍ତିର ସଂସ୍କୃତି' ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ଆଶିଷ ଶର୍ମା କହିଥିଲେ, ସାମ୍ପ୍ରତିକ ବିଶ୍ୱରେ ଅସହିଷ୍ଣୁତା, ଘୃଣା, ହିଂସା ଓ ଆତଙ୍କବାଦ ନୀତିରେ ପରିଣତ ହେଲାଣି। ଏହା ନିଃସନ୍ଦେହ ଯେ, ଅସହିଷ୍ଣୁତା ଓ ହିଂସାର ଅଭିବ୍ୟକ୍ତି ଆତଙ୍କବାଦ ସବୁ ଧର୍ମ ଓ ସଂସ୍କୃତିର ବିରୋଧୀ। ଯଦି ପାକିସ୍ତାନ ଭାରତରେ ଧର୍ମ ବିରୋଧରେ ଚଳାଇଥିବା ଘୃଣା ସଂସ୍କୃତିକୁ ପରିବର୍ତ୍ତନ କରେ ଓ ସୀମାପାର ଆତଙ୍କବାଦକୁ ସମର୍ଥନ ବନ୍ଦ କରେ ତେବେ ଦକ୍ଷିଣ ଏସିଆରେ ଶାନ୍ତିର ସଂସ୍କୃତି ଆଣିବା ଲାଗି ଆମେ ଉଦ୍ୟମ କରିପାରିବୁ ବୋଲି ଶର୍ମା କହିଥିଲେ।

## ଲଭ୍ ଜିହାଦ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ଲକ୍ଷ୍ନୌ, ୩।୧୨**

ବଳପୂର୍ବକ ଧର୍ମାନ୍ତରୀକରଣ ବିରୋଧରେ ଉତ୍ତରପ୍ରଦେଶ ସରକାର ନିକଟରେ କାର୍ଯ୍ୟକାରୀ କରିଥିବା ଲଭ୍ ଜିହାଦ ନିରୋଧୀ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହି ଆଇନକୁ ବିରୋଧ କରି ଦୁଇଜଣ ଆଇନଜୀବୀ ଓ ଜଣେ ଆଇନ ଗବେଷକ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଳପୂର୍ବକ ଧର୍ମ ପରିବର୍ତ୍ତନ କରାଇଲେ ନୂଆ ଅଧ୍ୟାଦେଶରେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ବିବାହ ଉଦ୍ଦେଶ୍ୟରେ ଧର୍ମ ପରିବର୍ତ୍ତନକୁ ଜାମିନ ବିହୀନ ଅପରାଧ ବିବେଚନା କରାଯାଇଛି।

## ନିଯୁକ୍ତିଭିତ୍ତିକ ଗ୍ରୀନ୍ କାର୍ଡ ଉପରୁ ସୀମା ହଟିବ

**ମୁମ୍ବାଇ, ୩।୧୨**

**ଆମେରିକା ସିନେଟ୍‌ରେ ବିଲ୍ ଗୃହୀତ**




ନିଯୁକ୍ତି ଭିତ୍ତିକ ଗ୍ରୀନ୍‌କାର୍ଡ ଉପରେ ଥିବା ଦେଶର ସୀମା ହଟାଇବା ପାଇଁ ବୁଧବାର ଆମେରିକା ସିନେଟ୍‌ରେ ଏକ ବିଲ୍ ଗୃହୀତ ହୋଇଛି। ଉଚ୍ଚ କୁଶଳୀ ପ୍ରବାସୀ ଆଇନର ସ୍ୱଚ୍ଛତା ପାଇଁ ଅଣାଯାଇଥିବା ଏହି ବିଲ୍ (ଏସ୍.୩୮୬ ବିଲ୍) ହଜାର ହଜାର ଭାରତୀୟଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି। ଦୀର୍ଘଦଶନ୍ଧି ଧରି ସେମାନେ ଗ୍ରୀନ୍‌କାର୍ଡ ବ୍ୟାକ୍‌ଲଗ୍‌ରେ ଥିଲେ। ସମ୍ପ୍ରତି ଆମେରିକା ବାର୍ଷିକ ଇସ୍ୟୁ କରୁଥିବା ୧,୪୦,୦୦୦ ଗ୍ରୀନ୍ କାର୍ଡରେ ଦେଶର ସର୍ବାଧିକ ସୀମା ୭ ପ୍ରତିଶତ ରହିଛି। ଆମେରିକା ନାଗରିକତ୍ୱ ଓ ଇମିଗ୍ରେଶନ ସେବା (ୟୁଏସ୍‌ସିଆଇଏସ୍) ତଥ୍ୟ ଅନୁଯାୟୀ ଗତ ଏପ୍ରିଲ ସୁଦ୍ଧା ୮ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ନିଯୁକ୍ତିଭିତ୍ତିକ ଇମିଗ୍ରାଣ୍ଟ ଭିଜା (ଗ୍ରୀନ୍‌କାର୍ଡ) ଅପେକ୍ଷାରେ ଥିଲେ। ଏଥିସହିତ ପରିବାର ଭିତ୍ତିକ ଇମିଗ୍ରାଣ୍ଟ ଭିଜା ଦେଶପ୍ରତି ସୀମା ୭ ପ୍ରତିଶତ ଥିଲାବେଳେ ଏହାକୁ ନିର୍ଦ୍ଦିଷ୍ଟ ବର୍ଷରେ ୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଯାଇପାରିବ। ଫଳରେ ଆମେରିକା ଶ୍ରମଶକ୍ତିରେ ଡାକ୍ତର, ସଫ୍ଟୱେର ଡେଭେଲପର ଓ ଅନ୍ୟ ଉଚ୍ଚ କୁଶଳୀ କର୍ମଚାରୀ ଆଦି ଜରୁରୀ ଆବଶ୍ୟକତା ପୂରଣ କରୁଥିବା ହଜାର ହଜାର ପରିଶ୍ରମୀ ପ୍ରବାସୀଙ୍କୁ ଆଇନଗତ ସ୍ୱୀକୃତି ମିଳିପାରିବ ବୋଲି ସିନେଟର କେଭିନ୍ କ୍ରାମର କହିଛନ୍ତି। ଏହି ବିଲ୍ ପୂର୍ବରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଗୃହୀତ ହୋଇଥିଲା।

## ଜାନୁୟାରୀରେ ଦଳ ଗଢ଼ିବେ ରଜନୀକାନ୍ତ

**ଚେନ୍ନାଇ,୩।୧୨**



ତାମିଲନାଡୁ ବିଧାନସଭା ନିର୍ବାଚନ ଆଉ ୫ ମାସ ବାକିଥିବାବେଳେ ସୁପରଷ୍ଟାର ରଜନୀକାନ୍ତ ଆସନ୍ତା ଜାନୁୟାରୀ ମାସରେ ତାଙ୍କର ବହୁ ପ୍ରତୀକ୍ଷିତ ରାଜନୈତିକ ଦଳ ଗଠନ କରିବାକୁ ଯାଉଛନ୍ତି। ନିର୍ବାଚନରେ ତାଙ୍କ ଦଳ ଜବରଦସ୍ତ ବିଜୟ ହାସଲ କରିବ ବୋଲି ସେ ଆଶା ରଖିଛନ୍ତି। ଦଳ ଆଧ୍ୟାତ୍ମିକ ଧର୍ମନିରପେକ୍ଷ ରାଜନୀତିରେ ବିଶ୍ୱାସ କରିବ ଓ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ କାମ କରିବ ବୋଲି ସେ କହିଛନ୍ତି। ରାଜ୍ୟରେ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ସରକାର ଗଠନ କରାଯିବ ଓ ଶାସନରେ ବ୍ୟାପକ ପରିବର୍ତ୍ତନ ଅଣାଯିବ ବୋଲି ରଜନୀକାନ୍ତ ଟୁଇଟ୍‌କରି କହିଛନ୍ତି।

ପରେ ଖବରଦାତାଙ୍କୁ ସେ କହିଛନ୍ତି, ତାମିଲ ଲୋକଙ୍କ ପାଇଁ ଜୀବନକୁ ଉତ୍ସର୍ଗ କରିବା ଲାଗି ମୁଁ ପ୍ରସ୍ତୁତ ଅଛି। ମୋର ବିଜୟ ଓ ପରାଜୟ ଲୋକଙ୍କ ଉପରେ ଛାଡ଼ିଛି। ପ୍ରକାଶଥାଉ କି, ଗତ ଅକ୍ଟୋବରରେ ରଜନୀକାନ୍ତ ସୋସିଆଲ ମିଡିଆରେ ସ୍ୱାସ୍ଥ୍ୟଗତ କାରଣରୁ ରାଜନୈତିକ ଯୋଜନା ସମ୍ପର୍କରେ ଦ୍ୱନ୍ଦ୍ୱରେ ରହିଥିବା କହିଥିଲେ। ପରେ ଏନେଇ ସ୍ପଷ୍ଟ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏବେ ରଜନୀକାନ୍ତଙ୍କ ଘୋଷଣା ପରେ ଭାଜପା ମୁଖପାତ୍ର ନାରାୟଣନ୍ ତିରୁପତି କହିଛନ୍ତି, ଆମକୁ ସମର୍ଥନ ଲାଗି ତାଙ୍କୁ ଅନୁରୋଧ କରାଯିବ। ତାମିଲନାଡୁର ଦୁଇ ଟାଣୁଆ ମୁଖ୍ୟମନ୍ତ୍ରୀ ଜୟଲଳିଥା ଓ ଏମ୍. କରୁଣାନିଧିଙ୍କ ପରଲୋକ ପରେ ୨୦୨୧ ତାମିଲନାଡୁ ନିର୍ବାଚନ ରଜନୀକାନ୍ତଙ୍କ ଲାଗି ନୂଆ ସୁଯୋଗ ଆଣିଛି କହିଲେ ଅତ୍ୟୁକ୍ତି ହେବନାହିଁ।

## ଅପରାଧୀ ବିକିପାରନ୍ତି ନକଲି ଟିକା

**ନୂଆଦିଲ୍ଲୀ, ୩।୧୨(ପି.ଟି.)**

**ସତର୍କ କରାଇଲା ଇଣ୍ଟରପୋଲ୍**




ସାରା ବିଶ୍ୱରେ କୋଭିଡ୍ ଟିକା ପାଇଁ ଯେଉଁଭଳି ଆଗ୍ରହ ପ୍ରକାଶ ପାଉଛି, ଏହାର ଫାଇଦା ନେବାକୁ ସଂଗଠିତ ଅପରାଧ ନେଟ୍‌ୱର୍କଗୁଡ଼ିକ ଉଦ୍ୟମ କରିପାରନ୍ତି। ସେମାନେ ନକଲି କୋଭିଡ୍ ଟିକା ଦୋକାନ ମାଧ୍ୟମରେ କିମ୍ବା ଇଣ୍ଟରନେଟ୍‌ରେ ବିକ୍ରି କରିପାରନ୍ତି ବୋଲି ଇଣ୍ଟରପୋଲ୍ ବିଭିନ୍ନ ଦେଶର ଆଇନ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ ସତର୍କ କରାଇଦେଇଛି। ଏନେଇ ଇଣ୍ଟରପୋଲ ଏହାର ସମସ୍ତ ୧୯୪ ସଦସ୍ୟ ରାଷ୍ଟ୍ରକୁ ଅରେଞ୍ଜ ନୋଟିସ ଜାରି କରିଛି।

କୋଭିଡ୍-୧୯ ଓ ଫ୍ଲୁ ଭାକ୍ସିନ୍‌ର ଜାଲିଆତି, ଚୋରି ଓ ବେଆଇନ ବିଜ୍ଞାପନ ଭଳି ଆପରାଧିକ କାର୍ଯ୍ୟକୁ ରୋକିବା ଲାଗି ପ୍ରସ୍ତୁତ ରହିବାକୁ ଇଣ୍ଟରନ୍ୟାଶନାଲ ପୋଲିସ କୋଅପରେଶନ ସଂସ୍ଥା ସତର୍କ କରାଇଦେଇଛି। ଏପରିକି ବ୍ୟକ୍ତିବିଶେଷ ମଧ୍ୟ ଜାଲ୍ ଟିକାର ବିଜ୍ଞାପନ ଦେବା ସହ ବିକ୍ରି କରିପାରନ୍ତି। ଏଭଳି ଜାଲ୍ ଟିକା ଜନସାଧାରଣଙ୍କ ନିରାପତ୍ତା ପ୍ରତି ସାଂଘାତିକ ବିପଦ ଡାକିଆଣିବ। ଏନେଇ ସିବିଆଇକୁ ଇଣ୍ଟରପୋଲ୍ ସହ ସମନ୍ୱୟ ରଖିବା ଲାଗି କୁହାଯାଇଛି।

ଆମେରିକାକୁ ପଛରେ ପକାଇ ପ୍ରଥମ ରାଷ୍ଟ୍ର ଭାବେ ବ୍ରିଟେନ ଫାଇଜର ପ୍ରସ୍ତୁତ କରୋନା ଟିକାକୁ ବ୍ୟବହାର ଲାଗି ମଞ୍ଜୁରୀ ପ୍ରଦାନ କରିବା ପରେ ଇଣ୍ଟରପୋଲ ଏଭଳି ସତର୍କ ସୂଚନା ଜାରି କରିଛି। ଯୋଗାଣ ଶୃଙ୍ଖଳର ନିରାପତ୍ତା ନିଶ୍ଚିତ କରିବା ସହ ଜାଲ୍ ସାମଗ୍ରୀ ବିକ୍ରି କରୁଥିବା ବେଆଇନ ୱେବ୍‌ସାଇଟଗୁଡ଼ିକୁ ଚିହ୍ନଟ କରିବା ଲାଗି ପୋଲିସ ସଂଗଠନଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସେହିପରି ଅପରାଧ ନେଟ୍‌ୱର୍କଗୁଡ଼ିକ ଜାଲ୍ ୱେବ୍‌ସାଇଟ ଓ ମିଥ୍ୟା ଚିକିତ୍ସା ଜରିଆରେ ସନ୍ଦେହ କରାଯାଉ ନ ଥିବା ବ୍ୟକ୍ତିବିଶେଷଙ୍କୁ ଟାର୍ଗେଟ କରିପାରନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ଗୁରୁତର ବିପଦ ଆଣିବା ଆଶଙ୍କା ରହିଛି ବୋଲି ଇଣ୍ଟରପୋଲ ମହାସଚିବ ଜୁର୍‌ଗେନ୍ ଷ୍ଟକ୍ କହିଛନ୍ତି।

### ଭାରତରେ ମାସ ଶେଷ ସୁଦ୍ଧା ଟିକାକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୩।୧୨(ପି.ଟି.)**

ଭାରତରେ ଏବେ ୫ଟି କରୋନା ଟିକାର ପରୀକ୍ଷା ବିଭିନ୍ନ ପର୍ଯ୍ୟାୟରେ ଚାଲିଛି। ସେଗୁଡ଼ିକୁ ଉଭୟ ସହର ଓ ଗ୍ରାମାଞ୍ଚଳକୁ ସହଜରେ ଯୋଗାଇଦିଆଯାଇପାରିବ ବୋଲି ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ ଗୁଲେରିଆ ଗୁରୁବାର କହିଛନ୍ତି। ପରୀକ୍ଷା ଚାଲିଥିବା ୫ ଟିକା ମଧ୍ୟରୁ ଅନ୍ତତଃ ଗୋଟିଏକୁ ଚଳିତ ମାସ ଶେଷ କିମ୍ବା ଆସନ୍ତା ମାସରେ ଜରୁରୀ ବ୍ୟବହାର ଲାଗି ଅନୁମତି ମିଳିଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମଞ୍ଜୁରୀ ମିଳିବା ପରେ ଏହାକୁ ପ୍ରାଥମିକତା ଭିତ୍ତିରେ ବିଭିନ୍ନ ବର୍ଗର ଲୋକଙ୍କୁ ଯୋଗାଇ ଦିଆଯିବ।

### ସରକାରଙ୍କ ସହ ଆଲୋଚନା କରିବ ଫାଇଜର

**ନୂଆଦିଲ୍ଲୀ, ୩।୧୨(ପି.ଟି.)**

ଭାରତକୁ ଟିକା ଯୋଗାଇବା ଲାଗି ସରକାରଙ୍କ ସହ ଆଲୋଚନା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ଗୁରୁବାର ଆମେରିକାର ବୃହତ୍ ଔଷଧ କମ୍ପାନୀ ଫାଇଜର କହିଛି। ବ୍ରିଟେନରେ ଏହି ଟିକା ବ୍ୟବହାର ଲାଗି ମଞ୍ଜୁରୀ ମିଳିଥିବାବେଳେ ଭାରତ ସହ କଥାବାର୍ତ୍ତା ଆଗେଇ ପାରିନାହିଁ। ଏବେ ଟିକା ଯୋଗାଣ ନେଇ ବିଭିନ୍ନ ଦେଶ ସହ ଆଲୋଚନା ଜାରି ରହିଛି। ସେହି କ୍ରମରେ ଭାରତ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ଫାଇଜର ମୁଖପାତ୍ର କହିଛନ୍ତି। ମହାମାରୀ ସମୟରେ ଫାଇଜର କେବଳ ସରକାରୀ ଚୁକ୍ତି ଆଧାରରେ ଟିକା ଯୋଗାଇଦେବ।



Toll Free No.: 1800 345 0018
www.arundhatijewellers.com
Arundhati JEWELLERS
Shine & Sparkle
New Year Happiness Flash Sale
Starting from 2nd December, 2020
FLAT ₹399/-*
MC on Gold Regular Jewellery
2% Flat Extra Value on Old Gold Exchange
UPTO 50% OFF On Silver MC
UPTO 20% OFF On Diamond Value
CASH BACK UPTO 20% on your Paytm
UPTO 10% OFF on Gold & Silver MC
UPTO 5% OFF on Diamond MC
ON ICICI BANK DEBIT CARD & CREDIT CARD
Unique & Premium Gold Jewellery Collections
AMEYAA Launched on 4th November, 2020
BHUBANESWAR | SAMBALPUR | BALANGIR |
BARGARH | BHAWANIPATNA | BERHAMPUR (opening shortly)




ରେମ୍‌ଡେସିଭିର୍*
ଇଂଜେକ୍ସନ୍ ପାଇଁ 100 ମିଗ୍ରା/ ଭାୟଲ୍ ଆଇଭି ଇନ୍‌ଫ୍ୟୁଜନ୍ ନିମନ୍ତେ ଇଂଜେକ୍ସନ୍ ପାଇଁ ଲିଓଫିଲାଇଜଡ ପାଉଡର୍
ଆସନ୍ତୁ ଏକାଠି
କୋଭିଡ୍-19 ସହ ଲଢ଼ିବା
ରେମଡେସିଭିର ର
ଉପଲବ୍ଧତା ସମ୍ପର୍କରେ ସୂଚନା ପାଇଁ
ଆପଣ 24x7 ଆମ ପାଖରେ ପହଞ୍ଚିପାରିବେ
78299 80066
ଯେ କୌଣସି ପ୍ରକାର ସହାୟତା ପାଇଁ ଆପଣ ଆମକୁ
info@mylanremdesivir.co.in ରେ ଲେଖିପାରିବେ ।
*ମଧ୍ୟମ ଏବଂ ଗୁରୁତର ରୋଗରେ ଡାକ୍ତରଖାନାରେରେ ରହି ଚିକିତ୍ସିତ ହେଉଥିବା ପ୍ରାପ୍ତ ବୟସ୍କ ଏବଂ ପିଲାମାନଙ୍କ ଠାରେ ସନ୍ଦେହ କରାଯାଉଥିବା କିମ୍ବା ଲାବୋରେଟୋରିରେ ନିଶ୍ଚିତ ହୋଇଥିବା କରୋନା ଭୂତାଣୁ ରୋଗ 2019 (କୋଭିଡ୍ -19)ର ଚିକିତ୍ସା ନିମନ୍ତେ ।
ମାଇଲାନ୍, ଏକ ଭିଏଟ୍ରିସ୍ କମ୍ପାନୀ
VIATRIS




DSPL-120
ଓଡ଼ିଶା ସରକାର
ସୁନ୍ଦରଗଡ଼
ସ୍ୱଚ୍ଛ • ସୁନ୍ଦର
ସୁନ୍ଦରଗଡ଼
ସ୍ୱଚ୍ଛ ସୁନ୍ଦରଗଡ଼ ପାଇଁ ସୁନ୍ଦର ପଦକ୍ଷେପ
ରାଉରକେଲା ମହାନଗର ନିଗମ, ବୀରମିତ୍ରପୁର ପୌରପାଳିକା ଏବଂ କୋଇଡ଼ା ଓ କୁତ୍ରା ବ୍ଲକ୍‌ରେ ପରିମଳ ସେବା ପାଇଁ ନିୟୋଜିତ ୧୯୦ଟି ଅତ୍ୟାଧୁନିକ ମେସିନ ଓ ଗାଡ଼ି, ୪ଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର, ୨୨ଟି ପରିଚୟ ଓ ମିଶନ ଶକ୍ତି ଗୃହ, ପାନପୋଷ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଲୋକାର୍ପଣ
୪ ଡିସେମ୍ବର ୨୦୨୦ || ସନ୍ଧ୍ୟା ୫ଟା
ଅତ୍ୟାଧୁନିକ ପରିମଳ ସେବା
ବଦଳିବ ସୁନ୍ଦରଗଡ଼ ଜିଲ୍ଲା
ମିଶନ ଶକ୍ତି
ମା'ମାନଙ୍କ ଦ୍ୱାରା
ପରିମଳ ପରିଚାଳନା
ସ୍ୱଚ୍ଛ ସୁନ୍ଦରଗଡ଼ ସୁନ୍ଦର
ସ୍ୱଚ୍ଛତା | ସୁରକ୍ଷା | ସମ୍ମାନ
ଜିଲ୍ଲା ପ୍ରଶାସନ
ସୁନ୍ଦରଗଡ
OIPR-24063/13/0001/2021

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ସତ୍ୟ ନାରାୟଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁଣି ୧୪ କ୍ରଶର ଭଙ୍ଗାଗଲା, ସିଲ୍ ହେଲା ୨୩

**ଧର୍ମଶାଳା/ଜେନାପୁର, ୩।୧୨ (ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅଧୀନରେ ରହିଥିବା ବେଆଇନ କ୍ରଶରଗୁଡ଼ିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଜାରିରହିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବିଛାଖଣ୍ଡି ମୌଜାରୁ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୁରୁବାର ଅଞ୍ଜିରା ଓ କୁସୁନପୁର ମୌଜାରେ ୧୪ କ୍ରଶର ଭଙ୍ଗାଯାଇଥିବାବେଳେ ୨୩ଟିକୁ ସିଲ୍ କରାଯିବା ସହିତ ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି।

ପୂର୍ବାହ୍ନରେ ଯାଜପୁର ଏଡିଏମ୍ ଅକ୍ଷୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଧର୍ମଶାଳା ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି, ଜେନାପୁର ଆଇଆଇସି ଆଶିଷ କୁମାର ସାହୁଙ୍କୁ ନେଇ ଗଠିତ ଟାସ୍କ ଫୋର୍ସ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଆଇନଶୃଙ୍ଖଳାକୁ ନଜରରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୩ ଜେସିବି ମେଶିନ ସହାୟତାରେ ବେଆଇନ କ୍ରଶର ଭଙ୍ଗାଯାଇଥିଲା। ସେହିପରି ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିଥିବା ୨୩ କ୍ରଶରକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇ ୧୪୪ ଧାରା ଜାରି କରାଯାଇଛି। ଅନ୍ୟପଟେ ଧର୍ମଶାଳା ତହସିଲରେ ବେଆଇନ ଭାବେ ଗଢିଉଠିଥିବା କ୍ରଶରଗୁଡ଼ିକୁ ହବ୍ ମାଧ୍ୟମରେ ଗୋଟିଏ ସ୍ଥାନରେ ଥଇଥାନ କରିବା ପାଇଁ ପ୍ରଶାସନ ପକ୍ଷରୁ କ୍ରଶରମାଲିକଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ପ୍ରତିଶ୍ରୁତି ମୁତାବକ କ୍ରଶର ହବ୍ ପାଇଁ ଅଞ୍ଜିରା, ଅଁଳାଝରି, ଆରୁହା ମୌଜାରେ ଇଡ୍‌କୋ ପକ୍ଷରୁ ୧୫୯ ଏକର ଜମି ନିଆଯାଇଛି। ଏଥିଲାଗି ଇଡ୍‌କୋ ୬ କୋଟି ୫୭ ଲକ୍ଷ ଟଙ୍କା ଜମା କରିଛି। ଉକ୍ତ ୪ଗୋଟି ସ୍ଥାନରେ ପ୍ରତି କ୍ରଶର ପାଇଁ ୭୫ ଡେସିମିଲ ହିସାବରେ ୧୫୯ କ୍ରଶରକୁ ଥଇଥାନ ପାଇଁ ସ୍ଥିର କରାଯାଇଛି। ଇଡ୍‌କୋ ନେଇଥିବା ଜାଗାରେ କ୍ରଶର ବସାଇବା ଲାଗି ୧୬୦ କ୍ରଶର ମାଲିକ ଆବେଦନ କରିଛନ୍ତି। ତେବେ ଅଦ୍ୟାବଧି କାହାରିକୁ ଜମି ଦିଆଯାଇ ନାହିଁ। ଶୁକ୍ରବାର ମଧ୍ୟ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ଏଡିଏମ୍ ମଲିକ ସୂଚନା ଦେଇଛନ୍ତି।


କ୍ରଶର ଉଚ୍ଛେଦ ବେଳେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

- **ସିଲ୍ କରାଯାଇଥିବା କ୍ରଶର ଅଞ୍ଚଳରେ ୧୪୪ ଧାରା**
- **କ୍ରଶର ମାଲିକଙ୍କୁ ଗୋଟିଏ ସ୍ଥାନରେ ଥଇଥାନ ପାଇଁ ପ୍ରତିଶ୍ରୁତି**

# ଦଶପଲ୍ଲା ଖବରଦାତାଙ୍କ ପିତୃ ବିୟୋଗ

**ନୟାଗଡ଼ ଅଫିସ,୩।୧୨**

ଦଶପଲ୍ଲାର ଧରିତ୍ରୀ ଖବରଦାତା ପ୍ରକାଶ ପାଣିଙ୍କ ପିତା ମୁରଲୀଧର ପାଣି(୯୩)ଙ୍କର ବୁଧବାର ରାତି ପ୍ରାୟ ସାଢ଼େ ୩ଟାରେ ପରଲୋକ ହୋଇଛି। ଗୁରୁବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ମୃତଦେହ ସଂସ୍କାର କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ଦଶପଲ୍ଲା କୃଷ୍ଣଚନ୍ଦ୍ରପୁର ପାଟଣାର ମୁରଲୀଧର ବ୍ଲକର ପ୍ରଥମ ଖବରଦାତା ଥିଲେ। ସେ ମାତୃଭୂମି, ପ୍ରଗତିବାଦୀ, ପ୍ରଜାତନ୍ତ୍ର ଓ ଧରିତ୍ରୀରେ କାର୍ଯ୍ୟ କରି ୧୯୯୦ରେ ଅବସର ନେଇଥିଲେ।



# ଆକାଉଣ୍ଟ, ପଲିସି ସିଲ୍ ଲାଗି ଚିଠି

## ବ୍ରହ୍ମପୁରରେ ପାଠକ ଦୁର୍ନୀତିର ଖୋଲତାଡ଼

**ବ୍ରହ୍ମପୁର ଅଫିସ,୩।୧୨**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ତାଙ୍କ ଦୁର୍ନୀତିର ଖୋଲତାଡ ଭିଜିଲାନ୍ସ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଚଳାଇଛନ୍ତି। ଏସ୍‌ଆଇଟି ଗୁରୁବାର ଅଭୟକାନ୍ତ ଓ ତାଙ୍କ ପରିବାରଙ୍କ ନାଁରେ ବ୍ରହ୍ମପୁର, ଭୁବନେଶ୍ୱର ଓ ପୁଣେରେ ରହିଥିବା ୨ ବ୍ୟାଙ୍କର ୭ ଆକାଉଣ୍ଟ ଓ ୬ ପଲିସି ସିଲ୍ କରିବାକୁ ଚିଠି ଲେଖିଛନ୍ତି।

ପ୍ରକାଶ ଯେ, ବ୍ରହ୍ମପୁର ଏସ୍‌ବିଆଇରେ ଅଭୟକାନ୍ତଙ୍କ ନାଁରେ ଗୋଟିଏ, ପୁଅ ଆକାଶଙ୍କ ନାଁରେ ଗୋଟିଏ ଏବଂ ଝିଅ ଜୁହି ପାଠକଙ୍କ ନାଁରେ ୨ଟି ଆକାଉଣ୍ଟ ରହିଛି। ସେହିପରି ଭୁବନେଶ୍ୱର ଶହୀଦନଗର ଆଇସିଆଇସିଆଇରେ ଅଭୟଙ୍କ ନାଁରେ ୨ ଓ ପୁଣେରେ ଗୋଟିଏ ଆକାଉଣ୍ଟ ରହିଛି। ଆଇସିଆଇସିଆଇ ପ୍ରୁଡେନ୍‌ସିଆଲରେ ଅଭୟକାନ୍ତଙ୍କ ନାଁରେ ୫ ପଲିସି ଥିବା ବେଳେ ବଜାଜ୍ ଆଲିଆଞ୍ଜରେ ଆକାଶଙ୍କ ନାଁରେ ଗୋଟିଏ ପଲିସି ରହିଛି । ଏ ସମସ୍ତ ଆକାଉଣ୍ଟ ଏବଂ ପଲିସି ସିଲ୍ କରିବାକୁ ଭିଜିଲାନ୍ସ ଚିଠି କରିଛି ବୋଲି ଭିଜିଲାନ୍ସ ଏସ୍‌ଆଇଟିର ନେତୃତ୍ୱ ନେଇଥିବା ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ପାଢୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭୟକାନ୍ତ ଗଞ୍ଜାମରେ ପ୍ରାୟ ୮ବର୍ଷ କାଳ ବନ ବିଭାଗର ବିଭିନ୍ନ ପଦ ପଦବୀରେ ଥିବା ସମୟରେ ଦୁର୍ନୀତି ଓ କେଳେଙ୍କାରୀର ମୂଳଦୁଆ ପଡିଥିଲା ବୋଲି କୁହାଯାଉଛି। ଗତ ମଙ୍ଗଳବାରଠାରୁ ଏହି ଟିମ୍ ବ୍ରହ୍ମପୁରରେ ତାଙ୍କ କାରନାମା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାରେ ଲାଗିଛି। ଏହା ସହିତ ମାମଲାର ବିଭିନ୍ନ ଦିଗ ଉପରେ ମଧ୍ୟ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ଆରମ୍ଭ ହେଲା ଡିମାର୍କେଶନ

## ଆନ୍ଧ୍ର-ଓଡ଼ିଶା ସୀମା ବିବାଦ

**ପଟାଙ୍ଗୀ, ୩।୧୨(ଡି.ଏନ.ଏ.)**

ଆନ୍ଧ୍ର-ଓଡ଼ିଶା ସୀମା ବିବାଦର ସମାଧାନ ଲାଗି ପ୍ରୟାସ ଆରମ୍ଭ ହୋଇଛି। କୋରାପୁଟ ଜିଲା ପଟାଙ୍ଗୀ ସଂଲଗ୍ନ ବିବାଦୀୟ ଜମି ଅଞ୍ଚଳରେ ବିବାଦ ପ୍ରଶମିତ କରିବାକୁ ଉଭୟ ରାଜ୍ୟର ଅଧିକାରୀମାନେ ଗୁରୁବାର ଆଲୋଚନା କରିଛନ୍ତି। ସମସ୍ୟା ସମାଧାନ ହେବା ଯାଏ ଶାନ୍ତି ପ୍ରତିଷ୍ଠା ସହ ଭାଇଚାରା ବଜାୟ ରଖିବାକୁ ସୀମାନ୍ତବାସୀଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଅଣାଯାଇଥିବା ସେଟଲମେଣ୍ଟ ମ୍ୟାପ ଦେଖିବା ପରେ ଆନ୍ଧ୍ର ଅଧିକାରୀମାନେ ସମ୍ପାଇ ପଞ୍ଚାୟତର ନୂଆଗୁଡ଼ା ଗ୍ରାମ ନିକଟବର୍ତ୍ତୀ ପାହାଡ଼ ଉପରେ ପୋତାଯାଇଥିବା ପଥର ଚିହ୍ନକୁ ଚିହ୍ନଟ କରି ଡିମାର୍କେଶନ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଆନ୍ଧ୍ରପ୍ରଦେଶର ପାଡେରୁ ଉପଜିଲାପାଳ କେ. ଲକ୍ଷ୍ମୀ ଶିବାଜ୍ୟୋତି କହିଛନ୍ତି, ଉଭୟ ରାଜ୍ୟ ମଧ୍ୟରେ କୌଣସି ମନାନ୍ତର ନାହିଁ। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି, ଡିମାର୍କେଶନ କାର୍ଯ୍ୟ ଆରମ୍ଭ ହୋଇଛି। ଉଭୟ ରାଜ୍ୟ ମଧ୍ୟରେ କୌଣସି ସୀମା ଚିହ୍ନଟ କରାଯାଇନାହିଁ। ଡିମାର୍କେଶନ କାର୍ଯ୍ୟ ସରିଲା ପରେ ସୀମା ଚିହ୍ନଟ କରାଯିବ।

ସୂଚନାଯୋଗ୍ୟ, କୋରାପୁଟ ଜିଲା ପଟାଙ୍ଗୀ ବ୍ଲକର ସମ୍ପାଇ ପଞ୍ଚାୟତ ଅଧୀନ ସୁନାବେଡ଼ା ଗ୍ରାମବାସୀ ଏବଂ ବିଶାଖାପାଟଣା ଜିଲା ଡୁମୁରିଗୁଡା ବ୍ଲକର ବିଟୁଗାଣ୍ଡା, କର୍ଲାପୁଟ, ଡେକାପାର, ବଡଲାମ୍ବଗୁଡା, ନିଟାଆମ୍ବ ଗ୍ରାମବାସୀଙ୍କ ମଧ୍ୟରେ ଚାଷଜମି ସୀମାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଜଟିଳ ରୂପ ଧାରଣ କରିବାରେ ଲାଗିଛି। ଏହାକୁ ପ୍ରଶମିତ କରିବାକୁ ବିଶାଖାପାଟଣା ଜିଲାପାଳ ଭି.ବିନାୟ ଚନ୍ଦଙ୍କ ଦ୍ୱାରା ଧାର୍ଯ୍ୟ ସମୟ ଅନୁସାରେ ସେଠାକାର ପ୍ରଶାସନିକ ଅଧିକାରୀ ଏବଂ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ୧୬ଜଣିଆ ଟିମ୍ ଆଲୋଚନା କରିଥିଲେ।

ଜିଲାପାଳ ମିଶ୍ରଙ୍କ ସମେତ ଏସ୍‌ପି ମୁକେଶ କୁମାର ଭାମୋ, ଏଡିଏମ୍ ଦେବେନ କୁମାର ପ୍ରଧାନ, ଉପଜିଲାପାଳ ଲଳିତ କୁମାର କଅଁର, ଜୟପୁର ଉପଜିଲାପାଳ ହେମକାନ୍ତ ସାଏ, ଡେପୁଟି କଲେକ୍ଟର ଅର୍ଚ୍ଚନା ଦାଶ, ପଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ଏସିଏଫ୍ ଆର୍.କେ. ନାଗ, ଏସ୍‌ଡିପିଓ ନିରଞ୍ଜନ ବେହେରା, ରେଞ୍ଜର ଚନ୍ଦ୍ରସେନ ପୂଜାରୀ, ଥାନାଧିକାରୀ ବିଜୟରାଜ ମାଝି, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସମ୍ପାଇ ସରପଞ୍ଚ ପିଲୁକୁ ଗୁଣ୍ଟା, ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୁକ୍ରା ଖରା, କଂଗ୍ରେସ ସେବା ଦଳର ଗୋବିନ୍ଦ ଖରା ଏବଂ ଆନ୍ଧ୍ରପ୍ରଦେଶ ପ୍ରଶାସନର ପାଡେରୁ ଉପଜିଲାପାଳଙ୍କ ସମେତ ଡିଏଫ୍‌ଓ ବିନୋଦ କୁମାର, ତହସିଲଦାର ଜୟ ପ୍ରକାଶ, ସର୍ଭେ ଆସିଷ୍ଟାଣ୍ଟ ଡାଇରେକ୍ଟର କିଶୋର କୁମାର, ଡେପୁଟି ଇନ୍ସପେକ୍ଟର ବି.ଏନ୍.ଏସ୍. ପ୍ରସାଦ, ରେଞ୍ଜର ଚନ୍ଦ୍ରଶେଖର, ଆଇଟିଡିଏ ପିଏ ଡାକ୍ତର ଏଙ୍କେଟେଶ୍ୱରଲୁ, ସିଆଇ ପାଇଡାୟା,ଏସ୍‌ଆଇ ଗୋମାଲ ରାଓ ପ୍ରମୁଖ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ତେବେ ଅଧିକାରୀଙ୍କ ଆଲୋଚନାରୁ କୌଣସି ସମାଧାନର ପନ୍ଥା ମିଳି ନ ଥିବା ଜଣାପଡ଼ିଛି।

# ସୁନା ଠକେଇ ଉଦ୍ୟମ ବିଫଳ

## ଧରାପଡ଼ିଲେ ୩ ବଙ୍ଗୀୟ ମହିଳା

**ଭଦ୍ରକ ଅଫିସ, ୩।୧୨**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀତାଲ ବଜାରରେ ଥିବା ମା' ତାରିଣୀ ଜୁଏଲେରୀରୁ ସୁନା ଠକେଇ ଉଦ୍ୟମ କରି ୩ ବଙ୍ଗୀୟ ମହିଳା ଧରାପଡ଼ିଛନ୍ତି। ଗିରଫ ମହିଳାମାନେ ହେଲେ କଲିକତା ୨୪ ପ୍ରଗଣା ଅଞ୍ଚଳର ସକିଲା ବିବି, ସଲିମା ବିବି ଓ ରୀନାମଣି।

ଉକ୍ତ ମହିଳା ୩ ଜଣ ମା' ତାରିଣୀ ଜୁଏଲେରୀରେ ପହଞ୍ଚି ସୁନା ମୁଦି କିଣିବାପାଇଁ ମାଲିକ ପ୍ରଦୀପ ସାହୁଙ୍କୁ କହିଥିଲେ। ଜୁଏଲେରୀ ମାଲିକ ମୁଦି ଦେଖାଇବା ସମୟରେ ସେମାନେ ଏକ ମୁଦିକୁ ଲୁଚାଇ ତା ବଦଳରେ ଅନ୍ୟ ଏକ ନକଲି ସୁନା ମୁଦି ରଖି ଖସିଯିବାକୁ ବସିଥିଲେ। ଜୁଏଲେରୀ ମାଲିକ ଏହା ଜାଣିପାରି ସେମାନଙ୍କୁ ଅଟକାଇବା ସହ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ୩ ମହିଳାଙ୍କୁ ଥାନାକୁ ନେଇ ଅଧିକ ତଦନ୍ତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୬୭୯/୨୦) ରୁଜୁ ହେବା ସହ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଆଲୋକ କୁମାର ଜେନା ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଦିନଟି ଭଲରେ କଟିବ। ତରବରିଆ ନ ହୋଇ ସ୍ଥିର ପଦକ୍ଷେପ ନେଲେ ଉପକୃତ ହେବେ। ଦୂରଯାତ୍ରାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତ କହି ବିରୋଧୀ ହେବେ। ଶିଳ୍ପ, ବାଣିଜ୍ୟ, କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଅପରାହ୍ନରେ ଆକସ୍ମିକ ଭାବେ ଜଣେ ବ୍ୟକ୍ତିଙ୍କ ସହ ବନ୍ଧୁତା ହେବ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟାରମ୍ଭର ପରକ୍ଷଣରେ ତାହା ଜଟିଳ ଆଡକୁ ଗତି କରିବ। ରୋହିଣୀ ନକ୍ଷତ୍ରର ଅର୍ଥ, ଭୋଗ ବିଳାସ ମଧ୍ୟରେ ସମୟଟି ଭଲରେ ଅତିବାହିତ ହେବ। ଆନୁଷ୍ଠାନିକ କ୍ଷେତ୍ରରେ କାମ କରିବାର ସୁଯୋଗ ପାଇବା ସଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**ମିଥୁନ** ସକାଳୁ ସକାଳୁ ହଠାତ୍ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ ସମସ୍ୟାରେ ପଡ଼ିପାରନ୍ତି। ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** କର୍ମକ୍ଷେତ୍ରରେ ମଜାଳିଆ କଥା କହି ମନ ଜିଣିବେ। ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିବେ। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କୌଣସି କାମ ସକାଶେ ଇଚ୍ଛା ନ ଥିଲେ ମଧ୍ୟ ପରିବାରରେ ଡରିମରି କାମ କରିବାକୁ ବାଧ ହୋଇପାରନ୍ତି।

**ସିଂହ** ଅତୀତର ଘଟଣାଗୁଡିକର ସମୀକ୍ଷାଜନିତ କୌଣସି ଅସୁବିଧା ନ ଥାଇ ମଧ୍ୟ ମନ ବିଚଳିତ ହେବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବାର ସୁଯୋଗ ପାଇପାରନ୍ତି।

**କନ୍ୟା** ଭାବୁଥିବା କାମଟି ବିଧିବଦ୍ଧ ଭାବେ ନ କରିବାରୁ ସୁଯୋଗ ହାତଛଡା ହୋଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**ତୁଳା** ସମ୍ପର୍କୀୟଙ୍କ ଶତ୍ରୁତା ଯୋଗୁ ବିଚଳିତବୋଧ କରିବାକୁ ପଡିବ। ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ। ମାତ୍ର ନିଜକୁ ଟିକେ ନରମି କହିବାକୁ ପଡିପାରେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଆପଣଙ୍କ କାମରେ ସହଯୋଗ କରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ପରିସ୍ଥିତି ଗମ୍ଭୀର ରହିବ ଓ ଅଭାବ ପରିଲକ୍ଷିତ ହେବ।

**ବିଛା** ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକ ହିଁ ପ୍ରତିବନ୍ଧକ ସୃଷ୍ଟି କରିବେ। ଅଫିସ୍‌ରେ ଥିବା ସମୟରେ ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମିତ ହେବେ। କର୍ମକ୍ଷେତ୍ରରେ ସରକାରୀ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଅନୁକମ୍ପାରୁ ଉପକୃତ ହେବ। ପର କଥାରେ ପଡି ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ନିଜ ପରିସରରେ ପ୍ରତିଷ୍ଠିତ ହେବେ। ବନ୍ଧୁମାନଙ୍କ ଆହ୍ୱାନ କ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବେ।

**ମକର** ଆଶା ପୂରଣ ହେବାରେ ଜଣେ ବାଲ୍ୟ ବନ୍ଧୁ ସାହାଯ୍ୟ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ। ସଭାସମିତି, ଆଲୋଚନା, ଗଠନମୂଳକ କାମ, ଲେଖାପଢା କ୍ଷେତ୍ରରୁ ଶୁଭଫଳ ପାଇବେ। ମାଙ୍ଗଳିକ ଉତ୍ସବ କିମ୍ବା ସାଂସ୍କୃତିକ ଅନୁଷ୍ଠାନର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**କୁମ୍ଭ** ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ କାରଣରୁ ପରିବାରରେ ବିଶୃଙ୍ଖଳା ଦେଖାଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା ଅଦଳ ବଦଳ ହୋଇଯାଇପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି।

**ମୀନ** ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ମିଠା କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କଳା, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନରେ ନିଜକୁ ନିୟୋଜିତ କରିପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ରାଶିନକ୍ଷତ୍ର-ଦିବା ଘ.୦୧.୩୮ମି. ପର୍ଯ୍ୟନ୍ତ ପୁନର୍ବସୁ/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୧୦ ମି. ଗତେ ଘ.୦୬.୫୪ମି. ମଧ୍ୟେ, ଘ.୦୭.୩୭ମି. ଗତେ ଘ.୦୯.୪୮ମି. ମଧ୍ୟେ, ଘ.୧୧.୫୮ମି. ଗତେ ଘ.୦୨.୫୨ମି. ମଧ୍ୟେ, ଘ.୦୩.୩୬ମି. ଗତେ ଘ.୦୫.୦୩ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୧୫ମି. ଗତେ ଘ.୧୧.୩୬ମି. ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**




## SALE

ଭୁବନେଶ୍ୱର **AIIMS Hospital** ନିକଟରେ **30'** ରାସ୍ତାଥାଇ **plot immediate registration/ possession. 9937819395.** D-70117

Plot for sale at Gangotri Nagar, Lingipur. No Broker. Ph-7978627900. D-67769

**Booking open for 3BHK luxurious & premium flat at Surya Nagar, Bhubaneswar, Genuine buyer contact- DEEPAK- 9937329999.** D-69939

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

ଭୁବନେଶ୍ୱର ଚନ୍ଦକାଛକରୁ **500mtr. near Nalanda** ଓ **BCST College** ପାଖରେ ଘର ଉପଯୋଗୀ **plot** ମିଳୁଛି। **Immediate registration/ possession. 8895492671, 9348870771.** D-70112

Land for sale. Bhubaneswar to Nakhara Chhak LHS NH frontgate- 100 feets 7acres land area. Contact: 9583343948. D-19130

Sai Vihar କଲୋନୀରେ ପିଚୁ ରୋଡ୍‌କୁ ଲାଗି **30'** ରାସ୍ତା ଘରବାରି, **boundary,** ଇଲେକ୍ଟ୍ରିସିଟି ଥାଇ ରଙ୍ଗବଜାର**, BJEM-II** ନିକଟରେ **1500sqft. 6,75,000/-** ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। **9437522339.** D-70114

House for sale near DAV Chandrasekharpur, Broker excuse. Ph-7978627900. D-67768

**3BHK and 4BHK duplex houses under construction are sale at Mendhasal NH, just at 47lakh and 52lakh. Also land available inside the project at Rs. 1050 per sqft. Contact AMITA- 7978001726.** D-70035

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

ଭୁବନେଶ୍ୱର ସୁନ୍ଦରପଦା **Indus Engineering College backside** ସ୍ଥିତିବାନ ପ୍ଲଟ **Sqft.299/-** ମିଳୁଅଛି। **7848882166.** D-70113

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar ସୁନ୍ଦରପଦାରେ 1200sqft. ପ୍ଲଟକୁ 3,60,000/- ଦିଆଯାଉଛି (20 plot available), Lipsa- 9853150290. D-70116

ଟଙ୍କପାଣି ରୋଡ୍ **Sai** ମନ୍ଦିରରୁ **2km** ମଧ୍ୟରେ **gharabari boundary plot** କିଣନ୍ତୁ। **7008492511.** D-69354

Book 4BHK individual duplex near Raghunathpur, Bhubaneswar, Price- 79lakh. Contact: 7205645385. D-70040

## PURCHASE

LAND Requires for Plotting Project in Around, Bhubaneswar. 9937816565, 9937568585. D-19112




ଯାଆଁଳା ରାସ୍ତାକଡ଼ରେ ଅଫିସ୍, ଗୋଦାମ, ହଷ୍ଟେଲ ରହିବା ପାଇଁ ଭଡ଼ା ଦିଆଯିବ। 7609836849, 9337065883. D-67767

10,000sqft. running Poultry farm near Utara, Bhubaneswar. Can be utilised for storage stocks, Godown etc except excise goods. 7809525452, 7978991126. D-69587

2BHK flat with parking at Lingipur, rent family Contact: 7894381416. D-59972




**Newly open Saikrupa Panchakarma and Spa. Contact: 8984068077.** D-19124

Rejuvenate and Ayurvedic full body massage by smart therapist. 9348123330. D-70038

Swarna SPA newly open positively health benefits with expert therapist. 9556978408. D-70034

Get refreshment body massage by expert therapist contact for 7205084157. D-70036

Refreshing your mind & body with best therapy at Lotus Spa. 8018234866 D-69589

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Required 30Nos. of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L. Call - 9439856856, 9776001000. D-19084

## AFFIDAVIT

By virtue of an affidavit sworn before the Notary Public, Sambalpur, I, Bijaya Tripathy at present R/o. Hatisala Para, PO/PS/Dist.- Balangir declare that consequent upon my marriage with Prasanta Kumar Babu, I have changed my maiden name from Bijaya Tripathy to Puja Babu. That Bijaya Tripathy and Puja Babu is the same and one person. D-69823

By virtue of an affidavit before Executive Magistrate, Bhubaneswar, I declare that Prasant Ku. Bhadra and Prasanta Bhadra is same person. D-19131

ଧରିତ୍ରୀ
DHARITRI
୪୭
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୪/୨୦୨୦ | Bhubaneswar, Friday, December 4/2020 | ପୃଷ୍ଠା-୧



## ଅଲିଭର ଗିରୋଡ୍‌ଙ୍କ ରେକର୍ଡ

ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସବୁଠାରୁ ବୟସ୍କ ଖେଳାଳି ଭାବେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଚେଲ୍‌ସି ଷ୍ଟ୍ରାଇକର ଅଲିଭର ଗିରୋଡ୍।

୧୧ ୧୦

## ମ୍ୟୁଜିକ୍ ଭିଡିଓରେ ଇସାବେଲ

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସାନ ଭଉଣୀ ଇସାବେଲ କୈଫ୍ ଏକ ପଞ୍ଜାବୀ ମ୍ୟୁଜିକ୍ ଭିଡିଓରେ ଡେବ୍ୟୁ କରିଛନ୍ତି। ଭିଡିଓ ରିଲିଜ୍ ପରେ ତାଙ୍କୁ ଖୁବ୍ ପ୍ରଶଂସା ଛୁଟିବାରେ ଲାଗିଛି।



# ଜେଲ ଗଲେ ପ୍ରଦୀପ

**ଚାକିରିର ମିଥ୍ୟା ପ୍ରତିଶ୍ରୁତି ଦେଇ ଆକାଶଙ୍କ ପାଇଁ ଟଙ୍କା ଆଦାୟ କରୁଥିଲେ**

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

ଗୋପାଳପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଗୁରୁବାର ସନ୍ଧ୍ୟାରେ କ୍ରାଇମବ୍ରାଞ୍ଚ ଗିରଫ କରିଛି। ସାଇବର ପୋଲିସ ଷ୍ଟେଶନ କେସ୍ ନଂ. ୨୬/୨୦୨୦(ଆଇପିସି ଦଫା ୪୧୯, ୪୨୦, ୪୬୭, ୪୬୮, ୪୬୯, ୪୭୧, ୧୨୦(ବି) ଏବଂ ଆଇଟି ଆକ୍ଟର ଦଫା ୬୬(ସି) ଓ (ଡି)ରେ ପ୍ରଦୀପଙ୍କୁ ଗିରଫ କରିବା ପରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ୍ ନାମଞ୍ଜୁର ହେବାପରେ ତାଙ୍କୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି। ଲୋକମାନଙ୍କୁ ଟାଟା କମ୍ପାନୀରେ ଚାକିରି ଯୋଗାଇ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଦୀପ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକଙ୍କ ପାଇଁ ଟଙ୍କା ଆଦାୟ କରୁଥିଲେ। ଠକେଇ, ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର ଓ ସାଇବର ଅପରାଧ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଆକାଶ ନିଜକୁ ଟାଟା ମୋଟର୍ସର ପାସେଞ୍ଜର କାର୍ ଡିଭିଜନର ପରିଚାଳନା ନିର୍ଦ୍ଦେଶକ ଭାବେ ପରିଚୟ ଦେଇ ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଅନେକ ଯୁବତୀଯୁବକଙ୍କୁ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ଏହି ଘଟଣାରେ ଆକାଶଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଏବେ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ଘଟଣାର ଖୋଳତାଡ଼ କରୁଛି। ଚାକିରି କରାଇବା ନାରେ ବେଆଇନଭାବେ ଟଙ୍କା ଆଦାୟ ଘଟଣାରେ ପ୍ରଦୀପ ସହଯୋଗ କରିବା ଏବଂ ପ୍ରଦୀପଙ୍କ ଆକାଉଣ୍ଟରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଆକାଶଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯିବା ତଥ୍ୟ ପ୍ରମାଣ କ୍ରାଇମବ୍ରାଞ୍ଚ ହାତରେ ଲାଗିବା ପରେ ତାଙ୍କୁ ଗିରଫ କରାଯାଇଥିଲା।



ପ୍ରଦୀପ ପାଣିଗ୍ରାହୀ

ଆକାଶ ଟାଟା କମ୍ପାନୀ ନାମରେ ଯେଉଁ ଠକେଇ କରୁଥିଲେ ସେ ଟଙ୍କା ସିଧାସଳଖ ବିଭିନ୍ନ ଆକାଉଣ୍ଟରୁ ପ୍ରଦୀପଙ୍କ ଆକାଉଣ୍ଟକୁ ଆସୁଥିବା ନେଇ କ୍ରାଇମବ୍ରାଞ୍ଚକୁ ପ୍ରମାଣ ମିଳିଛି। ରବୀନ୍ଦ୍ର କୁମାର ସାହୁ ନାମକ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୧୭ ଅଗଷ୍ଟରେ ୧୦ ଲକ୍ଷ, ୨୧ ଅଗଷ୍ଟରେ ୫ ଲକ୍ଷ, ସେପ୍ଟେମ୍ବରରେ ୨୦ଲକ୍ଷ ଟଙ୍କା ଓ ଏପରି ଅନେକ ଥର ରବୀନ୍ଦ୍ରଙ୍କ ଆକାଉଣ୍ଟରୁ ପ୍ରଦୀପଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ପରବର୍ତ୍ତୀ ସମୟରେ ପ୍ରଦୀପଙ୍କ ଆକାଉଣ୍ଟରୁ ତାହା ଆକାଶଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଉଥିଲା। ସେହିପରି କମ୍ବୋପାଣି ସାହୁ ନାମକ ବ୍ୟକ୍ତିଙ୍କ ଆକାଉଣ୍ଟରୁ ସେପ୍ଟେମ୍ବର ୧ରେ ୨୦ ଲକ୍ଷ, ଗୁରୁମୂର୍ତ୍ତୀ ଅଏଲ କମ୍ପାନୀ ପକ୍ଷରୁ ୪୦ ଲକ୍ଷ ଟଙ୍କା ପ୍ରଦୀପଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା ଯାହାକି ଉକ୍ତ ସମସ୍ତ ଟଙ୍କାକୁ ପରବର୍ତ୍ତୀ ସମୟରେ ଆକାଶଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ସେହିପରି ସେପ୍ଟେମ୍ବର ୨ରେ ଆକାଶଙ୍କ ଆକଉଣ୍ଟକୁ ପ୍ରଦୀପ କାହିଁକି ୫୦ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ଏ ସମସ୍ତ ଦିଗକୁ ନେଇ ପ୍ରଶ୍ନ ପଚାରିବା ପରେ ପ୍ରଦୀପ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏପରିକି ପ୍ରଦୀପଙ୍କ ଆକାଉଣ୍ଟକୁ କିଏ କାହିଁକି ଏତେ ଟଙ୍କା ପଠାଉଥିଲା। ଟଙ୍କା ଟ୍ରାନ୍ସଫର କରୁଥିବା ଲୋକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ। ଆକାଶଙ୍କ ଆକାଉଣ୍ଟକୁ ଯିବା ବେଳେ ତାହା ଫ୍ଲାଟ ଓ ଜମି ରେଜିଷ୍ଟ୍ରେଶନ କରାଯିବା ନେଇ ଟ୍ରାନ୍ସଫର କରାଯାଉଥିବା କୁହାଯାଉଥିଲା। ଅପରପକ୍ଷରେ ଭିଜିଲାନ୍ସର ଏସ୍‌ଆଇଟି ଟିମ୍ ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଛି।

ସୂଚନା ମୁତାବକ ଗୁରୁବାର ଅପରାହ୍ନରେ ୪ଟି ଗାଡ଼ିରେ କିଛି ଲୋକ ଆସି ନିଜକୁ କ୍ରାଇମବ୍ରାଞ୍ଚ ଅଧିକାରୀ ପରିଚୟ ଦେଇ ପ୍ରଦୀପଙ୍କୁ ନେବାକୁ କହିଥିଲେ। ସ୍ତ୍ରୀ ସୁଜାତା ସାଙ୍ଗରେ ଯିବାକୁ କହିବାରୁ ତାଙ୍କୁ ମନା କରିବା ସହ ଅନ୍ୟ ଏକ ଗାଡ଼ିରେ ପଛରେ ଆସିବାକୁ କହିଥିଲେ। ସେମାନଙ୍କ ସହ ପ୍ରଦୀପ ଗୋଟିଏ କାରରେ ଆଗରେ ଯାଉଥିବା ବେଳେ ସ୍ତ୍ରୀ ☞ପୃଷ୍ଠା-୭

# ଲକ୍ଷ୍ୟଠାରୁ ଦୂରରେ ରୁଷା

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

ରାଜ୍ୟରେ ଉଚ୍ଚଶିକ୍ଷାରେ ବିକାଶ ଲାଗି ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁଷା)ରୁ ପ୍ରଚୁର ଅର୍ଥ ଆସୁଛି। ପ୍ରତି ଆର୍ଥିକବର୍ଷରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ରୁଷା ପାଣ୍ଠିରୁ ଅନୁଦାନ ମିଳୁଛି। ହେଲେ ଏସବୁକୁ ଶିକ୍ଷାନୁଷ୍ଠାନଗୁଡ଼ିକ ବିନିଯୋଗ କରିପାରୁନାହାନ୍ତି। ଏପରିକି ଅଧିକାଂଶ ଶିକ୍ଷାନୁଷ୍ଠାନ ଅର୍ଥ ବିନିଯୋଗର ପ୍ରମାଣପତ୍ର ଠିକ୍ ସମୟରେ ଦାଖଲ କରୁନାହାନ୍ତି। ଫଳସ୍ୱରୂପ ଅର୍ଥ ଖର୍ଚ୍ଚ ନହୋଇ ପଡ଼ିରହୁଛି। ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ହେଉନାହିଁ କି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରୁନାହିଁ। ରାଜ୍ୟରେ ଗତ ୮ବର୍ଷ ଧରି ରୁଷା ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏହା ମାଧ୍ୟମରେ ଉଚ୍ଚଶିକ୍ଷାର ଯେତିକି ଭିତ୍ତିଭୂମି ବିକାଶ ହେବାକଥା ତାହା ହୋଇପାରିନାହିଁ। ଏପରିକି ଉତ୍କଳ ବିଶ୍ୱବିଦ୍ୟାଳୟ ସହ ରମାଦେବୀ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ଆଗଧାଡ଼ିର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ରୁଷା ଯୋଜନାରେ ମିଳିଥିବା ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି। କେନ୍ଦ୍ରୀୟ ସଂସ୍ଥା ସେଣ୍ଟ୍ରାଲ ପବ୍ଲିକ ୱାର୍କସ୍ ଡିପାର୍ଟମେଣ୍ଟ (ସିପିଡବ୍ଲ୍ୟୁଡି)କୁ ଦିଆଯାଇଥିବା କାମ ସବୁ ଅଧପନ୍ତରିଆ ହୋଇ ପଡ଼ିରହିଥିବା ବେଳେ ସିପିଡବ୍ଲ୍ୟୁଡି ହାତରେ ବିଶ୍ୱବିଦ୍ୟାଳୟ ଭବିଷ୍ୟତ ଟେକିଦେଇ କର୍ତ୍ତୃପକ୍ଷ ଚୁପ୍ ହୋଇ ବସିପଡୁଛନ୍ତି।

୨୦୧୩-୧୪ ଆର୍ଥିକବର୍ଷରୁ ରାଜ୍ୟରେ ରୁଷା ଯୋଜନା ଆରମ୍ଭ ହୋଇଥିବା ବେଳେ ରୁଷା-୧ ଅଧୀନରେ ୨୦୨୦-୨୧ ପର୍ଯ୍ୟନ୍ତ ରାଜ୍ୟକୁ ଆର୍ଥିକ ଅନୁଦାନ ମିଳିଛି। ସେହିଭଳି ରୁଷା-୨ କାର୍ଯ୍ୟକ୍ରମ ୨୦୧୮-୧୯ରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଚାଲିଥିବା ବେଳେ ଏହା ଅଧୀନରେ ୩ବର୍ଷରେ ମୋଟ ୯୭.୬୭ କୋଟି ଟଙ୍କା ମିଳିଛି। ହେଲେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ସେଥିରୁ ମାତ୍ର ୩୨.୯୫ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ସେହିଭଳି ରୁଷା-୧ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ମୋଟ ୫୪୨ କୋଟି ଟଙ୍କା ମିଳିଥିବା ବେଳେ ସେଥିରୁ ମାତ୍ର ୩୩୫ କୋଟି ଟଙ୍କା ବିନିଯୋଗ ହୋଇପାରିଛି। ବିଗତ ୮ବର୍ଷରେ ମୋଟ କେନ୍ଦ୍ରୀୟ ଅନୁଦାନ ୩୨୪ କୋଟି ଟଙ୍କାରୁ ୨୨୫କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ରାଜ୍ୟ ସରକାରଙ୍କର ୨୧୭.୮୧ କୋଟି ଟଙ୍କା ଅନୁଦାନରୁ ୧୦୯.୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୩-୧୪ରେ କେନ୍ଦ୍ରରୁ ୩୪.୧୪ କୋଟି ଟଙ୍କା ଆସିଥିବା ରାଜ୍ୟ ସରକାର ରୁଷା ପାଣ୍ଠିକୁ ୧୮.୨ କୋଟି ଟଙ୍କା ଦେଇଥିଲେ। ହେଲେ ସେଥିରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇପାରିଲା ନାହିଁ। ସେହିଭଳି ୨୦୧୪-୧୫ରେ କେନ୍ଦ୍ରରୁ ୧୨.୮୪ କୋଟି ଏବଂ ରାଜ୍ୟରୁ ୬.୯ କୋଟିକୁ ମିଶାଇ ମୋଟ ୧୯.୭୪ କୋଟି ଟଙ୍କା ଆସିଥିଲେ ହେଁ ସେଥିରୁ ମଧ୍ୟ କିଛି ଖର୍ଚ୍ଚ ହୋଇପାରିନଥିଲା। ୨୦୧୫-୧୬ରେ ୧୪୦.୮ କୋଟିରୁ ୧୦.୬ କୋଟି ବିନିଯୋଗ ହୋଇଥିବା ବେଳେ କେନ୍ଦ୍ରରୁ ଆସିଥିବା ୮୧.୪୮ କୋଟିରୁ ମାତ୍ର ୯.୧୬ କୋଟି ଖର୍ଚ୍ଚ ହୋଇପାରିଛି। ୨୦୧୬-୧୭ରେ ୧୦୧ କୋଟିରୁ ୮୯.୩ କୋଟି, ୨୦୧୭-୧୮ ଆର୍ଥିକବର୍ଷରେ ୧୧୧.୧୫ କୋଟିରୁ ୧୦୩.୩୬ କୋଟି ଏବଂ ୨୦୧୮-୧୯ରେ ରୁଷା ପାଣ୍ଠିରୁ ୯୬.୩୮ କୋଟି ଟଙ୍କା ବିନିଯୋଗ ହୋଇପାରିଛି। ସେହିଭଳି ୨୦୧୯-୨୦ରେ ୩୫.୯୬ କୋଟିରୁ ୩୫.୧୩ କୋଟି ଏବଂ ୨୦୨୦-୨୧ ଆର୍ଥିକବର୍ଷରେ ୯.୫୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ରୁଷା-୨ ଯୋଜନାରେ ୨୦୧୮-୧୯ ବର୍ଷ ☞ପୃଷ୍ଠା-୭

# ଅଫ୍‌ଲାଇନ୍‌ରେ ମାଟ୍ରିକ, ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

ଆସନ୍ତା ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଅଫ୍‌ଲାଇନରେ ହେବ। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, ଚଳିତ ଶିକ୍ଷାବର୍ଷର ଦଶମ ବୋର୍ଡ ଏବଂ ଯୁକ୍ତ ଦୁଇ ପରୀକ୍ଷାର ସମୟ ନିର୍ଘଣ୍ଟ ଓ ପରିଚାଳନା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ଠାରୁ ଉତ୍ତର ଅପେକ୍ଷାରେ ରହିଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ପରୀକ୍ଷା ଅଫ୍‌ଲାଇନ୍‌ରେ କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଯେପରି ପରୀକ୍ଷା ହେଉଥିଲା ସେହିଭଳି ହେବ। ଅନ୍‌ଲାଇନ ପରୀକ୍ଷା ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହି ଆଧାରରେ ରାଜ୍ୟରେ ଦଶମ ବୋର୍ଡ ଓ ଯୁକ୍ତ ଦୁଇ ପରୀକ୍ଷା ହେବ, ପୂର୍ବ ଭଳି ଅଫ୍‌ଲାଇନରେ କରାଯିବ। ପରୀକ୍ଷା ବିଳମ୍ବରେ ହେବ। ଛାତ୍ରୀଛାତ୍ରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୋଭିଡ୍ ଗାଇଡ୍‌ଲାଇନ ଆଧାରରେ ବିଭାଗ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ପିଲାମାନେ ପରୀକ୍ଷାକୁ ନେଇ ବିବ୍ରତ ହେବା ଉଚିତ ନୁହେଁ। ପରୀକ୍ଷା ପୂର୍ବରୁ ଶିକ୍ଷାଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସ୍କୁଲ ଖୋଲିବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ସବୁ ପକ୍ଷଙ୍କ ସହ ଆଲୋଚନା ଚାଲିଛି। ଚୂଡ଼ାନ୍ତ ନିଷ୍ପତ୍ତି ହେବା ପରେ ଏ ନେଇ ଜଣାଇ ଦିଆଯିବ।

ଏଠାରେ ସୂଚନା ଯୋଗ୍ୟ ଯେ, କୋଭିଡ୍-୧୯ ମହାମାରୀ ଯୋଗୁ ମାର୍ଚ୍ଚ ୧୭ରୁ ରାଜ୍ୟରେ ସ୍କୁଲ ଓ କଲେଜ ବନ୍ଦ ରହିଛି। ପିଲାମାନଙ୍କୁ ଅନ୍‌ଲାଇନରେ ପାଠ ପଢ଼ାଯାଉଛି। ତେବେ ଅଧିକାଂଶ ପିଲା ଅନ୍‌ଲାଇନ ପଢ଼ାରୁ ବଞ୍ଚିତ ହେଉଛନ୍ତି। ପାଠପଢ଼ା ଶେଷ ହୋଇ ନ ଥିବାରୁ ପିଲାମାନଙ୍କ ପରୀକ୍ଷାକୁ ନେଇ ମଧ୍ୟ ଅଭିଭାବକ ଚିନ୍ତାରେ ରହିଛନ୍ତି।





# ବିପଜ୍ଜନକ ଡ୍ରଗ୍ସ ତାଲିକାରୁ ଗଞ୍ଜେଇ ବାଦ୍

## ଔଷଧ ଭାବେ ବ୍ୟବହାରଯୋଗ୍ୟ: ଜାତିସଂଘ

**ନ୍ୟୁୟର୍କ, ୩।୧୨**

ବିଶ୍ୱର ସବୁଠୁ ବିପଜ୍ଜନକ ଡ୍ରଗ୍ସ ତାଲିକାରୁ ଗଞ୍ଜେଇକୁ ବୁଧବାର ଜାତିସଂଘ ବାଦ୍ ଦେଇଛି। ଏହାସହ ଗଞ୍ଜେଇକୁ ଔଷଧ ଭାବେ ବ୍ୟବହାର କରିବା ପାଇଁ ଏହାକୁ ପୁନଃ ବର୍ଗୀକରଣ ଉଦ୍ଦେଶ୍ୟରେ କରାଯାଇଥିବା ସୁପାରିସକୁ ଅନୁମୋଦନ କରିଛି। ନୂଆ ବର୍ଗୀକରଣ କରାଯିବା ଫଳରେ ଏହି ମାଦକଦ୍ରବ୍ୟ ହେରୋଇନ ଭଳି ବିପଜ୍ଜନକ ନାର୍କୋଟିକ୍ ତାଲିକାରୁ ବାଦ୍ ପଡ଼ିଛି। କିନ୍ତୁ ଅଧିକ ଗଞ୍ଜେଇ ବ୍ୟବହାରର ସ୍ୱାଧୀନତା ନେଇ ପ୍ରସ୍ତାବ ରହିଥିବା ସଂକଳ୍ପନାମା ଗୃହୀତ ହୋଇପାରି ନାହିଁ।



ଗଞ୍ଜେଇକୁ ୧୯୬୧ ମସିହାରେ ନାର୍କୋଟିକ୍ସ ଡ୍ରଗ୍ସ କନ୍‌ଭେନ୍ସନରେ ସବୁଠୁ ବିପଜ୍ଜନକ ଡ୍ରଗ୍ସ ତାଲିକାର ଆନେକ୍ସ ୪ରେ ରଖାଯାଇଥିଲା। ଏଥିରୁ ବାଦ୍ ଦେବା ପାଇଁ ୨୦୧୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ କଡ଼ା ବିରୋଧ କରାଯାଇଥିବାରୁ ପୂର୍ବରୁ ଭୋଟ ଗ୍ରହଣ କରାଯାଇ ପାରି ନ ଥିଲା। ବୁଧବାର ଜାତିସଂଘରେ ଏହାର ପୁନଃ ବର୍ଗୀକରଣ ପାଇଁ ମତଦାନ ହୋଇଥିଲା। ୟୁଏନ୍ କମିଶନ ଅନ୍ ନାର୍କୋଟିକ୍ସର ୫୩ ରାଷ୍ଟ୍ର ଥିବାବେଳେ ୨୭ ଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ବିରୋଧରେ ୨୫ ରାଷ୍ଟ୍ର ମତଦାନ କରିଥିଲେ। ଗୋଟିଏ ଦେଶ ମତଦାନରୁ ବିରତ ରହିଥିଲା। ବିରୋଧରେ ଭୋଟ ଦେଇଥିବା ☞ପୃଷ୍ଠା-୭

# ପେଟ୍ରୋଲ ୧୭, ଡିଜେଲ ୨୧ ପଇସା ବଢ଼ିଲା

**ଭୁବନେଶ୍ୱର, ୩।୧୨**

ଦୁଇଦିନ ବ୍ୟବଧାନ ପରେ ପୁଣି ଥରେ ଲଗାତର ପେଟ୍ରୋଲ, ଡିଜେଲ ଦର ବଢ଼ିଛି। ଫଳରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ୧୭ ଏବଂ ଡିଜେଲ ୨୧ ପଇସା ଉର୍ଦ୍ଧ୍ୱରେ ରହିଛି। ଏଠାରେ ଲୋକଙ୍କୁ ପେଟ୍ରୋଲ ଲିଟର ପିଛା ୮୩.୨୮ ଟଙ୍କା ଦେବାକୁ ପଡୁଥିବା ବେଳେ ଡିଜେଲ ଦର ୭୯.୩୩ ଟଙ୍କା ରହିଛି। ବୁଧବାର ଭୁବନେଶ୍ୱର ପେଟ୍ରୋଲ ଦର ଲିଟର ପିଛା ୧୬ ପଇସା ବଢ଼ି ୮୩.୧୧ ଟଙ୍କା ରହିଥିଲା। ସେହିଭଳି ଡିଜେଲ ଦର ୨୫ ପଇସା ବୃଦ୍ଧି ହେବା ଯୋଗୁ ଦର ୭୯.୧୨ ଟଙ୍କା ଛୁଇଁରେ ପହଞ୍ଚିଥିଲା। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗୁରୁବାର ଦେଶର ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ପ୍ରାୟ ୧୫ରୁ ୧୭ ପଇସା ଏବଂ ଡିଜେଲ ପ୍ରାୟ ୧୮ରୁ ୨୧ ପଇସା ବଢ଼ିଛି। ଗତ ୧୪ ଦିନରେ ୧୧ ଥର ତେଲ ଦର ବଢ଼ିଲାଣି। ନୂଆଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାରେ ପେଟ୍ରୋଲ ଯଥାକ୍ରମେ ୮୨.୬୬ ଟଙ୍କା, ୮୯.୩୩ ଟଙ୍କା, ୮୫.୫୯ ଟଙ୍କା, ୮୪.୧୮ ଟଙ୍କା ରହିଛି। ସେହିଭଳି ଏହି ସ୍ଥାନଗୁଡ଼ିକରେ ଡିଜେଲ ଦର ଯଥାକ୍ରମେ ୭୨.୮୪ ଟଙ୍କା, ୭୯.୪୨ ଟଙ୍କା, ୭୮.୨୪ ଟଙ୍କା ଏବଂ ୭୬.୪୧ ଟଙ୍କା ରହିଥିବା ସୂଚନା ରହିଛି।

# ଅନ୍ନ ଛୁଇଁଲେନି, ଚା ପିଇଲେନି

- କେନ୍ଦ୍ର ଆଗରେ ୫ ଦାବି ରଖିଲେ ଚାଷୀ
- ଶନିବାର ପଞ୍ଚମ ପର୍ଯ୍ୟାୟ ଆଲୋଚନା

**ନୂଆଦିଲ୍ଲୀ, ୩।୧୨ (ପି.ଟି./ଆଇଏଏନ୍‌ଏସ୍)**



ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅନୁଷ୍ଠିତ ବୈଠକରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କୃଷକ ନେତାମାନଙ୍କ ସହ ଆଲୋଚନା କରୁଛନ୍ତି।

ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ନେତାମାନେ ଗୁରୁବାର କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିଛନ୍ତି। ଚତୁର୍ଥ ପର୍ଯ୍ୟାୟ ଆଲୋଚନା ବେଳେ ସେମାନେ ସରକାରଙ୍କ ଆଗରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ନୂଆ ଆଇନ ପ୍ରଣୟନ ଓ ନଡ଼ା ମୂଳି ପୋଡ଼ିଲେ ଦଣ୍ଡବିଧାନ ବ୍ୟବସ୍ଥା ପ୍ରତ୍ୟାହାର କରିବା ସମେତ ୫ଟି ଦାବି ରଖିଛନ୍ତି। ତେବେ ଆଲୋଚନା ମଝିରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଖାଦ୍ୟକୁ କୃଷକ ନେତାମାନେ ଗ୍ରହଣ କରିନାହାନ୍ତି। ସରକାରଙ୍କ ଅନ୍ନ ଛୁଇଁବାକୁ କି ଚା ପିଇବାକୁ ସେମାନେ ମନା କରିଦେଲେ। ସିଙ୍ଘୁ ବର୍ଡରରେ ଆନ୍ଦୋଳନରତ ଚାଷୀମାନେ ଏକ ଛୋଟ ଭ୍ୟାନ୍‌ରେ ପଠାଇଥିବା ଖାଦ୍ୟକୁ ଲଞ୍ଚ୍ ବ୍ରେକ୍ ବେଳେ ଖାଇଲେ। ବିଜ୍ଞାନ ଭବନ ବାହାରେ ପ୍ରାୟ ୪୦ ଜଣ କୃଷକ ନେତା ଖାଉଥିବା ଦେଖାଯାଇଥିଲା। ଲୋକ ସଂଘର୍ଷ ମୋର୍ଚ୍ଚା ସଭାପତି ପ୍ରତିଭା ସିନ୍ଧେ କହିଛନ୍ତି, ଆମ କୃଷକ ପ୍ରତିନିଧିମାନେ ସରକାରଙ୍କ ଖାଦ୍ୟ ଖାଇ ନାହାନ୍ତି। ଆମେ ସେମାନଙ୍କ ପାଇଁ ସିଙ୍ଘୁ ☞ପୃଷ୍ଠା-୭

# ମସଲା କିଙ୍ଗ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ, ୩।୧୨**

ଭାରତୀୟ 'ଏମ୍‌ଡିଏଚ୍' ମସଲାର ସୁଗନ୍ଧ ବିଶ୍ୱ ଦରବାରରେ ପହଞ୍ଚାଇଥିବା ପଦ୍ମଭୂଷଣ ଧରମ୍‌ପାଲ ଗୁଲାଟିଙ୍କ ଗୁରୁବାର ସକାଳେ ୯୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ନୂଆଦିଲ୍ଲୀସ୍ଥିତ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରାଯାଉଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

୧୯୨୩ ମାର୍ଚ୍ଚ ୨୭ରେ ସିଆଲ୍‌କୋଟ୍ (ପାକିସ୍ତାନ)ରେ ଜନ୍ମଗ୍ରହଣ କରିଥିବା ଗୁଲାଟି ଦେଶ ବିଭାଜନ ପରେ ଭାରତ ଆସିଥିଲେ। ଜଣେ ସ୍କୁଲ୍ ଡ୍ରପ୍‌ଆଉଟ୍ ହୋଇଥିଲେ ହେଁ ନିଜ ପ୍ରୟାସରେ ସେ ୧୯୩୭ରେ ଏକ ଛୋଟ ବ୍ୟବସାୟ ଆରମ୍ଭ କରିଥିଲେ। ବାପା ମହାଶୟ ଚୁନ୍ନିଲାଲ୍ ଗୁଲାଟି ତାଙ୍କୁ ସହଯୋଗ କରିଥିଲେ। ଦିଲ୍ଲୀର କରୋଲବାଗ୍‌ରେ ସେ ମସଲା ବ୍ୟବସାୟ ଆରମ୍ଭ କରିଥିଲେ। ଏମ୍‌ଡିଏଚ୍ (ମହାଶିନ୍ ଦି ହଟ୍ଟି) ମସଲାର ଏବେ ୧୫ କାରଖାନା ଭାରତରେ ରହିଛି। ☞ପୃଷ୍ଠା-୭



ଧରମ୍‌ପାଲ ଗୁଲାଟି

**ଆଜିର ସମ୍ପାଦକୀୟ**
**ସରକାରଙ୍କ ଦାୟିତ୍ୱ**

**ଆଜିର ମନ୍ତବ୍ୟ**

"ଦିଲ୍ଲୀରେ ଜାରି ରହିଥିବା କୃଷକ ଆନ୍ଦୋଳନ କଂଗ୍ରେସ ଇଙ୍ଗିତରେ ଚାଲିଛି।

– ସଞ୍ଜୟ ଜୈସୱାଲ, ବିହାରର ଭାଜପା ଅଧ୍ୟକ୍ଷ

> ମନୁଷ୍ୟ ବାଘ ଅପେକ୍ଷା ଅଧିକ ଭାବେ କ୍ରମବିକଶିତ ହୋଇଛି – ଏଥିରେ ସନ୍ଦେହ ନାହିଁ। କିନ୍ତୁ ବାଘ ମଣିଷଠାରୁ ଅଧିକ ଦିବ୍ୟ। ସକଳ ମନୁଷ୍ୟ ମଧ୍ୟରେ କ'ଣ ସତ୍ୟ ସହିତ ମିଥ୍ୟା ମିଶି କରି ନ ଥାଏ। –ଶ୍ରୀମା



# ସରକାରଙ୍କ ଦାୟିତ୍ୱ

କୃଷକମାନଙ୍କ ହିତରେ କୁହାଯାଉଥିବା ଏନ୍‌ଡିଏ ସରକାରଙ୍କ ୩ କୃଷି ଆଇନକୁ ନେଇ ଏବେ ଦେଶରେ ବିରାଟ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। କୃଷିରେ ଆଗୁଆ ରାଜ୍ୟ ପଞ୍ଜାବ ଏବଂ ହରିୟାଣାର କୃଷକମାନେ ଏହି ଆନ୍ଦୋଳନର ନେତୃତ୍ୱ ନେଇ ସରକାରଙ୍କୁ ତୀବ୍ର ବିରୋଧ କରିବା ସହ କୃଷି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା ଲାଗି ଦାବି କରିଛନ୍ତି। ବିରୋଧୀମାନେ ବି କୃଷକମାନଙ୍କୁ ସମର୍ଥନ କରିଛନ୍ତି। ଆନ୍ଦୋଳନରେ ଭାଗ ନେଇଥିବା ହଜାର ହଜାର କୃଷକ ଦିଲ୍ଲୀ ସୀମାରେ ପହଞ୍ଚିଯାଇଛନ୍ତି। ଦିଲ୍ଲୀର କିଛି ପ୍ରବେଶ ଓ ପ୍ରସ୍ଥାନ ପଥକୁ ବନ୍ଦ କରିଦେଇଛନ୍ତି। ଏହି ସଙ୍କଟକୁ ସମ୍ଭାଳିବାରେ ସରକାର ସମ୍ପୂର୍ଣ୍ଣ ଉପାୟଶୂନ୍ୟ ଭଳି ଜଣାପଡୁଛନ୍ତି। ସରକାର ଜଣାଶୁଣା ହାଇପ୍ରୋଫାଇଲ ନେତାଙ୍କୁ ବୁଝାମଣା ପାଇଁ ପଠାଇଛନ୍ତି, ହେଲେ କୌଣସି ଲାଭ ମିଳିନାହିଁ। ଏହି ସମସ୍ୟାର ସମାଧାନ ଲାଗି ଏକ କମିଟି ଗଠନ କରିବାକୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ମଙ୍ଗଳବାର କୃଷକ ସଂଘ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି। ଏହାର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସରକାର ନୂଆ କୃଷି ଆଇନରୁ କେବେ ବି ପଛକୁ ହଟିବେ ନାହିଁ ବୋଲି ଦୃଢ଼ ମନ୍ତବ୍ୟ ରଖିବା ପରେ ଏହା ସଙ୍କଟକୁ ଆହୁରି ଜଟିଳ କରିଦେଇଛି। ଏବେ ଆନ୍ଦୋଳନକାରୀ କୃଷକମାନେ ନୂଆ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏହା ନ କରି ଆଉ ଯାହା କଲେ ବି ସେମାନେ ତାହାକୁ ମାନିବେ ନାହିଁ କି ଏହା ମଧ୍ୟ ତାଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ ବୋଲି କହିଛନ୍ତି। ଯଦି ଏହି ସମସ୍ୟାର ସମାଧାନ ଶୀଘ୍ର କରା ନ ଯାଏ ତେବେ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର କୃଷକମାନେ ଆନ୍ଦୋଳନରତ କୃଷକମାନଙ୍କ ସହ ଯୋଗଦେବାର ସମ୍ଭାବନା ରହିଛି। ପ୍ରଥମେ ସରକାର କୃଷକମାନେ ସଂଗଠିତ ହେବା ପୂର୍ବରୁ ଏହାକୁ ସମାଧାନ କରିବାର ଥିଲା, କିନ୍ତୁ ସରକାର ଏଥିପ୍ରତି କୌଣସି ସମବେଦନା ପ୍ରକାଶ କଲେ ନାହିଁ। ଦିଲ୍ଲୀ ସୀମାରେ ପହଞ୍ଚିବା ଯାଏ ମଧ୍ୟ ଏହାର ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ। ଏପରି କି ଏହି ସମସ୍ୟାକୁ ଏକ ସଙ୍କଟରେ ପରିଣତ ହେବାକୁ ଦେଇଥିବା ଦୋଷରୁ କେନ୍ଦ୍ର ନିଜକୁ ରକ୍ଷା କରିପାରିବ ନାହିଁ। ଆନ୍ଦୋଳନକାରୀ କୃଷକଙ୍କ ଶାନ୍ତିପୂର୍ଣ୍ଣ ପଦଯାତ୍ରାରେ ଅତ୍ୟଧିକ ଅର୍ଦ୍ଧସାମରିକ ବଳ ମୁତୟନ କରି କୃଷକଙ୍କୁ ନିୟନ୍ତ୍ରଣ କରିବା ପାଇଁ ହିଂସାର ପଥ ଆପଣାଇବା ପରିସ୍ଥିତିକୁ ଜଟିଳ କରିଦେଲା। ସବୁଠୁ ଖରାପ ହେଉଛି, ସରକାରରେ ଥିବା କିଛି ହାଇପ୍ରୋଫାଇଲ ନେତା କୃଷକମାନଙ୍କ ପ୍ରତି 'ଖଲିସ୍ଥାନୀ ଟେରରିଷ୍ଟ' ଭଳି କଠୋର ଶବ୍ଦ ପ୍ରୟୋଗ କଲେ। ଏହା ନିଶ୍ଚିତ ଭାବେ କୃଷକ ଗୋଷ୍ଠୀଙ୍କୁ ଅଧିକ କ୍ଷୁବ୍ଧ କରିଛି। ନୂଆ କୃଷି ଆଇନ କୃଷକଙ୍କ ହିତରେ ବୋଲି ସରକାର ବାରମ୍ବାର କହିଆସୁଛନ୍ତି। କିନ୍ତୁ କୃଷକମାନେ ଏହାକୁ ଗ୍ରହଣ କରୁନାହାନ୍ତି। ସେମାନେ ଭୟ କରୁଛନ୍ତି ଯେ, ସେମାନଙ୍କର ଏବକାର ମଣ୍ଡି ବ୍ୟବସ୍ଥା ଏବଂ ଭାରତରେ କୃଷକମାନଙ୍କର ମୂଳ ଆଧାର କୁହାଯାଉଥିବା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପଦ୍ଧତିକୁ ଶେଷ କରିଦେବ। ଆନ୍ଦୋଳନର ସ୍ଥାନ ବଦଳାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅନୁରୋଧକୁ କୃଷକମାନେ ଗ୍ରହଣ କରିବାକୁ ମନା କରିଦେବା ହିଁ ସେମାନଙ୍କ ମଧ୍ୟରେ ଥିବା କ୍ରୋଧ ବା ବିଦ୍ୱେଷ ଭାବକୁ ସ୍ପଷ୍ଟ କରିଦେଲା।

## ଆଜିର ଅର୍ଥନୀତି

କୋଭିଡ୍ ମହାମାରୀରେ ଲଗାତର କୃଷିରେ ବୃଦ୍ଧି ହୋଇ ଚାଲିଛି। ଏପରିକି ମାନ୍ଦାବସ୍ଥାରେ ଥିବା ଅର୍ଥନୀତି ୭.୫% ତଳକୁ ଖସିଥିଲେ ମଧ୍ୟ ଏହା ଘଟିଛି। ଭାରତର ମୋଟ ଘରୋଇ ଉତ୍ପାଦ( ଜିଡିପି)କୁ କୃଷିର ଅବଦାନ ୧୫%। ଯଦିଓ ଏହି କ୍ଷେତ୍ରକୁ କମ୍ ଗୁରୁତ୍ୱ ଦିଆଯାଉଛି, ତଥାପି ଏହା ଦେଶର ତିନି ଚତୁର୍ଥାଂଶ ଲୋକଙ୍କୁ ସ୍ଥାୟୀ ରୋଜଗାର ଦେଇଆସୁଛି। ମହାମାରୀ ସମୟରେ ଲୋକଙ୍କ ମନବଳ ଭାଙ୍ଗିପଡିଛି ,ନିଯୁକ୍ତିରେ ଏକ ବଡ଼ ଅନିଶ୍ଚିତତା ଦେଖାଦେଇଛି, ଗ୍ରାମାଞ୍ଚଳର ଦୁଃଖ ବଢିଯାଇଛି। ଏତିକିବେଳେ ସରକାର କୃଷି ଆଇନରେ ଏତେ ପରିବର୍ତ୍ତନ କରିବା ପାଇଁ କାହିଁକି ଭାବିଲେ ତାହାର କାରଣ ଜଣାପଡୁନାହିଁ। ଏହା କହିବାର ମାନେ ନୁହେଁ ଯେ,କୃଷି କ୍ଷେତ୍ର ଠିକ୍ ରହିଛି କିମ୍ବା ଏହା ଲାଗି କୌଣସି ସଂସ୍କାରର ଆବଶ୍ୟକତା ନାହିଁ। କିନ୍ତୁ ଆଇନରେ ଏଭଳି ଅମୂଳଚୂଳ ପରିବର୍ତ୍ତନ କରିବାର ଏହା ଠିକ୍ ସମୟ ନ ଥିଲା। ଯଦି ସରକାର ତାହାକୁ ଲାଗୁ କରିବାର ଥିଲା ତେବେ ଏଭଳି ତରବରିଆ ଭାବେ କରିବା ଉଚିତ ନ ଥିଲା। କେନ୍ଦ୍ର ସମସ୍ତ ଅଂଶୀଦାରଙ୍କୁ ବିଶ୍ୱାସକୁ ନେଇ ଏକ ସହମତିରେ ପହଞ୍ଚିବା ଉଚିତ ହୋଇଥାନ୍ତା। ସରକାର ଏମ୍‌ଏସ୍‌ପି ବ୍ୟବସ୍ଥାକୁ ଏପାଖ ସେପାଖ କେବେ ବି କରିବେ ନାହିଁ ବୋଲି ସରକାରଙ୍କଠାରୁ କୃଷକମାନେ ଆଶ୍ୱାସନା ଚାହୁଁଛନ୍ତି। କେବଳ ଆଶ୍ୱାସନା ନୁହେଁ, କୃଷକଙ୍କର ଏକ ଅପରିହାର୍ଯ୍ୟ ଅଧିକାର ଭାବେ ଏହାକୁ ଆଇନରେ ପରିଣତ କରିବା ଆବଶ୍ୟକ। ସରକାର ମଧ୍ୟ ଏହା ଶୀଘ୍ର କରିବା ଦରକାର। ସରକାର ଏବଂ କୃଷକ ଉଭୟ ପକ୍ଷ କିଛି ବ୍ୟବସ୍ଥା କରିବା ଲାଗି ଚେଷ୍ଟା କରିବା ସହ ଏକ ସାଧାରଣ ନିର୍ଯାସରେ ପହଞ୍ଚିବା ଉଚିତ। ଏଥିପାଇଁ ସରକାର ପ୍ରଥମେ ଆଗେଇ ଆସିବା ଦରକାର। ଟାଳଟୁଳ ନୀତି ଦୂର ହେବା ଉଚିତ। ଏହି ସଙ୍କଟକୁ ଯଦି ଅଧିକ ସମୟ ରହିବାକୁ ଦିଆଯାଏ, ତେବେ ଏହା ଅମଳ ଋତୁର ମଝିରେ ଥିବା କୃଷି କ୍ଷେତ୍ରକୁ କ୍ଷତି କରିବା ସହ ଅର୍ଥବ୍ୟବସ୍ଥାର ସୁଧାରରେ ବିଳମ୍ବ କରିବ। ସଙ୍କଟକୁ ଟାଳିବା ଲାଗି ଆନ୍ଦୋଳନକାରୀ କୃଷକମାନଙ୍କୁ ଆଲୋଚନାକୁ ଆଣିବା ସରକାରଙ୍କ ଦାୟିତ୍ୱ। ସରକାର ଅତୀତରେ ତାଙ୍କ ଜିଦି ଲାଗି ବହୁ ସମାଲୋଚିତ ହୋଇଛନ୍ତି । ଏଣୁ ସରକାର ତାଙ୍କ ଜିଦିରୁ ଓହରିଯିବା ଉଚିତ।

# ଅନ୍ଧାର ଜଗତର ଆଲୋକ

ଉପେନ୍ଦ୍ର ବିଶ୍ୱାଳ

ଆଚ୍ଛନ୍ନ ଅନ୍ଧକାରରେ ଆକ୍ରାମାକ୍ରା ଦୁନିଆ। ଚାରିଆଡେ ଅରାଜକତା, ଆସୁରିକତାର ଭିଡ଼। ହତ୍ୟା, ଲୁଣ୍ଠନ, ଶୋଷଣ, କ୍ରୋଧ, ଲୋଭ, ଈର୍ଷା, ଅସୂୟା, ନିର୍ଯାତନା ଆଦି ଗ୍ରାସ କରିଚାଲିଛି ଆଜି; ଯେଉଁଥିପାଇଁ କି ଏ ସମାଜ ସଙ୍କଟଗ୍ରସ୍ତ। ଅନ୍ୟାୟ, ଅନାଚାରର ଅନ୍ଧକାରରେ ଆଉଟୁ ପାଉଟୁ ହେଉଛି ମଣିଷ। ଚାରିପାଖେ କୁଢ଼ କୁଢ଼ ମଇଳା, ଆବର୍ଜନା। ମାଛି ସମ ମଇଳାମନସ୍କ ମଣିଷମାନେ ହାଉଯାଉ ଏଠି। ଏପରିସ୍ଥଳେ ବ୍ୟତିକ୍ରମ ଦୁନିଆଟେ ଆଖିରେ ପଡିଗଲେ, ଆନନ୍ଦରେ ନାଚି ଉଠେ ମନ। ଗାଢ଼ ଅନ୍ଧାରରେ ହଜିଲା ରତ୍ନଟିଏ ପାଇଗଲେ ଯେମିତି କୋଟି ଧନ ପାଇଗଲା ପରି ଲାଗେ, ଠିକ୍ ସେମିତି କଳୁଷ କାଳିମାଭରା ଦୁନିଆରେ ଉନ୍ନତ ଚେତନାର ଭିନ୍ନ ଏକ ଦୁନିଆଟିଏ ଦେଖିଦେଲେ ମନରେ ଅଫୁରନ୍ତ ଆନନ୍ଦ ଖେଳିଯାଏ। ଏମିତି ଏକ ଦୁର୍ଲଭ ଦୁନିଆଟିଏ ହେଉଛି, ହରିୟାଣାର ଭୋଜଖେଡ଼ା ଗାଁ। ପାନୀପଥ ଜିଲାର ଉଚାନା ବ୍ଲକସ୍ଥ ଏହି ଗାଁ, ସମସ୍ତଙ୍କ ପାଇଁ ଆଦର୍ଶର ଆଧାର ଆଜି। ନାହିଁ ସେଠି ତିକ୍ତତା ଅବା ମନୋମାଳିନ୍ୟ। ସଭିଙ୍କ ଭିତରେ ବୋହୁଥାଏ ସଦିଚ୍ଛାର ସ୍ରୋତସ୍ୱିନୀ। ଫଳତଃ ଗତ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି, ଗାଆଁରେ କୌଣସି ପ୍ରକାର ବିବାଦ ଥିବାର ନଜିର ନାହିଁ ବୋଲି ଥାନାର ରେକର୍ଡ କୁହେ। ଏହାଠୁ ବଳି ଆହୁରି ଅଧିକ ଆନନ୍ଦର ବିଷୟ ଏହି ଯେ ତତୋଧିକ ଗରିମାଯୁକ୍ତ ଅନେକ ଗାଆଁ ଆମର ଏଇଠି ଅଛି, ଯାହା କି ଚର୍ଚ୍ଚାର ପରିଧିକୁ ଆସିପାରୁ ନାହିଁ ଏଯାଏ। ଏ ଅକିଞ୍ଚନ ସେଦିନ ଅତ୍ୟନ୍ତ ଅଭିଭୂତ ହୋଇଥିଲା; ଯେଉଁଦିନ ଏପରି ମହକିତ ଦୁନିଆକୁ ନିଜ ଆଖିରେ ଦେଖିବାର ସୁଯୋଗ ପାଇଲା। ଗଞ୍ଜାମ ଜିଲାର ସାନ ଖେମୁଣ୍ଡି ବ୍ଲକର ଖେମୁଣ୍ଡି ଖୋଲ, ଶ୍ରୀରାମ ନଗର, କୃଷ୍ଣପୁର, ମାଧବ ନଗର, ଶବର ପଲ୍ଲୀ, କାଳି ବୁରେଇ, ପାଲୁଖୋଲା, ବେଲଗଡ଼, ଖପରା ବାଡ଼, ରାମପଲ୍ଲୀ, ସୀତା ପଲ୍ଲୀ, ଦେଉଳ ସାହି, ବଡ଼ ପଦା, ବାଳିଆ ପଦା, ଝୁଲାସାହି, କଣ୍ଟା ବାଉଁଶ, ବାଆବାଡ଼, ଝୁଲଣ, ଅଶୋକ ନଗର, ନୂଆଗାଁ, ସୁବର୍ଣ୍ଣଗଡ଼, ନୂଆସାହି, ଗୋହରିଆ ଖୋଲ, ଲକ୍ଷ୍ମୀପୁର, ଗାଦଲ କୁମ୍ଭା ଆଦି ୩୫ରୁ ଊର୍ଦ୍ଧ୍ୱ ଛୋଟ ଛୋଟ ଗାଆଁ ଅଛି, ଯେଉଁଠି କି ଦିବ୍ୟତ୍ୱର ଦୁର୍ଲଭ ଅନୁଭବ ହୁଏ। ମୂଲ୍ୟବୋଧର ମହରଗ ଦୁନିଆର ମହକଭରା ଏ ମଣିଷମାନଙ୍କୁ ଦେଖିଦେଲେ, ସତରେ ଆତ୍ମହରା ହୋଇଯାଏ ପ୍ରାଣ। ନା ଅଛି ଶୋଷଣ ଓ ଶଠତାର ସମାବେଶ ନା ପ୍ରବଞ୍ଚନାର ପଦଚିହ୍ନ ଅବା କପଟତାର କଳୁଷ। ଭବ୍ୟ ଭାବନାରେ ବନ୍ଧା ଶୁଦ୍ଧ ମନର ମଣିଷ ଏମାନେ। ଯେମିତି ଶାନ୍ତ, ସେମିତି ସୁଧାର। ଯେମିତି ସୁସଂହତ, ସେମିତି ସଂସ୍କୃତି ପ୍ରାଣ ଓ ପରମ୍ପରା ପ୍ରତି ପ୍ରତିଶ୍ରୁତି ବଦ୍ଧ। କିନ୍ତୁ ନୁହନ୍ତି କେବେ କୁସଂସ୍କାରରେ କୁପୋଷିତ। ମନୋରମ ପ୍ରାକୃତିକ ପରିବେଶଭରା ଉଷ୍ମ ପ୍ରସ୍ରବଣ, ତପ୍ତପାଣିର ଠିକ୍ ପୂର୍ବରୁ ପ୍ରକୃତିର ସ୍ନିଗ୍ଧ କୋଳରେ ଅବସ୍ଥିତ ଏହି ଶବର ଗାଆଁଗୁଡିକ। ପାର୍ଶ୍ୱରେ ପ୍ରବାହିତ ପ୍ରସ୍ରବଣ ପରି ଏଠି ବି ପରସ୍ପର ମଧ୍ୟରେ ପ୍ରବାହିତ ସୌହାର୍ଦ୍ଦ୍ୟ ଭାବ ଓ ସଦିଚ୍ଛାର ସ୍ୱଚ୍ଛ ସଲୀଳ ସ୍ରୋତ। ନା ଅଛି କାର୍ପଣ୍ୟ ଭାବ କରୁଣା ଟିକେ ପାଇଁ ଅବା ଦ୍ୱିଧାବୋଧ ଦୟା, ସହାନୁଭୂତି ଅବା ସମ୍ବେଦନଶୀଳତା ପାଇଁ। ନିଜ ନିଜ ମଧ୍ୟେ ନାହିଁ କଳହ କିମ୍ବା ମନାନ୍ତର ଅବା ଛନ୍ଦ-ମନ୍ଦ କି ମାଲି-ମକଦ୍ଦମା; ଯାହାକି ସ୍ୱୀକାର କରନ୍ତି ଉକ୍ତ ଅଞ୍ଚଳର ଥାନା ଇନଚାର୍ଜ ଇନ୍ସପେକ୍ଟର ଅଜୟ କୁମାର ବାରିକ। ଉପରୋକ୍ତ ପଲ୍ଲୀପୁଞ୍ଜ ଭିତରୁ ଶ୍ରୀରାମ ନଗର, ମାଧବ ନଗର, ଶବର ପଲ୍ଲୀ, କୃଷ୍ଣପୁର, କାଳି ବୁରେଇ ଆଦି ପାଞ୍ଚୋଟି ପଡ଼ା ଏମିତି ଅଛି; ଯାହା କି ନିଶା ରାକ୍ଷସ ଦ୍ୱାରା କବଳିତ ନୁହେଁ।

ଶବର ସମ୍ପ୍ରଦାୟର ପାଞ୍ଚଟି ପଲ୍ଲୀର ସରଳ ଏହି ମଣିଷମାନେ ମଦଠୁ ମାଇଲ ମାଇଲ ଦୂରରେ। ଯେଉଁଠି, ଆଜିର ଦିନରେ ରାଜ୍ୟରେ ବୋହୁଛି ମଦର ବନ୍ୟା। କଲେଜ ପଢୁଆ କିଶୋର ଓ ତରୁଣଙ୍କର ତ ମଦ ପାଲଟି ଗଲାଣି ଏକ ନିୟମିତ ପାନୀୟ। ସବୁଠୁ ବିସ୍ମୟ ହେଉଛି ଓଡ଼ିଶା ପରି ଏକ ସଂସ୍କୃତି ମନସ୍କା ମାଟିର ଯେଉଁମାନଙ୍କୁ ଲକ୍ଷ୍ମୀପ୍ରତିମା ବୋଲି ମନେକରାଯାଏ, ସେଇମାନେ (ବିଶେଷକରି କଲେଜ ପଢୁଆ) ନିଶା ପାଲରେ ବି ପଡିଗଲେଣି। ବନବାସୀ ବସ୍ତିଗୁଡିକରେ ଏଠି ଦାରିଦ୍ର୍ୟ ଅଛି, କିନ୍ତୁ ଦୁଃଖ ନାହିଁ କି ନିରାଶା ନାହିଁ। ନାହିଁ ବଡ଼ ଘର, କୋଠା-ବାଡ଼ି କି ଗାଡି-ଘୋଡ଼ା, କିନ୍ତୁ ସୁଖ ଅଛି, ଶାନ୍ତି ଅଛି, ସନ୍ତୋଷ ବି ଅଛି। ଏମାନଙ୍କ ଜୀବନ ଶୈଳୀକୁ ଅନୁଧ୍ୟାନ କଲେ ଉପଲବ୍ଧି ହୁଏ, ଉଚ୍ଚ ଡିଗ୍ରୀ, ସାହେବୀ ଢଙ୍ଗ ବା ଆମ ସୌଖୀନ ଜୀବନରେ ନ ଥାଏ ସୁଖ ବା ଆନନ୍ଦ। ତାହା ତ ଥାଏ ଆମ ମିଠା ଆଚରଣରେ। ସଙ୍ଘର୍ଷ ନୁହଁ, ସହଯୋଗ ଓ ସମନ୍ୱୟରେ ହିଁ ନିହିତ ଜୀବନର ନିର୍ଯାସ। ବେଇମାନୀ ନୁହଁ, ବିଶ୍ୱାସର ବଡ଼ଦାଣ୍ଡରେ, ସରଳ ଓ ସାବଲୀଳ ଢଙ୍ଗରେ ଚାଲେ ଜୀବନ ରଥ। ଆମେ ଶ୍ରୀଜଗନ୍ନାଥଙ୍କ ଚିତ୍ର/ଦାରୁ ପ୍ରତିମାକୁ ପୂଜା କରୁ। ସେମାନେ କିନ୍ତୁ ଜଗନ୍ନାଥଙ୍କ ଦିବ୍ୟ ଚେତନାର ପୂଜାରୀ। ଜଗନ୍ନାଥ ତତ୍ତ୍ୱ ପାଲଟିଛି ତାଙ୍କ ଆଚାର ସଂହିତା। ସତେ ଯେମିତି ପରିବାରର ମୁଖିଆ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା- ଯାହା କି ଦିବ୍ୟତ୍ୱର ଉତ୍କର୍ଷ ଉପଲବ୍ଧି ଓ ସର୍ବ କଲ୍ୟାଣର କଥା କୁହେ, ଏହି ପଞ୍ଚ ମାନବୀୟ ମୂଲ୍ୟବୋଧ ମନ୍ତ୍ରରେ ଏମାନେ ଅଭିମନ୍ତ୍ରିତ। ଏପରିସ୍ଥଳେ କେମିତି ବା ଆସନ୍ତା ଆବିଳତା ଅବା ଅନୀତି, ଅନାଚାରର ଅଳିଆ ? ଅନ୍ୟଠି ଭକ୍ତିକୁ ନେଇ ଯେଉଁଠି ଭଣ୍ଡାମି, ଭାବକୁ ନେଇ ବେଉସା, ଧର୍ମକୁ ନେଇ ଧୋକାବାଜି ଚାଲେ, ଏଠି କିନ୍ତୁ ଶୁଦ୍ଧତା ଓ ସାତ୍ତ୍ୱିକତାର ସଂଚରଣ। ଏମାନଙ୍କ ଶ୍ରଦ୍ଧାରେ ସିକ୍ତ ଶ୍ରୀଜଗନ୍ନାଥ। ସାମାଜିକ ସଂହତି, ସାମାଜିକ ସମରସତା ସମେତ 'ସ୍ୱଚ୍ଛ ଭାରତ'ର ସ୍ୱର୍ଣ୍ଣିମ ଭାବଧାରା ଦେଖିବାକୁ ମିଳେ ଏହି ପଲ୍ଲୀ ପୁଞ୍ଜରେ। ପାରିପାର୍ଶ୍ୱିକ ସ୍ୱଚ୍ଛତା ଯେମିତି, ମନର ସ୍ୱଚ୍ଛତା ବି ସେମିତି। ପଲ୍ଲୀର ପ୍ରବେଶ ପଥରୁ ହିଁ ବାରି ହୁଏ ଭିନ୍ନତା। ପ୍ରତିଟି ଘର ସାମ୍ନାରେ ରଙ୍ଗିନ ମୁରୁଜର ସୁନ୍ଦର ଚିତ୍ର ଉପରେ ଶୋଭା ପାଉଥାଏ ଜଳଭର୍ତ୍ତି ପୂର୍ଣ୍ଣକୁମ୍ଭ। ଆଉ ପ୍ରତିଟି ଦ୍ୱାର କାନ୍ଥରେ ଓଁ ଓ ସ୍ୱସ୍ତିକର ଚିହ୍ନ। ଯେହେତୁ ଆଧ୍ୟାତ୍ମିକତା ହେଉଛି ଆତ୍ମିକ ଉନ୍ନତିର ମୂଳାଧାର, ଏଣୁ ପ୍ରତି ଗାଆଁରେ ରହିଛି ଭାଗବତ ଟୁଙ୍ଗୀ। ଯେଉଁଠି ନିତ୍ୟ ପୂଜାପାଉଥାନ୍ତି ଶ୍ରୀ ଶ୍ରୀ ଜଗନ୍ନାଥ। ଅହରହ ଜଳୁଥାଏ ଅଖଣ୍ଡ ଦୀପ। ଶ୍ରୀ ଜୀଉଙ୍କ ସହିତ ପୂଜାପାଉଥାନ୍ତି ଶ୍ରୀମଦ୍ ଗୀତା, ଭାଗବତ, ପୁରାଣ ଆଦି ପବିତ୍ର ଶାସ୍ତ୍ର ମାନ; ଯାହା କି ପାଠ କରାଯାଇଥାଏ ପ୍ରତିଟି ସନ୍ଧ୍ୟାରେ। ସମବେତ ମହିଳା, ପୁରୁଷ ସମସ୍ତେ ଶୁଣୁ ଥାଆନ୍ତି ଖୁବ୍ ତଲ୍ଲୀନ ହୋଇ। ସତ୍‌ଜ୍ଞାନର ପବିତ୍ର ଜଳରେ ମନକୁ ନିତି ପ୍ରତିଦିନ ସ୍ନାନ କରୁଥିବାରୁ ତାହା କଳୁଷିତ ଓ ଆବର୍ଜନାମୁକ୍ତ ରହେ। ନକାରାତ୍ମକ ଭାବନା ତାଙ୍କଠି ଗ୍ରାସ କରିପାରେନା। ସକାରାତ୍ମକ ଭାବନାରେ ଭିଜୁଥିବା ଯୋଗୁ ଆଚରଣରେ ଶିଷ୍ଟତା, ଶାଳୀନତା, ଶାନ୍ତ ସ୍ୱଭାବ ପରିଲକ୍ଷିତ ହୁଏ। ଏହା ନ ହୋଇଥିଲେ ଜୀବନର ଏମିତି ମାଧୁର୍ଯ୍ୟ କେବେ ଆସ୍ୱାଦନ କରି ପାରି ନ ଥାନ୍ତେ।

ପ୍ରତି ମାସର ସଂକ୍ରାନ୍ତିରେ ଆଠ ଦଶଟି ପ୍ରତିବେଶୀ ଗାଆଁଗୁଡିକୁ ନେଇ ଗ୍ରାମ ଏକତ୍ରୀକରଣ ଅବସରରେ ସମସ୍ତେ ସାମିଲ ହୁଅନ୍ତି ସାମୂହିକ ପଂକ୍ତି ଭୋଜନରେ। ଭୋଜନ ପୂର୍ବରୁ କେହି ଜଣେ ଛୋଟ ପିଲା ସୁନ୍ଦର କଣ୍ଠରେ ମନ୍ତ୍ରପାଠ କରିଥାଏ-ଓଁ ସହନାବବତୁ, ସହନୌଭୁନକ୍ତୁ, ସହବୀର୍ଯ୍ୟଂ କରବାବହୈ, ତେଜସ୍ୱୀ ନାବଧୀତମସ୍ତୁ ମାବିଦ୍ୱିଷାବହୈ, ଯାହାକୁ କି ସମସ୍ତେ ଦୋହରାଇଥାନ୍ତି। ସତେ ଯେମିତି ସମସ୍ତେ ସଂକଳ୍ପ ନେଉଛନ୍ତି – ଆମେ ଏକାଠି ବସିବା, ଏକାଠି ଖାଇବା, ଆମ ମଧ୍ୟେ ବିଦ୍ୱେଷ ଭାବ ନ ରହୁ, ଆମେ ସଂଗଠିତ ହେବା ଇତ୍ୟାଦି ଇତ୍ୟାଦି। ଶବର ସମାଜ ଦ୍ୱାରା ପୂଜିତ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ସଭକ୍ତି ସେଦିନ ପ୍ରଣିପାତ କଲାବେଳେ ମନେହେଲା ସତେ ଯେମିତି ପ୍ରଭୁ କହୁଛନ୍ତି ''ଆରେ, ଏଇଠି ରହିବାକୁ ମୋତେ ଭଲ ଲାଗୁଛି। ଏମାନଙ୍କ ଭାବ, ଭକ୍ତି, ଆବେଗରେ ଏତେ ଆସକ୍ତ ଯେ ଏମାନଙ୍କୁ ଆଡେଇ ଯାଇପାରୁନି। ମୁଁ ତ ସେଇମାନଙ୍କୁ ଖୋଜିବୁଲେ, ଯେଉଁମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତିଶୀଳ। ସେଇମାନଙ୍କ ଗହଣରେ ମୋତେ ରହିବାକୁ ଇଚ୍ଛା ହୁଏ, ଯେଉଁମାନେ ଅନ୍ୟକୁ ସେବା ଓ ସାହାଯ୍ୟ ପାଇଁ ସଦା ତତ୍ପର। ତେଣୁ ମୁଁ ଏଇଠି ବାନ୍ଧି ରହିଛି।'' ମନେହୁଏ, ୟୁରୋପ ବା ଆମେରିକା ଦୁନିଆରୁ ଆମଦାନୀ ହେଉଥିବା ଆଧୁନିକତାର ଅଳନ୍ଧୁ ଏମାନଙ୍କୁ କବଳିତ କରି ପାରିନାହିଁ ଅଦ୍ୟାବଧି; ଯେଉଁଥିପାଇଁ କି ଅମୃତ ପଥର ଅଭିଯାତ୍ରୀ ଏମାନେ। ତଥାପି ଏମାନଙ୍କ ସରଳପଣ, ନିରୀହତାର ସୁଯୋଗ ନେଇ ଏମାନଙ୍କୁ ଫାନ୍ଦରେ ପକାଇବାକୁ ବେଳେ ବେଳେ ଉଦ୍ୟମ ହେଉଥିବାର ଅଭିଯୋଗ ହୁଏ। ପଡୋଶୀ ଜିଲାର କେତେକ ମାଓବାଦୀ, ପାଞ୍ଚ-ଛଅ ବର୍ଷ ତଳେ କାରସାଦି କରୁଥିଲେ ମାଓ ସଙ୍ଗଠନରେ ସାମିଲ କରେଇବାକୁ। ଜଣେ ଦୁଇଜଣଙ୍କୁ ବି କମ୍ରେଡମାନେ କୁଆଡେ ଜାଲରେ ଧରିଥିଲେ। ମାତ୍ର ସାମୂହିକ ପ୍ରୟାସ ଓ ସତର୍କ ପଣିଆ ଯୋଗୁ କମ୍ରେଡମାନେ ସଫଳ ହୋଇ ପାରି ନ ଥିଲେ। ଏହିପରି ବାହ୍ୟ ଭୂତାଣୁଠାରୁ ଏମାନଙ୍କୁ ମୁକ୍ତ ରଖିପାରିଲେ, ଆହୁରି ଉଦ୍ଭାସିତ ହୋଇ ପାରନ୍ତା ଏହି ପଲ୍ଲୀଗୁଡିକ। ଏହିପରି ପ୍ରତିଟି ପଡ଼ା ବା ପଲ୍ଲୀଗୁଡିକ ଯଦି ପରିଣତ ହୋଇ ପାରନ୍ତା ଏକ ଏକ ଶ୍ରୀ କ୍ଷେତ୍ରରେ, ତେବେ ଆମ ପୃଥିବୀଟା ସତରେ କେତେ ସୁନ୍ଦର ନ ହୁଅନ୍ତା ।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର,
ମୋ-୯୪୩୭୪୩୬୦୭୩

# ଶିଶୁ କେତେ ସୁରକ୍ଷିତ

ଘାସିରାମ ପଣ୍ଡା

ନାବାଳିକା ପରୀର ଅପହରଣ ଓ ହତ୍ୟା ଘଟଣାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନରେ ଅବହେଳାକୁ ନେଇ ରାଜ୍ୟରେ ଆନ୍ଦୋଳନ ସରଗରମ ହୋଇଛି। ସେହି ଏକା ସମୟରେ ବରଗଡ ଜିଲାରେ ନୂଆଁ ଗୁଡେଶିରାର ଲୋକେ ମଧ୍ୟ ଜଣେ ନାବାଳିକାଙ୍କ ବଳାତ୍କାର, ବାଲ୍ୟ ବିବାହ ଓ ପରେ ହତ୍ୟା ଘଟଣା ପାଇଁ ଜିଲାପାଳଙ୍କ ପାଖରେ ନ୍ୟାୟ ମାଗୁଛନ୍ତି। ଝିଅଟି ଆଶ୍ରମ ସ୍କୁଲରେ ରହି ପାଠ ପଢୁଥିଲେ। କୋଭିଡ୍ ଯୋଗୁ ଛୁଟି ହେଲା ପରେ ସେ ଘରକୁ ଫେରି ଆସିଥିଲେ। ବାପା ମା' ନ ଥିବା ଏହି ଝିଅଟି କକା ଖୁଡୀ ଓ ଆଈ ପାଖରେ ରହୁଥିଲେ। ଛୁଟି ସମୟରେ ସେହି ଗାଁରେ ଝିଅଟି ବଳାତ୍କାର ଶିକାର ହେଲା ପରେ ତାଙ୍କୁ ମାତ୍ର ଚଉଦ ବର୍ଷ ବୟସରେ ଆଉ ଜଣକୁ ବିବାହ କରି ଦିଆଗଲା। ଏବେ କିଛିଦିନ ତଳେ ତାଙ୍କୁ ବିଷ ଦେଇ ମାରିଦେବାର ଅଭିଯୋଗ ଆସିଥିଲେ ହେଁ ପୋଲିସ ତତ୍ପରତା ପ୍ରକାଶ ନ କରିବାରୁ ଗ୍ରାମବାସୀ ଆନ୍ଦୋଳନର ବାଟ ବାଛିଛନ୍ତି।

ପ୍ରତ୍ୟେକ ଶିଶୁର ଜୀବନ ସମାନ ମୂଲ୍ୟ ରଖେ। ହେଲେ ବରଗଡର ଏହି ଘଟଣାଟି ବିଧାନସଭାର ଆଲୋଚନା ପର୍ଯ୍ୟନ୍ତ ଆସିପାରିଲାନାହିଁ। ପରୀ ଘଟଣାରେ ବିଧାନସଭା ଚାଲୁଥିବା ବେଳେ ପରୀର ମାତାପିତା ଆତ୍ମାହୁତି ଦେବାର ପ୍ରୟାସ ପାଇଁ ହୁଏତ ଏହା ବେଶି ଚର୍ଚ୍ଚାକୁ ଆସିଛି। ଏଣୁ ନିର୍ଦ୍ଦିଷ୍ଟ ଘଟଣା ଓ ବ୍ୟକ୍ତି ଆଧାରରେ ଆଲୋଚନା ଅପେକ୍ଷା ବିଧାନସଭାରେ ଏହାକୁ ଭିତ୍ତିକରି ଶିଶୁ ସୁରକ୍ଷା ବିଷୟ ଆଧାରିତ ଚର୍ଚ୍ଚା ହେଲେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଶିଶୁଙ୍କ ପ୍ରତି ରାଜନୈତିକ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ୨୦୧୯ରେ ୩୧୫୧ ଓ ୨୦୧୮ରେ ୨୩୫୨ ଜଣ ଶିଶୁଙ୍କର ପତ୍ତା ମିଳିପାରିନାହିଁ। ହଜିଥିବା ଶିଶୁମାନଙ୍କୁ ଖୋଜି ପାଇବାରେ ସାରା ଭାରତରେ ଆମେ ସବୁଠୁ ପଛରେ ଅଛୁ। କେରଳ ଭଳି ରାଜ୍ୟରେ ହଜିଯାଇଥିବା ଶିଶୁଙ୍କ ମଧ୍ୟରୁ ୯୪ ଭାଗଙ୍କୁ ଉଦ୍ଧାର କରାଯାଇ ପାରୁଥିଲେ ହେଁ ଓଡ଼ିଶାରେ ଏହା ମାତ୍ର ୨୭.୧ ପ୍ରତିଶତ। କେବଳ ଏତିକି ନୁହେଁ। ଶିଶୁମାନଙ୍କୁ ନେଇ ହେଉଥିବା ପ୍ରନୋଗ୍ରାଫି ଘଟଣାରେ ଆମ ରାଜ୍ୟରେ ସବୁଠୁ ଅଧିକ ଅଭିଯୋଗ ଦାଏର ହୋଇଛି। ରାଜ୍ୟର ଆଠଟି ଜିଲାରେ ବାଲ୍ୟ ବିବାହ ଜାତୀୟ ହାରଠୁ ଊର୍ଦ୍ଧ୍ୱରେ। କେତେ ପିଲା ଶିଶୁ ଶ୍ରମିକ ହେଲେଣି ତା'ର ତଥ୍ୟ ନାହିଁ।

ପରୀର ଶବ ଯେପରି ଭାବରେ ମିଳିଛି ସେଥିରୁ ଘଟଣାର ବୀଭତ୍ସତାକୁ ଅନୁଭବ କରାଯାଇ ପାରୁଛି। ହେଲେ ଏ ହଜିଯାଇଥିବା ୫୫୦୩ ପିଲାଙ୍କର ସ୍ଥିତି ଯେ ପରୀଠୁ ବି ଆହୁରି ଭୟଙ୍କର ହୋଇ ନ ଥିବ ଏକଥା କିଏ କହିବ। ପରୀକୁ ନ୍ୟାୟ ଦେବାପାଇଁ ସ୍ୱର ଉତ୍ତୋଳନ କରୁଥିବା ନେତାମାନଙ୍କ ନିର୍ବାଚନମଣ୍ଡଳୀରୁ ମଧ୍ୟ ଏହି ନିରୁଦ୍ଦିଷ୍ଟ ଶିଶୁମାନଙ୍କ ଭିତରୁ ଅନେକେ ଅଛନ୍ତି। ପରୀ ପାଇଁ ସ୍ୱର ଉତ୍ତୋଳନ ସହିତ ଏହି ୫୫୦୩ ନିଖୋଜଙ୍କୁ ଠାବ କରିବା ଲାଗି ନିଜ ଅଞ୍ଚଳର ପୋଲିସ ଉପରେ ନିର୍ବାଚିତ ଲୋକ ପ୍ରତିନିଧିମାନେ ଚାପ ପକାଇଲେ କାହାରି ବାପା ମା'ଙ୍କୁ ବିଧାନସଭା ଆଗରେ ଆତ୍ମାହୁତି ଦେବାକୁ ପଡ଼ିବ ନାହିଁ।

ଘଟଣା ଘଟିଗଲା ପରେ ଅବହେଳା ପାଇଁ ବ୍ୟବସ୍ଥା ଉପରେ ବେଶି ଚାପ ପଡ଼େ। ହେଲେ ଶିଶୁଙ୍କ ଅଧିକାରର ସୁରକ୍ଷା ଲାଗି ଉଦ୍ଦିଷ୍ଟ ପ୍ରତିଷେଧମୂଳକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିଲେ ଏଭଳି ଘଟଣାକୁ ରୋକାଯାଇପାରିବ। ଶିଶୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତି ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲାରେ ଶିଶୁ ଅଧିକାର ସୁରକ୍ଷା କମିଟି ରହିଛି। ବିପଦସଙ୍କୁଳ ଶିଶୁଙ୍କୁ ଚିହ୍ନଟ କରିବା, ଶିଶୁ ଅଧିକାରକୁ ନିଶ୍ଚିତ କରିବା ଏମାନଙ୍କର ଦାୟିତ୍ୱ। ସହରାଞ୍ଚଳରେ ବି ଶିଶୁମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏଭଳି ବ୍ୟବସ୍ଥା ଏଯାଏ ହୋଇପାରି ନାହିଁ। ସହରାଞ୍ଚଳରେ ୱାର୍ଡ ସ୍ତରରେ ଏଭଳି କମିଟି ଗଠନ ପାଇଁ ଦାବି କରାଯିବା ସହ ବିଭିନ୍ନ ସ୍ତରରେ ପୂର୍ବ ଗଠିତ କମିଟିକୁ କାର୍ଯ୍ୟକ୍ଷମ କରିବାରେ ପ୍ରତ୍ୟକ୍ଷ ଭୂମିକା ନେବାର ଆବଶ୍ୟକତା ରହିଛି। ଜିଲା ସ୍ତରରେ ଶିଶୁଙ୍କ ସୁରକ୍ଷା ପାଇଁ ଶିଶୁ ସୁରକ୍ଷା କମିଟି ସମେତ ବାଲ୍ୟ ବିବାହ ନିଷେଧ ଓ ଶିଶୁ ଶ୍ରମିକ ନିରାକରଣ ପାଇଁ ମଧ୍ୟ କମିଟି ରହିଛି। ଏ ସବୁରେ ଜିଲାପାଳ ଅଧକ୍ଷତା କରନ୍ତି। ଶିଶୁଙ୍କ କଥାକୁ ଅଗ୍ରାଧିକାର ଦିଆଯାଉ ନ ଥିବାରୁ ଏହି କମିଟିଗୁଡିକର ବୈଠକ ହୋଇପାରେ ନାହିଁ। ଫଳରେ ଜିଲାରେ ଅନେକ ଅଘଟଣ ହେଉଥିଲେ ବି କଥା ପଛକୁ ଚାଲିଯାଏ। କଦବା କ୍ୱଚିତ ପରୀ ଘଟଣା ଭଳି ଏହା ବିଧାନସଭାକୁ ସରଗରମ କରେ। ତିନିମାସରେ ଦିନଟିଏ ପିଲାଙ୍କ ଦିନ ଭାବି ଜିଲାପାଳମାନେ ଏହିସବୁ କମିଟିର ବୈଠକ ଯଦି ସେହି ଗୋଟିଏ ଦିନରେ ସବୁସ୍ତରରେ କରିବେ ତେବେ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ବଢିବା ସହ ଜିଲାରେ ଶିଶୁଙ୍କୁ ଅଗ୍ରାଧିକାର ମିଳିବ। ନିର୍ବାଚିତ ଲୋକ ପ୍ରତିନିଧିମାନେ ଏହାକୁ ସୁନିଶ୍ଚିତ କରିବା ସହ ଏଥିରେ ଭାଗନେଲେ ବିଷୟର ଗୁରୁତ୍ୱକୁ ସମସ୍ତେ ଅନୁଭବ କରିବେ। ସେମାନେ ନିଜ ନିର୍ବାଚନମଣ୍ଡଳୀରେ ବିକାଶ କାମର ତଦାରଖ ପାଇଁ ଯେମିତି ନିଜ ପ୍ରତିନିଧି ନିଯୁକ୍ତ କରନ୍ତି ସେମିତି ପ୍ରତ୍ୟେକ ପଞ୍ଚାୟତରୁ ଜଣେ ଶିଶୁ ପ୍ରତିନିଧିଙ୍କୁ ଚୟନକରି ଶାସନ ପ୍ରକ୍ରିୟାରେ ଭାଗୀଦାରି କଲେ ଶିଶୁ ଅଧିକାର ସୁନିଶ୍ଚିତ କରିବାରେ ଏହା ନୂତନ ଦିଗବାରେଣୀ ହେବ।

ସୁବର୍ଣ୍ଣପୁର, ମୋ-୯୪୩୮୩୪୧୭୯୪

## ଏଇ ଭାରତରେ

ଶୀତର ଆଗମନ ପୂର୍ବରୁ ପଞ୍ଜାବ, ହରିୟାଣା ଓ ଦିଲ୍ଲୀ ଆଦି ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ନଡ଼ାପୋଡ଼ି ଯୋଗୁ ପରିବେଶ ପ୍ରଦୂଷିତ ହୋଇଥାଏ। ମୁଖ୍ୟତଃ ଦିଲ୍ଲୀର ବାୟୁମଣ୍ଡଳ ସବୁଠୁ ବେଶି ପ୍ରଭାବିତ ହୁଏ। ଏହା ଉପରେ ଆଇନଗତ କଟକଣା ରହିଥିଲେ ବି ନଡ଼ାପୋଡି ଅଭ୍ୟାସରୁ ଚାଷୀମାନେ ଓହରିବା ଲକ୍ଷ୍ୟ କରାଯାଉନାହିଁ। କିନ୍ତୁ ଏହି ସମସ୍ୟା ଦୂର କରିବା ପାଇଁ ହରିୟାଣାର ଫାର୍ସମଜରା ଗାଁର ଚାଷୀ ବୀରେନ୍ଦ୍ର ଯାଦବ ଆଗକୁ ଆସିଛନ୍ତି। ତାଙ୍କ ବୟସ ଏବେ ୩୨। ସେ ନଡ଼ା ପୋଡି ରୋକିବା ସହ ସେଥିରୁ ୪୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେବଳ ଏତିକି ନୁହେଁ, ବୀରେନ୍ଦ୍ର ଆଖପାଖ ୮ଟି ଗାଁରେ ପ୍ରାୟ ୨୦୦ ଚାଷୀଙ୍କୁ ଉତ୍ସାହିତ କରିଛନ୍ତି। କଇଥାଲ ସହରର ନିକଟବର୍ତ୍ତୀ ଫାର୍ସମଜରା ସମେତ ଅନ୍ୟ ଗାଁର ଚାଷୀମାନଙ୍କ ବିଲରୁ ଆଉ ଧୂଆଁ ଉଠୁନାହିଁ। ବୀରେନ୍ଦ୍ର ହସ୍ପିଟାଲିଟି ଉପରେ ଶିକ୍ଷା ଲାଭ କରିବା ଲାଗି ଅଷ୍ଟ୍ରେଲିଆ ଯାଇଥିଲେ ଓ ଶିକ୍ଷା ଶେଷ କରି ସେଠାରେ ଚାକିରି କରିଥିଲେ। କିନ୍ତୁ ୨୦୧୫ରେ ସେଠାରୁ ନଡ଼ାପୋଡି ସମସ୍ୟାର ଏକ ଦୀର୍ଘମିଆଦୀ ସମାଧାନ କରିବା ଲାଗି ଚାହିଁଥିଲେ। ପରେ ୨୦୧୯ରେ ଗୋଟିଏ ଓ ୨୦୨୦ରେ ଦୁଇଟି ସ-ବଲେର୍ ମେଶିନ ଆଣି ବିଲରୁ ନଡ଼ା ଗୋଟାଇ ବିଡ଼ା ବାନ୍ଧି ତାହାକୁ ଫ୍ୟାକ୍ଟ୍ରିକୁ ବିକ୍ରି କରିବା ଆରମ୍ଭ କରିଥିଲେ। ୨୦୧୯ରେ ୬୦,୦୦୦ କୁଇଣ୍ଟାଲ ନଡ଼ା ବିକ୍ରି କରିଥିବାବେଳେ ଚଳିତ ବର୍ଷ ଏଯାବତ ୫,୫୦୦ ଏକର ଜମିରୁ ଏହା ସଂଗ୍ରହ କରି ୪୮,୦୦୦ କୁଇଣ୍ଟାଲ ନଡ଼ା ବିକ୍ରି କରିଛନ୍ତି। ପେପର ମିଲ୍ ଓ ଆଗ୍ରୋ ଇଣ୍ଡଷ୍ଟ୍ରିକୁ ସେ କୁଇଣ୍ଟାଲ ପ୍ରତି ୧୩୫ଟଙ୍କା ମୂଲ୍ୟରେ ବିକୁଛନ୍ତି। ଦୁଇ ବର୍ଷ ମଧ୍ୟରେ ସେ ୧.୫ କୋଟି ଟଙ୍କାର ନଡ଼ା ବିକ୍ରି କରି ଲାଭ ପାଇଛନ୍ତି ୪୫ ଲକ୍ଷ ଟଙ୍କା। ବୀରେନ୍ଦ୍ର ଏହି କାର୍ଯ୍ୟ ଲାଗି ଏବେ ରୋଲ୍‌ମଡେଲ ପାଲଟିଛନ୍ତି। ଏଭଳି ପଦ୍ଧତି ପ୍ରତି ଶହ ଶହ ଚାଷୀ ଆକୃଷ୍ଟ ହେଉଛନ୍ତି ବୋଲି କହନ୍ତି ବୀରେନ୍ଦ୍ର।

## ୨୫ ବର୍ଷ ତଳର ଧରିତ୍ରୀ

୪ ଡିସେମ୍ବର ୧୯୯୫

- ଉତ୍ତର ଆଟଲାଣ୍ଟିକ ଚୁକ୍ତି ସଙ୍ଗଠନ (ନାଟୋ)ର ମୁଖ୍ୟ ଭାବେ ସ୍ପେନର ବୈଦେଶିକ ମନ୍ତ୍ରୀ ଜାଭିୟର ସୋଲୋନା ମନୋନୀତ।
- ପୁତ୍ରର ଅପକର୍ମ ଯୋଗୁ କର୍ନାଟକର କନ୍ନଡ ଏବଂ ସଂସ୍କୃତି ମନ୍ତ୍ରୀ ବି.ଟି. ଲଳିତା ନାଏକ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ। –(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | 6 | | | | B | | | | 5 | | | D | 4 |
| | 5 | 3 | | 7 | | C | | | | | | | B | |
| | | 8 | | | 1 | 6 | | | | | | | C | 3 |
| | | D | | B | 8 | 1 | | 4 | | 6 | | | | |
| 4 | B | | | | | | 9 | 3 | | | 2 | | | 8 |
| | | | 5 | 4 | 0 | | | | | | | | | E |
| | | | | D | | | B | | | | | | | |
| 0 | | 4 | | E | | 8 | | | 9 | D | | | | 2 |
| 5 | | | 9 | 2 | | E | 1 | C | | | | D | 7 | |
| 9 | | | 8 | | | 4 | | | 2 | E | | | | 5 |
| B | 2 | 9 | | | | D | | | | 4 | | C | 1 | |
| | 4 | A | 7 | C | | | | | 1 | | | | 0 | |
| | | | | | | 3 | | | | C | | | E | |
| | | | | | 4 | | | 7 | E | 2 | | | 6 | A |
| | 1 | 0 | | 6 | B | 9 | | | | A | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | A | 1 | 9 | D | 7 | 4 | 6 | 2 | 0 | 3 | B | E | 5 | 8 |
| 8 | 2 | E | 0 | 6 | A | 7 | B | 9 | 4 | 5 | C | 3 | D | 1 |
| 5 | 7 | 6 | E | B | 8 | 3 | 0 | 1 | A | D | 9 | 4 | 2 | C |
| 0 | 4 | D | 2 | C | 3 | E | 5 | A | 7 | 1 | 8 | 6 | 9 | B |
| B | 9 | 3 | 5 | 4 | 1 | 8 | D | C | 6 | E | 2 | 7 | A | 0 |
| 3 | B | 8 | 1 | 0 | 4 | C | E | 5 | 2 | 7 | D | 9 | 6 | A |
| 2 | E | 5 | 7 | 3 | D | 1 | 9 | 6 | 8 | A | 0 | C | B | 4 |
| 4 | 6 | 9 | C | A | 5 | D | 7 | 3 | 1 | B | E | 0 | 8 | 2 |
| 1 | 0 | C | 6 | 8 | E | A | 2 | B | 9 | 4 | 3 | D | 7 | 5 |
| A | D | 7 | B | 2 | 9 | 0 | 4 | 8 | 5 | C | 6 | 1 | E | 3 |
| 6 | C | 4 | A | 1 | 2 | B | 3 | D | E | 8 | 7 | 5 | 0 | 9 |
| 9 | 3 | A | 8 | 5 | 6 | 2 | C | 7 | D | 0 | 1 | B | 4 | E |
| E | 1 | 2 | 4 | 7 | C | 9 | A | 0 | B | 6 | 5 | 8 | 3 | D |
| D | 5 | 0 | 3 | 9 | B | 6 | 8 | E | C | 2 | 4 | A | 1 | 7 |
| 7 | 8 | B | D | E | 0 | 5 | 1 | 4 | 3 | 9 | A | 2 | C | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କାହା କଥା ଠିକ୍

ମହାଶୟ,

ଅକ୍ଟୋବର ୨୦ରେ କେତେକ ଗଣମାଧ୍ୟମରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ୱାର୍ଲଡ ଇକୋନୋମିକ୍ ଆଉଟ୍‌ପୁଟ, ୨୦୨୦ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖଥିଲା ଯେ, କୋଭିଡ୍ ମହାମାରୀ ପ୍ରଭାବରେ ବିଶ୍ୱର ଅଧିକାଂଶ ରାଷ୍ଟ୍ରର ଅର୍ଥନୀତି ଧରାଶାୟୀ ହୋଇଥିବାବେଳେ କେବଳ ଚାଇନାର ଅର୍ଥନୀତି ସୁଦୃଢ଼ ହୋଇଛି। ଏହି ରିପୋର୍ଟ ଅନୁସାରେ ଏସୀୟ ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ କୋଭିଡ୍ ମହାମାରୀ ଦ୍ୱାରା ସବୁଠୁ ବେଶି ପ୍ରଭାବିତ ହୋଇଛି। ଭାରତର ଅର୍ଥନୀତିରେ ସୁଧାର ଆଣିବା ପାଇଁ ସରକାରଙ୍କୁ ବହୁତ ଆହ୍ୱାନର ସାମ୍ନା କରିବାକୁ ହେବ। ଏହି ରିପୋର୍ଟ ପ୍ରକାଶ ପାଇବାର ଠିକ୍ ସପ୍ତାହକ ପରେ ପ୍ରଧାନମନ୍ତ୍ରୀ ଏକ ସାକ୍ଷାତ୍‌କାରରେ ଘୋଷଣା କଲେ ଯେ, ଅର୍ଥନୀତିରେ ସୁଧାର ଆସିବା ଦିଗରେ ଭାରତ ଦ୍ରୁତ ବେଗରେ ଆଗେଇ ଚାଲିଛି। ୨୦୨୪ ସୁଦ୍ଧା ଭାରତ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ ହେବ। ଉଲ୍ଲେଖଯୋଗ୍ୟ ଯେ,ପୂର୍ବରୁ ୨୦୨୫ ସୁଦ୍ଧା ଭାରତ ୫ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ ହେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରୁ କାହା କଥା ଠିକ୍ ତାହା ଅବଶ୍ୟ ଭବିଷ୍ୟତ କହିବ। ଅର୍ଥାତ୍ ୨୦୨୪ ବେଳକୁ ସ୍ପଷ୍ଟ ଚିତ୍ର ମିଳିଯିବ। ତେବେ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଉପରେ ଆସ୍ଥା ପ୍ରକଟ କରିବାକୁ ହେବ ଓ ଆଶା କରାଯିବ ଯେ, ତାଙ୍କ ଲକ୍ଷ୍ୟ ଡେଡ୍‌ଲାଇନ୍ ସୁଦ୍ଧା ହାସଲ ହେବ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## ମହାନଦୀ ସେତୁ ଆଲୋକୀକରଣ ହେଉ

ମହାନଦୀ ଉପରେ ମଧୁସେତୁରେ ଆଲୋକ ବ୍ୟବସ୍ଥା କରାଯାଇନାହିଁ। ରାଜ୍ୟ ସହରାଞ୍ଚଳ ବିଭାଗ ଏଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ଗାଡିଗୁଡିକ ବିପଦସଙ୍କୁଳ ଭାବେ ଏଥିରେ ଯାତାୟାତ କରୁଛନ୍ତି। ନୂଆପାଟଣାଠାରୁ ସିଡିଏ, ବିଡାନାସୀକୁ ସଂଯୋଗ କରୁଥିବା ଏହି ଲମ୍ବାସେତୁ ଅନ୍ଧକାରରେ ରହୁଛି । ଭବିଷ୍ୟତରେ ଦୁର୍ଘଟଣାକୁ ଏଡାଇ ହେବ ନାହିଁ। ଏହି ସେତୁରେ ସୌରଶକ୍ତି ସମ୍ପନ୍ନ ଆଲୋକ ବ୍ୟବସ୍ଥା କରାଯାଉ। କଟକ ମହାନଗର ନିଗମ ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ।

–ରମେଶଚନ୍ଦ୍ର ବେହେରା, ଆୟତ୍ତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୫୧,୭୧,୭୯୩ | ୧୫,୦୫,୫୯୪ | ୪,୫୧,୭୪,୯୨୦ |
| ଭାରତ | ୯୫,୫୬,୮୮୧ | ୧,୩୮,୯୪୬ | ୮୯,୯୮,୦୦୬ |
| ଓଡ଼ିଶା | ୩,୨୦,୦୧୭ | ୧୭୫୫(+୫୩) | ୩,୧୪,୦୨୩ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ମୋତେ ଡକାଯାଇ ନ ଥିଲା: ଶଙ୍କରାଚାର୍ଯ୍ୟ

**ନାଗାର୍ଜୁନ ବେଶ ଦର୍ଶନ ପ୍ରସଙ୍ଗ**

ପୁରୀ ଅଫିସ, ୩।୧୨: ନିକଟରେ ଶେଷ ହୋଇଥିବା ନାଗାର୍ଜୁନ ବେଶ ଦର୍ଶନ କରି ନ ଥିଲେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ତେବେ ତାଙ୍କୁ ଡକାଯାଇ ନ ଥିଲା ଏବଂ ସେ ସରକାରଙ୍କ ନିୟମ ମାନି ଦର୍ଶନ ପାଇଁ ଯାଇ ନ ଥିଲେ ବୋଲି ଶଙ୍କରାଚାର୍ଯ୍ୟ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି। ଜଗଦ୍‌ଗୁରୁ ଆହୁରି କହିଛନ୍ତି, ଶ୍ରୀମନ୍ଦିରର ନୀତିକାନ୍ତି ଓ ଧାର୍ମିକ ପରମ୍ପରା ସମ୍ପର୍କରେ ଶଙ୍କରାଚାର୍ଯ୍ୟଙ୍କ ନିଷ୍ପତ୍ତି ସର୍ବମାନ୍ୟ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ପରିଚାଳନା ସମିତି ଶଙ୍କରାଚାର୍ଯ୍ୟଙ୍କ ଉପସ୍ଥିତିରେ ପରିଚାଳନା ହେବା କଥା। କିନ୍ତୁ ତାହା କରାଯାଉ ନାହିଁ। ଶଙ୍କରାଚାର୍ଯ୍ୟ ସବୁଠୁ ଊର୍ଦ୍ଧ୍ୱରେ ବୋଲି କୁହାଯାଉଛି। କିନ୍ତୁ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଚଳିତବର୍ଷ ରଥଯାତ୍ରା ହେବାର ନ ଥିଲା। କିନ୍ତୁ ତାହା ହେଲା। ଓକିଲଙ୍କ ମାଧ୍ୟମରେ ତାଙ୍କର ଯାହା ଟିପ୍ପଣୀ ରଖାଯାଇଥିଲା ତାହାକୁ ଇଂଲିଶରେ ଅନୁବାଦ କରି ରାୟ ପ୍ରକାଶ କରାଯାଇଥିଲା ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି।

### କୋଟିପତି ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ବଲାଙ୍ଗୀର ଅଫିସ, ୩।୧୨: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଲାଙ୍ଗୀର ଜିଲା ମୁରିବାହାଲ ରେଞ୍ଜର ପ୍ରଶାନ୍ତ ନାୟକଙ୍କ ଘର, ଅଫିସ ଓ ଫାର୍ମ ହାଉସରେ ଗୁରୁବାର ସକାଳୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା ଏହି ଚଢ଼ାଉରେ ସମୁଦାୟ ୧କୋଟି ୮୬ଲକ୍ଷ ୫୪ହଜାର ୫୯୨ ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଜବତ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀଙ୍କ ନେତୃତ୍ୱରେ ରେଞ୍ଜର ନାୟକଙ୍କ ଟିଟିଲାଗଡ଼ସ୍ଥିତ ବାସଭବନ, ମୁରିବାହାଲସ୍ଥିତ ତାଙ୍କ ଅଫିସ ଓ ବେଲପଦରଠାରେ ଥିବା ଫାର୍ମହାଉସରେ ଚଢ଼ାଉ କରାଯାଇଥିଲା। ରେଞ୍ଜର ନାୟକଙ୍କ ଘରେ ଥିବା ସୁନା ଅଳଙ୍କାର, ବ୍ୟାଙ୍କ ଓ ବୀମା କାଗଜପତ୍ର ଯାଞ୍ଚ କରାଯାଇଥିଲା। ବ୍ୟାଙ୍କ ଡିପୋଜିଟ୍ ୨୦ଲକ୍ଷ ୪୩ ହଜାର୨୬୬ ଟଙ୍କା, ସୁନା ରୁପା ଅଳଙ୍କାର ୪ଲକ୍ଷ ୮୧ହଜାର ୭୦୬, ୧୩ଲକ୍ଷ ୧୬ ହଜାର ୫୪୨ ଟଙ୍କାର ବୀମା, ୯ଲକ୍ଷ ୫୫ ହଜାରର ପ୍ଲଟ୍, ୯୮ ଲକ୍ଷର ୨ଟି ଘର, ୨ଟି ଗାଡ଼ି ଓ ନଗଦ ଟଙ୍କା ୨ ଲକ୍ଷ ୭୩ହଜାର ଟଙ୍କା ମିଳିଥିବା ସୂଚନା ମିଳିଛି। ଗିରଫ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ଲିଙ୍କ୍‌ରେ ଏହି ଚଢ଼ାଉ କରାଯାଇଥିବା ନେଇ ଟିଟିଲାଗଡ଼ ଓ ମୁରିବାହାଲ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଭିଜିଲାନ୍ସ ପକ୍ଷରୁ ଏ ନେଇ ସବିଶେଷ ସୂଚନା ଦିଆଯାଇନାହିଁ। ବଲାଙ୍ଗୀର, ସୋନପୁର, ସମ୍ବଲପୁର ଭିଜିଲାନ୍ସ ଟିମ୍ ଏହି ଚଢ଼ାଉରେ ଭାଗ ନେଇଥିଲେ।

### ଝିଅ ଗାଲ କାଟିଦେଲା ସାବତମା'

ଫୁଲବାଣୀ ଅଫିସ/ବାଲିଗୁଡା (ଡି.ଏନ୍.ଏ.), ୩।୧୨: ସାବତମା' ଯେ କେତେ ନିଷ୍ଠୁର ହୋଇପାରେ, ତାହାର ନମୁନା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡ଼ା ଥାନା କାମପଡା ଗ୍ରାମରେ। ପିଲା କଳିରୁ ସଉତୁଣୀର ୯ବର୍ଷ ଝିଅ ଗାଲକୁ ବ୍ଲେଡ୍‌ରେ କାଟିଦେଇଛି ସାବତମା'। ଚାଇଲ୍ଡଲାଇନ କର୍ମକର୍ତ୍ତା ଖବର ପାଇ ପୋଲିସ ସହାୟତାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, କାମପଡ଼ାର ଦିଲୀପ କୁମାର ଦିଗାଲଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କର ୯ବର୍ଷର ଝିଅ ଅଛି। ଗୁରୁବାର ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଓ ପ୍ରଥମ ସ୍ତ୍ରୀଙ୍କ ଝିଅଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହୋଇଥିଲା। ରାଗିଯାଇ ସାବତମା' ଝିଅକୁ ଗାଳିଗୁଲଜ କରିବା ସହ ଏକ ଧାରୁଆ ବ୍ଲେଡ୍‌ରେ ଗାଲକୁ କାଟି ଦେଇଥିଲେ। ଏନେଇ ଚାଇଲ୍ଡ ଲାଇନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ପୂର୍ବରୁ ସାବତମା' ଝିଅକୁ ଗାଳିଗୁଲଜ ସହ ମାଡ ମାରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ୧୫ ଡିଗ୍ରୀ ତଳେ ୧୭ ସହର

ଭୁବନେଶ୍ୱର,୩।୧୨(ବ୍ୟୁରୋ)-ରାଜ୍ୟରେ ହାଲୁକା ଶୀତ ଜାରିରହିଛି। ରାଜ୍ୟର ୧୭ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୯, ଦାରିଙ୍ଗବାଡି ୧୦, ଅନୁଗୋଳ ୧୧, ବାରିପଦା ୧୩.୫, କେନ୍ଦୁଝର ୧୩.୨, ସୁନ୍ଦରଗଡ଼ ୧୪, ତାଳଚେର ୧୨.୩, ଭବାନୀପାଟଣା ୧୦, ବଲାଙ୍ଗୀର ୧୪, କୋରାପୁଟ ୧୩, ଟିଟିଲାଗଡ ୧୪.୫, ବୌଦ୍ଧ ୧୪.୫, କଟକ ୧୪.୫, ଝାରସୁଗୁଡା ୧୨.୮, କେନ୍ଦୁଝର ୧୩.୨ ଏବଂ ସମ୍ବଲପୁରରେ ୧୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# 'ପରୀକୁ ବଳି ଦିଆଯାଇଥିବା ସନ୍ଦେହ'

- ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ତଦନ୍ତ
- ମୁହଁ ଖୋଲିଲେ ବାବୁଲି ନାୟକ
- ଭାଇରାଲ ହେଉଛି ହତ୍ୟା ପୂର୍ବର ଗୀତ


ଯଦୁପୁରରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୩।୧୨

ଏସ୍‌ଆଇଟି (ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍) ଦ୍ୱାରା ପରୀ ହତ୍ୟା ଘଟଣାର ତଦନ୍ତ ଚାଲୁରହିଛି। ଏପରିସ୍ଥଳେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ତଦନ୍ତ ପାଇଁ ଗୁରୁବାର ଯଦୁପୁରରେ ପହଞ୍ଚିଥିଲେ। ସେ ପରୀର ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ, ଗାଁର କେତେଜଣ ଲୋକ ଓ ବାବୁଲା ନାୟକଙ୍କୁ ପୃଥକ୍ ଭାବେ ପଚରାଉଚୁରା କରି ଫେରିଛନ୍ତି। ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ ପରୀକୁ ବଳିଦିଆଯାଇଥିବା ସନ୍ଦେହ କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ହତ୍ୟା ପୂର୍ବରୁ ପରୀ ଗାଇଥିବା ଗୀତ, ହସ୍ତାକ୍ଷର ଓ ଅଙ୍କକଷାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏ ନେଇ ପରୀର ମା' କୁହନ୍ତି, ଜାନୁୟାରୀ ୨୬ ପୂର୍ବରୁ ଝିଅ ସ୍କୁଲରେ ଜାତୀୟ ସଙ୍ଗୀତ ଜନ-ଗଣ-ମନ ଅଧିନାୟକ ଗୀତ ଗାଇବା ପାଇଁ ଘରେ ପ୍ରସ୍ତୁତ ହେଉଥିଲା। ସେ ଏହାର ଭିଡିଓ ବି କରିଥିଲା। ଏବେ ଭିଡିଓକୁ ଦେଖିଲେ ପରୀ ମରିଥିବା ପରି ଲାଗୁନି। ସେ ଭଲ ପାଠ ପଢୁଥିଲା, ହେଲେ ବେଶି ଖେଳେ। ଏହି ଖେଳ ତା' ପାଇଁ କାଳ ହେଲା ବୋଲି କହି କାନ୍ଦି ପକାଇଥିଲେ। ସେହିଭଳି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବାବୁଲି ନାୟକ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମୁଁ ନିର୍ଦ୍ଦୋଷ। ମୁଁ ଗଞ୍ଜେଇ, ବ୍ରାଉନସୁଗାର ବ୍ୟବସାୟ କରେନି କି ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ ବିକ୍ରିରେ ସାମିଲ ନାହିଁ। ପରୀ ହତ୍ୟାକାଣ୍ଡରେ ମୁଁ ସାମିଲ ନାହିଁ। ମନ୍ତ୍ରୀ କିଛି ଜାଣିନାହାନ୍ତି। ତାଙ୍କୁ ଅଯଥାରେ ବିବାଦକୁ ଟଣାଯାଉଛି। ଘଟଣାର ତଦନ୍ତ କରାଯାଇ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯାଉ। ମୁଁ ସବୁ ପ୍ରକାର ତଦନ୍ତକୁ ସ୍ୱାଗତ କରୁଛି। ମୋର ଯଦି ଭୁଲ୍ ଅଛି ମୋତେ ଗିରଫ କରାଯାଉ। ମୁଁ ଗାଁରେ ଅଛି। ଦୋଷୀ ସାବ୍ୟସ୍ତ ହେଲେ ମୁଁ ସରେଣ୍ଡର କରିବି। ଆୟୋଗ ଅଧ୍ୟକ୍ଷା ପ୍ରଧାନ କୁହନ୍ତି, ପରୀ ହତ୍ୟାକାଣ୍ଡ ଏକ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା। ଆମେ ଏ ନେଇ ଏସ୍‌ଆଇଟି ସହ ଆଲୋଚନା କରିବୁ। ଏସ୍‌ଆଇଟିକୁ ମଧ୍ୟ ପକ୍ଷ କରିବୁ। ସେ ଆମକୁ ରିପୋର୍ଟ ଦେବେ। ଆମେ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବୁ। ପରୀକୁ ବଳି କିମ୍ବା ଅନ୍ୟ କାରଣରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏଭଳି ଘଟଣା ସହର ନୁହେଁ, ଗାଁରେ ଘଟିଛି। ଏଣୁ ବାହାରେ ଶିଶୁଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ଏ ଦିଗରେ ଅଧିକ ସଚେତନତା ଦରକାର। ଯଦି କିଛି ଶିଶୁ ନିଖୋଜ ଥିବେ ତେବେ ତଦନ୍ତ ଅଗ୍ରଗତି ପାଇଁ ସେମାନଙ୍କ ସମ୍ପର୍କରେ ପୋଲିସ ଓ ଜିଲା ପ୍ରଶାସନକୁ ପରାମର୍ଶ ଦେବୁ।

# ପରୀ ପରିବାରକୁ ସୁରକ୍ଷା ଦିଆଯାଉ: ହାଇକୋର୍ଟ

କଟକ ଅଫିସ, ୩।୧୨



ନୟାଗଡ଼ ପରୀ ହତ୍ୟା ଘଟଣାରେ ସ୍ଥାନୀୟ ନେତା ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା କାରଣରୁ ତାଙ୍କ ପରିବାରକୁ ସୁରକ୍ଷା ଦେବାକୁ ଆଗତ ଜନସ୍ୱାର୍ଥ ମାମଲାର ଗୁରୁବାର ଶୁଣାଣି ହୋଇଛି। ପରୀ ପରିବାରକୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ନୟାଗଡ଼ ଏସ୍‌ପିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏହି ଘଟଣାର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୪ତାରିଖରେ ହେବ।

ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆଗତ ଏହି ଜନସ୍ୱାର୍ଥ ମାମଲାରେ ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଆବେଦନ କରାଯାଇଥିଲା। ଏଥିରେ ରାଜ୍ୟ ସରକାର ଏବଂ ନୟାଗଡ଼ ଜିଲା ପ୍ରଶାସନଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୫ବର୍ଷୀୟା ଶିଶୁକନ୍ୟା ପରୀ ଅପହରଣ ଓ ହତ୍ୟା ଘଟଣାରେ ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ଏବଂ ଅଭିଯୁକ୍ତଙ୍କୁ ସ୍ଥାନୀୟ ବିଧାୟକ ସୁରକ୍ଷା ଦେଉଥିବା ଅଭିଯୋଗ କରି ପରୀର ମା'ବାପା ଗତ ୨୪ତାରିଖରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ପ୍ରସଙ୍ଗରେ ବିରୋଧୀ ଭାଜପା ଓ କଂଗ୍ରେସ ଗୃହରେ ହଟ୍ଟଗୋଳ କରିବା ସହ ଏଥିରେ ସମ୍ପୃକ୍ତ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। କଂଗ୍ରେସ ଘଟଣାର ଏସ୍‌ଆଇଟି ତଦନ୍ତ ଦାବି କରିଥିବାବେଳେ ଭାଜପା ସିବିଆଇ ତଦନ୍ତ ଦାବିରେ ଏବେବି ଅଡ଼ି ବସିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ବାବୁଲି ନାୟକ ମନ୍ତ୍ରୀ ଅରୁଣ ସାହୁଙ୍କ ଘନିଷ୍ଠ ସହଯୋଗୀ ହୋଇଥିବାରୁ ପୋଲିସ ପକ୍ଷରୁ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ଭାଜପା ଅଭିଯୋଗ କରୁଛି।

# ଟସର ଚାଷକୁ ପ୍ରୋତ୍ସାହନ

- କୋଭିଡ୍‌ରେ ବୁଣାକାର, ହସ୍ତଶିଳ୍ପୀଙ୍କୁ ଜୀବିକା ସହାୟତା
- ୧୩୨ କୋଟିର ଉତ୍ପାଦ କ୍ରୟ
- ୧୧ ଲକ୍ଷ ମାନବ ଦିବସ ସୃଷ୍ଟି
- ୩୦ କୋଟି ଟଙ୍କାର ଉତ୍ପାଦ କିଣିବା ଲକ୍ଷ୍ୟ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

କୋଭିଡ୍-୧୯ ସତ୍ତ୍ୱେ ରାଜ୍ୟ ସରକାର ବୁଣାକାର, ହସ୍ତଶିଳ୍ପୀ ଏବଂ ଚିତ୍ରକରମାନଙ୍କ ପାଇଁ ୧୧ ଲକ୍ଷ ମାନବ ଦିବସ ସୃଷ୍ଟି କରିପାରିଛନ୍ତି। ବୁଣାକାର, ହସ୍ତଶିଳ୍ପୀ ଓ ଚିତ୍ରକରମାନଙ୍କ ଉତ୍ପାଦିତ ୧୩୨.୨୯ କୋଟି ଟଙ୍କାର ସାମଗ୍ରୀ କ୍ରୟ କରାଯାଇଛି। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଡିଜିଟାଲ ମୋଡରେ ଆୟୋଜିତ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି। କୋଭିଡ୍ ସମୟରେ ରାଜ୍ୟରେ ଟସର ଚାଷ ମାଧ୍ୟମରେ ଅଧିକରୁ ଅଧିକ ଜୀବିକା ସୃଷ୍ଟି କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଟସର ଶ୍ରମଭିତ୍ତିକ ହୋଇଥିବାରୁ ଏହାର ସମ୍ପ୍ରସାରଣ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଅସନ ଏବଂ ଅର୍ଜୁନ ବୃକ୍ଷ ଟସର ପୋକଙ୍କ ପାଇଁ ପ୍ରାକୃତିକ ଖାଦ୍ୟ ଓ ପ୍ରଜନନ ସ୍ଥାନ। ଏହା ଜଙ୍ଗଲ ଅଞ୍ଚଳରେ ବହୁମାତ୍ରାରେ ଦେଖାଦେଇଥାଏ। ଏସବୁ ବୃକ୍ଷ ଜଙ୍ଗଲରେ ରୋପଣ କରିବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଛନ୍ତି। ହସ୍ତତନ୍ତ ଓ ବୟନ ଶିଳ୍ପ ସଚିବ ଶୁଭା ଶର୍ମା ବୈଠକରେ ସୂଚନା ଦେଇ କହିଛନ୍ତି ଯେ, ୨୦୨୦ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଟସର ଚାଷ କ୍ଷେତ୍ରରେ ୧୧ ଲକ୍ଷ ମାନବ ଦିବସ ସୃଷ୍ଟି କରାଯାଇଛି। ଶ୍ରମିକମାନଙ୍କୁ ମଜୁରି ବାବଦରେ ୨୪.୫୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାଛଡା ସାଇ ଏକ୍ସପୋର୍ଟ ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍ ଜରିଆରେ ବୟନଶିଳ୍ପ କ୍ଷେତ୍ରରେ ୪୪୦୦ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରାଯାଇଛି। ସେଥିରୁ ୮୭ ପ୍ରତିଶତ ମହିଳା ରହିଛନ୍ତି। ଏଥି ସହିତ ୨୦ ବର୍ଷ ଧରି ବୁଣାକାର ବୃତ୍ତିରେ ଥିବା ୧୨୬୭ ବରିଷ୍ଠ ବୁଣାକାରଙ୍କୁ ମାସିକ ୫୦୦ରୁ ୭୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଏହା ଛଡ଼ା ବୁଣାକାରମାନଙ୍କୁ ୱାର୍କଶେଡ, ଯନ୍ତ୍ରପାତି , କ୍ରେଡିଟ୍ ଲିଙ୍କେଜ୍ ଏବଂ କଞ୍ଚାମାଲ ଯୋଗାଇ ଦିଆଯାଉଛି ବୋଲି ସଚିବ କହିଛନ୍ତି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂ, ବୟନ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଅଂଶଗ୍ରହଣ କରିଥିଲେ।



ନୂତନ କୃଷି ଓ ବିଦ୍ୟୁତ୍ ବିଲ୍‌କୁ ବାତିଲ୍ ଦାବିରେ ଏଆଇକେଏସଏସ୍‌ଏସ୍, ଏଆଇକେଏମ୍, ଏଆଇକେଏସ୍, ଏଆଇଏକେଏସ୍ ଆଦି ସଂଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆଇନ ଅମାନ୍ୟ ଆନ୍ଦୋଳନବେଳେ ପୋଲିସ ସହ ଧସ୍ତାଧସ୍ତି।

# ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

ପାରାଦୀପ, ୩।୧୨(ସ୍ୱ.ପ୍ର.)

ଥମୁନାହିଁ ନାବାଳିକା ବଳାତ୍କାର ମାମଲା। ଜଗତ୍‌ସିଂହପୁର ଜିଲା ପାରାଦୀପସ୍ଥିତ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ୨୭ ଦିନ ଧରି ବଳାତ୍କାର କରାଯାଇଛି। ସମ୍ପୃକ୍ତ ୧୩ ବର୍ଷୀୟା ନାବାଳିକାଙ୍କୁ ଗୁରୁବାର ଉଦ୍ଧାର କରାଯିବା ପରେ ଘଟଣା ପଦାକୁ ଆସିଛି। ଏନେଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେ ହେଲେ କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ବଙ୍ଗାଳିପଡ଼ାର ଶଙ୍କର ପ୍ରଧାନ। ନାବାଳିକାଙ୍କ ବୟାନ ଅନୁଯାୟୀ, ଗତ ନଭେମ୍ବର ୫ରେ ପୀଡ଼ିତା ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ଥିବା ମାଉସୀ ଘରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଶଙ୍କର ବଳପୂର୍ବକ ତାଙ୍କୁ ଉଠାଇ ନେଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ.୯୪/୨୦) ରୁଜୁ କରାଯାଇଥିଲା। ଘଟଣାର ୨୭ ଦିନ ପରେ ପୋଲିସ ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିଛି। ପୀଡ଼ିତାଙ୍କ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବହିଷ୍କାର ପରେ ଲୋକଙ୍କୁ ମିଛ କହୁଛନ୍ତି ପ୍ରଦୀପ: ବିଜେଡି

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଜନବିରୋଧୀ କାର୍ଯ୍ୟ ପାଇଁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହୋଇଛନ୍ତି। ଯେହେତୁ ସେ ବେଆଇନ କାର୍ଯ୍ୟ କରିଛନ୍ତି ଆଇନ ତାଙ୍କ ବିଚାର କରିବ। ତେବେ ଦଳରୁ ବିଦାହେବା ପରେ ସେ ଏବେ ସର୍ବସାଧାରଣରେ ବିଷ ଓକାଳିବା ସହିତ ଲୋକଙ୍କୁ ମିଛ କହୁଛନ୍ତି ବୋଲି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଆକାଶ ପାଠକ ଟାଟା ମୋଟର୍ସରେ ଏମ୍‌ଡି ଥିବା ନେଇ ମିଛ ଦାବି କରିବା ସହିତ ଗଞ୍ଜାମବାସୀ କରୋନା ସହ ଲଢୁଥିବା ବେଳେ ପାଣିଗ୍ରାହୀ ପାଠକ ପରିବାର ସହିତ ଚାର୍ଟର ବିମାନରେ ଯାଇ ଓଡ଼ିଶା ଲୋକଙ୍କୁ ଠକିଥିବା ଟଙ୍କାରେ ତାରକା ହୋଟେଲରେ ମଉଜ କରୁଥିଲେ। ଦେଓ କହିଛନ୍ତି ଯେ, ତାଙ୍କ ବ୍ୟାଙ୍କ ଖାତା ଦର୍ଶାଉଛି ଯେ ଗତ ୬ ମାସ ମଧ୍ୟରେ ସେ ଅଢେଇ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ମଦ ଓ ବାଲିଚାଲାଣରେ ସମ୍ପୃକ୍ତ ଥିବା ଲୋକଙ୍କ ଠାରୁ ଆଦାୟ କରିଛନ୍ତି। ଏଥିସହିତ ଆକାଶ ପାଠକଙ୍କୁ ଜାଲିଆତି କରି ଟାଟା କମ୍ପାନୀର ଏମ୍‌ଡି ଦର୍ଶାଇବା ସହିତ ଟାଟାରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଗଞ୍ଜାମବାସୀଙ୍କ ଠାରୁ ମଧ୍ୟ ବିପୁଳ ଅର୍ଥ ଆଦାୟ କରିଛନ୍ତି। ଓଡ଼ିଶାବାସୀ ପ୍ରଦୀପଙ୍କର ଏହି ଉଦ୍ଦେଶ୍ୟ ପ୍ରଣୋଦିତ ଅନିୟମିତତାକୁ ଦେଖୁଛନ୍ତି, ଯାହାକୁ ସେମାନେ ସହଜରେ ଭୁଲି ପାରିବେ ନାହିଁ। ବିଜେଡି ମୁଖପାତ୍ର କହିଛନ୍ତି, ମୁଁ ବି ଜଣେ ମା'। ତେବେ ମୁଁ ଜାଣି ପାରୁ ନାହିଁ ଯେ ପ୍ରଦୀପ ଓ ତାଙ୍କ ସ୍ତ୍ରୀ କିଭଳି ନିଜର ଏକମାତ୍ର ଝିଅକୁ ଜାଣିଶୁଣି ନିଆଁକୁ ଫିଙ୍ଗିଲା ଭଳି ଟାଟା କମ୍ପାନୀରେ ଚାକିରି ନ ଥିବା ଆକାଶ ପାଠକଙ୍କ ସହିତ ବାହାଦେବାକୁ ଯାଉଥିଲେ। ଆକାଶ ଜାଲିଆତି କରି ଗଞ୍ଜାମ ଜିଲାର ଯୁବକମାନଙ୍କୁ ସହଜରେ ଠକିଛନ୍ତି। ସେ ପ୍ରଦୀପ ଓ ନିଜ ପିତାଙ୍କ ବେଆଇନ କାର୍ଯ୍ୟର କାର୍ପଟଦାର ସାଜିଛନ୍ତି। ଏମାନେ କିଭଳି ମା' ବାପା ଯେଉଁମାନେ ନିଜ ଝିଅକୁ ଆକାଶ ପାଠକଙ୍କ ସହ ବିବାହ କରିବାକୁ ସ୍ଥିର କରିନ୍ତି ! ଯିଏ ଠକେଇ, ଜାଲିଆତି ଓ ଆପରାଧିକ କାର୍ଯ୍ୟକଳାପ ଅଭିଯୋଗରେ ଏବେ ଜେଲରେ ଅଛନ୍ତି। କୁହାଯାଉଛି, ଲେକ୍ ପ୍ୟାଲେସ ହୋଟେଲରେ ପ୍ରଦୀପଙ୍କ ଝିଅ ଓ ଆକାଶ ପାଠକଙ୍କ ବିବାହ ନିମନ୍ତେ ୧୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ଏହି ଟଙ୍କା କାହାର ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅର୍ଥ ଓଡ଼ିଶାର ଗରିବ, ଖଟିଖିଆ ଓ ବିସ୍ଥାପିତ ଲୋକଙ୍କର, ଯାହା କି ପ୍ରଦୀପଙ୍କ ଦ୍ୱାରା ଠକେଇ ଉପାୟରେ ସଂଗ୍ରହ କରାଯାଇଛି। ପାଣିଗ୍ରାହୀ କହୁଥିବା ତାହାମିଛ କଥା ଲାଗି ବିଜୁ ଜନତା ଦଳ ଦାୟୀ ନୁହେଁ। ଆଇନ ଏବେ ତା' ବାଟରେ ଯିବ। ଦୋଷୀମାନେ ଦଣ୍ଡ ପାଇବେ। ପ୍ରଦୀପ, ଆକାଶ ଓ ଅଭୟକାନ୍ତଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଗଞ୍ଜାମ ଓ ଅନ୍ୟ ଜିଲାର ଗରିବ, ଖଟିଖିଆ ଓ ବିସ୍ଥାପିତ ଲୋକଙ୍କୁ ନ୍ୟାୟ ମିଳିବ ବୋଲି ଦେଓ କହିଛନ୍ତି।

# ହୀରାକୁଦ ଜଳଭଣ୍ଡାରରେ କେଜ୍ କଲ୍‌ଚର ମାଛ ଚାଷ

- ମତ୍ସ୍ୟ, ପ୍ରାଣୀସମ୍ପଦ ବିଭାଗର ୧୫ ଅନ୍‌ଲାଇନ ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୨(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସରେ ମତ୍ସ୍ୟ, ପ୍ରାଣୀସମ୍ପଦ ବିଭାଗର ଅନ୍‌ଲାଇନ ସେବା ଶୁଭାରମ୍ଭ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ ପାଣ୍ଡିଆନ୍।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ୧୫ ଅନ୍‌ଲାଇନ ସେବା ଶୁଭାରମ୍ଭ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ପଞ୍ଜୁରି (କେଜ୍ କଲ୍‌ଚର) ମାଛ ଚାଷ ପାଇଁ ବିଭିନ୍ନ ଉଦ୍ୟୋଗୀଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନ୍‌ଲାଇନ ସେବା ଦ୍ୱାରା ମାଛ ଚାଷୀ ଓ ଉଦ୍ୟୋଗୀମାନେ ଘରେ ରହି ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇ ପାରିବେ। ଡଙ୍ଗାର ପଞ୍ଜୀକରଣ ଓ ଲାଇସେନ୍ସ, ଲବଣାକ୍ତ ଜଳ ମାଛ ଚାଷର ପଞ୍ଜୀକରଣ, ବିଭିନ୍ନ ଯୋଜନାରେ ରିହାତି ଲାଭ ଆଦି ଅନେକ କାର୍ଯ୍ୟ ସୁବିଧାରେ ହୋଇପାରିବ। ବୃହତ୍ ଓ ମଧ୍ୟମ ଧରଣର ହ୍ରଦରେ କେଜ୍ କଲ୍‌ଚର ଜରିଆରେ ମାଛ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଗତ ମାର୍ଚ୍ଚରେ ଏକ ନୂତନ ନୀତି ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ରାଜ୍ୟର ବର୍ଷିକ ମତ୍ସ୍ୟ ଉତ୍ପାଦନ ୧.୨୪ ଟନ୍ ବଢିପାରିବ ଏବଂ ରାଜ୍ୟରେ ମାଛର ସମ୍ପୂର୍ଣ୍ଣ ଚାହିଦା ପୂରଣ ହୋଇ ପାରିବ। କେଜ୍ କଲ୍‌ଚର ଦ୍ୱାରା ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ମିଳିବା ସହିତ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ହେବ। ଜଳଭଣ୍ଡାର ଲିଜ୍ ରୟାଲ୍‌ଟିରୁ ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡିକ ଲାଭବାନ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ଉଦ୍ୟୋଗୀମାନଙ୍କୁ ବାର୍ଷିକ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି। ରାଜ୍ୟର ଚାଷୀ ଓ ଯୁବକମାନଙ୍କୁ ବ୍ୟାପକ ଭାବେ କୃଷି ଉଦ୍ୟୋଗ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର କୃଷିର ଆନୁଷଙ୍ଗିକ କ୍ଷେତ୍ରଗୁଡିକୁ ରାଜ୍ୟର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ପାଇଁ ଅଭିବୃଦ୍ଧିର ଇଞ୍ଜିନ ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ଚଳିତ ବର୍ଷ ଏହି କ୍ଷେତ୍ରକୁ ବଜେଟ ପରିମାଣ ଦୁଇଗୁଣ ବୃଦ୍ଧି କରାଯାଇଛି। ୨୦୧୯-୨୦ରେ ପ୍ରାଥମିକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୯ ପ୍ରତିଶତ ରହିଥିଲା। ଯାହାକି ଅନ୍ୟ ପ୍ରାଥମିକ କ୍ଷେତ୍ରଗୁଡିକ ଠାରୁ ଯଥେଷ୍ଟ ଅଧିକ । ଏଥିସହିତ କୋଭିଡ୍ ସମୟରେ ଆନୁଷଙ୍ଗିକ କ୍ଷେତ୍ରଗୁଡିକ ପାଇଁ ରାଜ୍ୟ ସରକାର ୧୭୩ କୋଟି ଟଙ୍କାର କୋଭିଡ୍ ପ୍ୟାକେଜ ଘୋଷଣା କରିଛନ୍ତି। । ଏହା ଦ୍ୱାରା ୪୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଛନ୍ତି।

ସୂଚନା ଯୋଗ୍ୟ ଯେ, ରାଜ୍ୟର ବୃହତ୍ ଓ ମଧ୍ୟମ ଜଳଭଣ୍ଡାରର ୧ ପ୍ରତିଶତ ଜଳରେ ବ୍ୟବସାୟିକ ଭାବେ ପଞ୍ଜୁରି ମାଛ ଚାଷ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାର ପ୍ରଥମ ପଦକ୍ଷେପ ଭାବେ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ୬୦୦ ସବ୍‌ଜୋନ୍ ମଧ୍ୟରୁ ୧୦୦ ସବ୍‌ଜୋନ୍‌ରେ ଉଦ୍ୟୋଗୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୦ ଜଣ ଉଦ୍ୟୋଗୀଙ୍କ ସହିତ ହୀରାକୁଦ ଜଳଭଣ୍ଡାରରେ ପଞ୍ଜୁରି ମାଛ ଚାଷ ନିମନ୍ତେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି।

ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବର୍ଣ୍ଣନା କରି କହିଥିଲେ, ମୁଖ୍ୟମନ୍ତ୍ରୀଙ୍କର ଦୃଢ଼ ନେତୃତ୍ୱରେ ବିଭାଗ ରାଜ୍ୟର କୃଷକ ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦେବା ସହ ଏ କ୍ଷେତ୍ରରେ ଅଧିକ ଉଦ୍ୟୋଗୀ ସୃଷ୍ଟି ପାଇଁ ପ୍ରୋତ୍ସାହିତ କରାଯାଉଛି।

ଏହି ଅବସରରେ କେଜ୍ କଲ୍‌ଚର ମାଛ ଚାଷ ସମ୍ପର୍କରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଦୁଇଜଣ କେଜ୍ କଲ୍‌ଚର ଚାଷୀଙ୍କ ମତାମତ ନିଆଯାଇଥିଲା। ବିଭାଗୀୟ ସଚିବ ଆର. ରଘୁ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର.କେ ଶର୍ମା, ବିଭାଗୀୟ ସଚିବ ସୌରଭ ଗର୍ଗ, ଜଳସମ୍ପଦ ସଚିବ ଅନୁ ଗର୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ସହାୟକ ନୁହେଁ କୃଷି ଆଇନ

## ଚାଷୀଙ୍କ ଉପରେ କମ୍ପାନୀ ଜୁଲମ ବଢ଼ିବ



ମୁଁ ଜଣେ ମଧ୍ୟମ ଧରଣର ଚାଷୀ। ନିଜର ୧୦ଏକର ଚାଷଜମି ରହିଛି। ଆଉ ୧୦ଏକର ଭାଗଚାଷ କରିଥାଏ। କେନ୍ଦ୍ର ସରକାର ଆଣିଥିବା ନୂଆ କୃଷି ଆଇନ ସମ୍ପର୍କରେ ଟିକିଏ ଟିକିଏ ଶୁଣିଛି। ହେଲେ ଭଲଭାବେ ବୁଝିପାରି ନାହିଁ। ଏଥର ତ ମଣ୍ଡିରେ ଧାନକିଣା ଚାଲିଛି। ନୂଆ କୃଷି ଆଇନ ଯୋଗୁ ଆରଥରକୁ ମଣ୍ଡି ଉଠିଯିବ ଏବଂ କମ୍ପାନୀଗୁଡ଼ିକ ଧାନ କିଣିବେ ବୋଲି କହୁଛନ୍ତି। ମଣ୍ଡିରେ ଧାନ ବିକିଲେ ମଧ୍ୟ ସମସ୍ୟା ରହୁଛି। କିନ୍ତୁ କମ୍ପାନୀ ହାତକୁ ଧାନକ୍ରୟ ପ୍ରକ୍ରିୟା ଚାଲିଗଲେ ଏହି ସମସ୍ୟା ବହୁଗୁଣିତ ହୋଇଯିବ। ଏହାଦ୍ୱାରା ଚାଷୀ ଉପରେ କମ୍ପାନୀ ଜୁଲମ କରିବ। ସେଥିପାଇଁ ସାରାଦେଶରେ ଏହାକୁ ବିରୋଧ କରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

– ଏକାଦଶିଆ ସାହୁ, ବରଗଡ଼

## ନୂଆ କୃଷି ଆଇନ ଫେରେଇ ନିଆଯାଉ



ନୂଆ କୃଷି ଆଇନକୁ ଆମର ଭରସା ପାଉନାହିଁ। ଆନ୍ଦୋଳନରତ କୃଷକଙ୍କ ଉପରେ କେନ୍ଦ୍ର ସରକାରଙ୍କ ଦମନ ଲୀଳା ଆମକୁ ହତାଶ କରୁଛି। ଆଗରୁ ପ୍ରଧାନମନ୍ତ୍ରୀ ନୋଟବନ୍ଦୀ ବେଳେ ବହୁତ ବଡ଼ ବଡ଼ ସ୍ୱପ୍ନ ଦେଖେଇଥିଲେ। କିନ୍ତୁ ଆଜି ତାହା ମିଛ ବୋଲି ପ୍ରମାଣିତ ହୋଇଛି। ସେହିପରି କମ୍ପାନୀଗୁଡ଼ିକ ଚାଷୀଙ୍କଠୁ ସିଧାସଳଖ କିଣିବା ବ୍ୟବସ୍ଥା ଆଦୌ ଠିକ୍ ହେବ ନାହିଁ। କାରଣ ଏମିତି ତ ସରକାରୀ କମ୍ପାନୀଗୁଡ଼ିକୁ ମୋଦି ସରକାର ଯେଉଁଭଳି ବିକିବାରେ ଲାଗିଛନ୍ତି, ଆମେ ଛୋଟିଆ ଚାଷୀମାନେ କ'ଣ ତାଙ୍କ ଉପରେ ଭରସା କରିବୁ। ତେଣୁ ନୂଆ କୃଷି ଆଇନ ଫେରେଇ ନିଆଯାଉ।

– ନଗେନ କୁମାର ମଲ୍ଲିକ, ନିମାପଡ଼ା

## କ୍ଷତି ସହିବେ ଚାଷୀ



ମୁଁ ଜଣେ କ୍ଷୁଦ୍ର ଚାଷୀ। ନୂଆ କୃଷି ଆଇନ କଥା ବିଶେଷ କିଛି ଜାଣିନାହିଁ। କେବଳ ଯାହା ଅଳ୍ପ କିଛି ଖବରକାଗଜରୁ ପଢ଼ିଛି। ଏହି ଆଇନ ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେବା ଆଶଙ୍କା କରୁଛନ୍ତି। ତେଣୁ ନୂଆ ଆଇନକୁ ସେମାନେ ବିରୋଧ କରି ଆନ୍ଦୋଳନ ଚଳାଇଛନ୍ତି। ଆମେ ଗାଁ ଗହଳିର ଲୋକ। ମଣ୍ଡିରେ ଧାନ ଦେଇ ଦି' ପଇସା ପାଉଛୁ। ଆଗରୁ ସାହୁକାରମାନେ ଧାନ ନେଇଯାଉଥିଲେ, ଆମେ ଟଙ୍କା ଲାଗି ହଇରାଣ ହେଉଥିଲୁ। ଏବେ ମଣ୍ଡି ବ୍ୟବସ୍ଥା ହେବାରୁ ଧାନ ସୁବିଧାରେ ବିକୁଛୁ ଆଉ ସାହୁକାରଙ୍କ ନିକଟକୁ ଦୌଡ଼ିବାକୁ ପଡୁନି। ନୂଆ ଆଇନ ଯୋଗୁ କମ୍ପାନୀ ଆସିଲେ କ୍ଷତି ହେବ। ମଣ୍ଡି ଦ୍ୱାରା ସରକାର ଗୋଟିଏ ଦର ନିର୍ଦ୍ଧାରଣ କରୁଛନ୍ତି, ହେଲେ କମ୍ପାନୀ ଆସିଗଲେ ସେମାନେ ମନଇଚ୍ଛା ଦର ନିର୍ଦ୍ଧାରଣ କରିବେ। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବ।

– ବିଷ୍ଣୁ ପ୍ରସାଦ ପାଣି, ଡେଲାଙ୍ଗ, ପୁରୀ

## କମ୍ପାନୀ ଦ୍ୱାରା କିଛି ଲାଭ ହେବ ନାହିଁ



ପ୍ରତିବର୍ଷ ୧୦ ଏକର ଜମି ଚାଷ କରୁଥିବା ମୁଁ ଜଣେ ମଧ୍ୟମ ଚାଷୀ । କୃଷି ଆଇନ ବିଷୟରେ କିଛି ଜାଣି ନାହିଁ । ହେଲେ ଏତିକି ଜାଣିଛି, କୃଷି ଆଇନ ଚାଷୀଙ୍କୁ ଲାଭଦାୟକ ହେବ ନାହିଁ । ଏହି ଆଇନକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବା ଜାଣିଛି । ବର୍ତ୍ତମାନ ଚାଷ ଉତ୍ପାଦ ବିକ୍ରି କରିବା ଜଟିଳ ହେଉଛି । ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ଆମେ ଲାଭ ପାଇବୁ । ହେଲେ ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀକୁ ଚାଷୀଙ୍କ ଉତ୍ପାଦ କିଣିବାର ବ୍ୟବସ୍ଥା ସରକାର କରୁଛନ୍ତି, ଏହା ଆମକୁ ଲାଭଦାୟକ ହେବ ନାହିଁ ।

–ଚିନ୍ମୟ ନାୟକ, ସିକିରାପାଲି, ସମ୍ବଲପୁର

## ସରକାର କମ୍ପାନୀ ପ୍ରୀତି ଛାଡନ୍ତୁ



ମୁଁ ଜଣେ ମଧ୍ୟମ ଚାଷୀ । କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ସମ୍ପର୍କରେ ସବିଶେଷ ଜାଣିନାହିଁ। ଏବେ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ଜୋର ଧରିଛି। ଏ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅବଗତ। ମୁଁ ଯେଉଁ ଧାନ ଚାଷ କରୁଛି ତାହା ଠିକ୍ ଭାବେ ବିକ୍ରି ହେଉଛି । ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ଆଦୌ ଲାଭ ହେବନାହିଁ। ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀଗୁଡିକ ଚାଷୀଙ୍କ ଉତ୍ପାଦ କିଣିବା ବ୍ୟବସ୍ଥା ସରକାର କରୁଛନ୍ତି। ସରକାର କମ୍ପାନୀ ପ୍ରୀତି ଛାଡନ୍ତୁ । ଏଥିରେ ଘରୋଇ କମ୍ପାନୀମାନେ ଲାଭବାନ ହେବେ।

–ରାଜକିଶୋର ନାଏକ, କୁରୁଲ, ବଲାଙ୍ଗୀର

## କୃଷି ଆଇନ ଆମକୁ ଲାଭ ଦେବ ନାହିଁ



ମୁଁ ଜଣେ ମଧ୍ୟମ ଧରଣର ଚାଷୀ। ନୂତନ କୃଷି ଆଇନ ସମ୍ପର୍କରେ ମୁଁ ଜାଣି ନାହିଁ। ଏହା ଆମକୁ କୌଣସି ପ୍ରକାର ଲାଭ ଦେବ ନାହିଁ। ସେଥିପାଇଁ ଦେଶରେ ଚାଷୀ ଆନ୍ଦୋଳନ ଚାଲିଛି । ଏହାକୁ ମୁଁ ସମର୍ଥନ କରୁଛି । ଉତ୍ପାଦିତ ସାମଗ୍ରୀ ବିକ୍ରି କରିବାରେ ବହୁ ଅସୁବିଧା ହେଉଛି। ମୁଁ ଭାବୁଛି ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ଆମେ ଲାଭବାନ ହେବୁ ନାହିଁ। କମ୍ପାନୀ ଧାନ କିଣିଲେ ଚାଷୀମାନେ ଅସୁବିଧାରେ ହିଁ ପଡିବେ ।

–ଶାନ୍ତନୁ କୁମାର ବେହେରା, ରିଷିଗାଁ, ଭବାନୀପାଟଣା

## ଶସ୍ୟ ବିକ୍ରି ପାଇଁ ଚାଷୀ ଅସୁବିଧାରେ ପଡିବେ



ମୁଁ ଜଣେ ମଧ୍ୟମ ବର୍ଗର ଚାଷୀ। କେନ୍ଦ୍ର ସରକାରଙ୍କ ନୂତନ କୃଷିନୀତି ସମ୍ପର୍କରେ ଜାଣିଛି । ଏଥିରେ ଟେକ୍ନୋଲୋଜିର ବହୁଳ ବ୍ୟବହାର ଓ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ସ୍ୱପ୍ନ ଦେଖାଯାଉଛି। ଉତ୍ପାଦିତ ଶସ୍ୟ ଖୋଲା ବଜାରରେ ବିକ୍ରି ହେଲେ ଚାଷୀ ଲାଭାନ୍ୱିତ ହେବେ ବୋଲି ସରକାର କହୁଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ। ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ଚାଷୀ ଉତ୍ପାଦିତ ଶସ୍ୟକୁ ବିକ୍ରି ପାଇଁ ହନ୍ତସନ୍ତ ହେବେ। କମ୍ପାନୀ ହାତକୁ ସେହି ବ୍ୟବସ୍ଥା ଗଲେ ଚାଷୀ ଶୋଷଣର ଶିକାର ହେବେ। ଏହି ଆଇନ ଚାଷୀଙ୍କ କେଉଁ କାମକୁ ନୁହେଁ।

–ରାଜେନ୍ଦ୍ର କୁମାର ମିଶ୍ର, ଖାରୀ, ସୋନପୁର

## ମଣ୍ଡି ବ୍ୟବସ୍ଥା ଉଚ୍ଛେଦ କ୍ଷତିକାରକ ହେବ



ମୁଁ କ୍ଷୁଦ୍ର ଚାଷୀ । ନୂଆ କୃଷିନୀତି ସମ୍ପର୍କରେ ମୁଁ କିଛି ଜାଣିନାହିଁ। ସମ୍ପ୍ରତି ଦେଶରେ ଚାଲିଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ମୁଁ ଅବଗତ ହୋଇନାହିଁ। ଏବେ ବି ଚାଷ ଉତ୍ପାଦ ବିକ୍ରି କରିବା ସହଜ ହେଉନାହିଁ । ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ଚାଷୀଙ୍କ ପାଇଁ କ୍ଷତିକାରକ ହେବ। କାରଣ ଆମ ଭଳି କ୍ଷୁଦ୍ର ଚାଷୀର ଉତ୍ପାଦ ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀଗୁଡିକୁ ବିକ୍ରି କରିବାକୁ ସରକାର ଯେଉଁ ବ୍ୟବସ୍ଥା କରୁଛନ୍ତି ତାହା ସହଜସାଧ୍ୟ ହେବନାହିଁ।

–ମୁରଲୀ ପ୍ରଧାନ, ଜହ୍ନାପଙ୍କ, ବୌଦ୍ଧ

## କର୍ପୋରେଟ୍ ନିୟନ୍ତ୍ରଣକୁ ଉତ୍ପାଦ ଚାଲିଯିବ



ମୁଁ ଜଣେ ମଧ୍ୟମ ଧରଣର ଚାଷୀ । ନିକଟରେ କେନ୍ଦ୍ର ସରକାର ଆଣିଥିବା କୃଷି ଆଇନ ସମ୍ପର୍କରେ ଜାଣିଛି । ଏହା ଚାଷୀ ବିରୋଧୀ । ୧୯୯୫ରେ ଯେଉଁ ଆଇନ ଆସିଥିଲା ସେଥିରେ ଚାଷୀଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଉତ୍ପାଦିତ ଶସ୍ୟ ସରକାରଙ୍କ ନିୟନ୍ତ୍ରଣରେ ରହିବା କଥା ଉଲ୍ଲେଖ ଥିଲା । କିନ୍ତୁ ଏବେ ନୂଆ ଆଇନ କାର୍ଯ୍ୟକାରୀ ହେଲେ ଏହା ସରକାରଙ୍କ ନିୟନ୍ତ୍ରଣରେ ରହିବ ନାହିଁ । ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୬୮ ଟଙ୍କାରୁ ବଢ଼ିବା ତ ଦୂରର କଥା କମିବାର ଯଥେଷ୍ଟ ସମ୍ଭାବନା ରହିଛି । କାରଣ କର୍ପୋରେଟ୍ ନିୟନ୍ତ୍ରଣକୁ ଉତ୍ପାଦ ଚାଲିଯିବ । ଚାଷୀ ଆହୁରି ଗରିବ ହୋଇଯିବେ । ତେଣୁ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ଚାଲିଛି। ଆମେ ମଧ୍ୟ ଆନ୍ଦୋଳନରେ ଯୋଗ ଦେବା ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଦିଲ୍ଲୀ ଯିବୁ ।

–ଘନଶ୍ୟାମ ମହାନ୍ତି, ରଘୁନାଥପୁର ବ୍ଲକ, ଜଗତ୍‌ସିଂହପୁର



ନୂଆ କୃଷି ଆଇନ କୃଷକମାନଙ୍କୁ ସଶକ୍ତ କରିବ। ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ଅପେକ୍ଷାକୃତ ବଡ଼ ବଜାରରେ ଅଧିକ ମୂଲ୍ୟରେ ବିକ୍ରି କରିପାରିବେ। ତେବେ କୌଣସି ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ରେ ଖାଦ୍ୟଶସ୍ୟ ବିକ୍ରି କରିବାକୁ ଚାହିଁଲେ ନୂଆ କୃଷି ଆଇନ ତାଙ୍କର ଏହି ବିକଳ୍ପକୁ ବନ୍ଦ କରିଦେବ ନାହିଁ। ଏହାସତ୍ତ୍ୱେ ଉକ୍ତ ଆଇନକୁ ନେଇ ବିରୋଧୀ ଦଳଗୁଡ଼ିକ ଚାଷୀଙ୍କୁ ବିଭ୍ରାନ୍ତ କରିବା ଦୁର୍ଭାଗ୍ୟଜନକ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

*କେନ୍ଦ୍ର ସରକାରଙ୍କ ନବପ୍ରଣୀତ ୩ କୃଷି ଆଇନକୁ ନେଇ ବିବାଦ ଯେତିକି ବିତର୍କ ବି ସେତିକି। ଏହାକୁ ପ୍ରତ୍ୟାହାର କରିବା ଦାବିରେ ପଞ୍ଜାବରେ ଆରମ୍ଭ ହୋଇଥିବା ଆନ୍ଦୋଳନର ନିଆଁ ସାରା ଦେଶକୁ ବ୍ୟାପିଛି। କେଉଁଠି ବିକ୍ଷୋଭ ତ ପୁଣି କେଉଁ ସ୍ଥାନରେ ରାସ୍ତାରୋକୋ। ଉକ୍ତ ବିବାଦୀୟ ଆଇନର ବ୍ୟବସ୍ଥା ସମ୍ପର୍କରେ ଅଧିକାଂଶ ଚାଷୀ ଅଜ୍ଞ। ତେବେ କୃଷକମାନେ ଗୋଟିଏ କଥା ଭଲ ଭାବେ ଜାଣିଛନ୍ତି ଯେ, ସରକାର ନୂଆ ଆଇନ ଆଣି ସେମାନଙ୍କ ଅଧିକାରକୁ ଛଡ଼ାଇନେବାକୁ ବସିଛନ୍ତି। ଏହା କାର୍ଯ୍ୟକାରୀ ହେବା ଫଳରେ ପୂର୍ବରୁ ମିଳୁଥିବା ଏମ୍ଏସ୍‌ପି ସୁବିଧାରୁ ଚାଷୀକୁଳ ବଞ୍ଚିତ ହେବେ। ଏହି ଆଇନ କୃଷକଙ୍କ କେଉଁ କାମକୁ ନୁହେଁ।*





କେନ୍ଦ୍ର ସରକାର ଚାଷୀଙ୍କ ହିତ ପାଇଁ ୩ ନୂଆ ଆଇନ ଆଣିଛନ୍ତି। ଏହି ଆଇନର କୌଣସି ନିୟମକୁ ନେଇ କିଛି ଆପତ୍ତି ଥିଲେ ଚାଷୀ ଜଣାଇପାରିବେ। ଆନ୍ଦୋଳନରତ କୃଷକମାନଙ୍କୁ ସେମାନଙ୍କ ମତାମତ ରଖିବାକୁ ଦିଆଯାଉ। ଆମେ ସେଗୁଡ଼ିକୁ ଅନୁଧ୍ୟାନ କରିବୁ। କୃଷକ ସଙ୍ଗଠନଗୁଡ଼ିକର ପ୍ରତିନିଧିଙ୍କ ସହ ଶନିବାର ପଞ୍ଚମ ପର୍ଯ୍ୟାୟ ଆଲୋଚନା ହେବ।

–ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ

### କୃଷି ଆଇନ ୨୦୨୦ କ'ଣ?

୧. ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରୋଟେକ୍ସନ ଆଣ୍ଡ ଫାସିଲିଟି) ଆକ୍ଟ ବା କୃଷକଙ୍କ ଉତ୍ପାଦର ବେପାର ଓ ବାଣିଜ୍ୟ (ସୁରକ୍ଷା ଓ ସୁବିଧା) ଆଇନ, ୨୦୨୦।

୨. ଫାର୍ମର୍ସ (ଏମ୍ପାଓ୍ୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଆକ୍ଟ ବା କୃଷକଙ୍କ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ପ୍ରତିଶ୍ରୁତି ଓ କୃଷି ସେବା ଚୁକ୍ତି ଆଇନ, ୨୦୨୦।

୩. ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ ବା ଜରୁରୀ ସାମଗ୍ରୀ (ସଂଶୋଧନ) ଆଇନ, ୨୦୨୦।

୪. ଉପରୋକ୍ତ ୩ ଆଇନ ମିଳିତ ଭାବେ 'ନୂଆ କୃଷି ଆଇନ, ୨୦୨୦' ନାମରେ ପରିଚିତ।

୫. ୨୦୨୦ ସେପ୍ଟେମ୍ବର ୧୭ରେ ଲୋକ ସଭା ଓ ସେହି ମାସ ୨୦ ତାରିଖରେ ରାଜ୍ୟ ସଭାରେ ଏହି ଆଇନ ଗୃହୀତ ହୋଇଥିଲା।

୬. ସେପ୍ଟେମ୍ବର ୨୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମୋହର ବାଜିବା ପରେ ୩ କୃଷି ବିଲ୍ ଆଇନରେ ପରିଣତ ହୋଇଥିଲା।

### କେନ୍ଦ୍ରର ଯୁକ୍ତି

କେନ୍ଦ୍ର ସରକାରଙ୍କ ମତରେ ନୂଆ କୃଷି ଆଇନ ବଳରେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରାଯାଇପାରିବ। ଏହି ସଂସ୍କାର ଯୋଗୁ କୃଷି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇବ। କୃଷି ଭିତ୍ତିଭୂମିର ବିକାଶ ଘଟିବା ସହ ଜାତୀୟ ତଥା ବିଶ୍ୱ ବଜାରରେ କୃଷି ଉତ୍ପାଦର ଯୋଗାଣ ଶୃଙ୍ଖଳ ମଜଭୁତ ହେବ। ଟେକ୍ନୋଲୋଜିର ବହୁଳ ବ୍ୟବହାର ଫଳରେ ଏହା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। କୃଷକମାନେ ସେମାନଙ୍କ ଉତ୍ପାଦିତ ଶସ୍ୟକୁ ଖୋଲା ବଜାରରେ ବିକ୍ରି କରିପାରିବେ। 'ଇନ୍ସପେକ୍ଟର ରାଜ' ବା ମଧ୍ୟସ୍ଥ ବ୍ୟବସ୍ଥା ଉଚ୍ଛେଦ ହେବା ଫଳରେ ଚାଷୀଙ୍କ ମୂଲଚାଲ କ୍ଷମତା ବଢ଼ିବ। ସେହିପରି କୃଷକମାନେ ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ମାର୍କେଟ କମିଟି (ଏପିଏମ୍‌ସି) ବା ମଣ୍ଡି ବାହାରେ ଯାହାଙ୍କୁ ଚାହିଁବେ ତାହାଙ୍କୁ ନିଜ ଶସ୍ୟ ବିକ୍ରି କରି ଲାଭବାନ ହେବେ। ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଲେ କୃଷକମାନେ ଅଧିକ ଅର୍ଥ ପାଇପାରିବେ ବୋଲି କେନ୍ଦ୍ର ସରକାର ଯୁକ୍ତି ବାଢ଼ୁଛନ୍ତି।

### ଚାଷୀଙ୍କ ଆଶଙ୍କା

ସରକାରଙ୍କ ନୂଆ କୃଷି ଆଇନ ଲାଗୁ ହେବା ଫଳରେ ବଜାରକୁ ବଡ଼ ବଡ଼ ପୁଞ୍ଜିପତି ଓହ୍ଲାଇବେ। ସେମାନଙ୍କ ଷ୍ଟୋରେଜ୍ କ୍ଷମତା ଅଧିକ ଥିବାରୁ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଶସ୍ୟ କିଣି ମହଜୁଦ ରଖିବେ ଏବଂ ଜରୁରୀ ସମୟରେ ତାକୁ ଅଧିକ ମୂଲ୍ୟରେ ବିକ୍ରି କରିବେ। ଏହାଦ୍ୱାରା ଏପିଏମ୍‌ସି ବ୍ୟବସ୍ଥା ଦୁର୍ବଳ ବା ଉଚ୍ଛେଦ ହୋଇଯିବ। ଫଳରେ ସରକାରଙ୍କଠାରୁ ମିଳିଆସୁଥିବା ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପାଇବାରୁ ବଞ୍ଚିତ ହେବେ। ଖାଦ୍ୟଶସ୍ୟଗୁଡ଼ିକ ଉପରେ ସରକାରଙ୍କ ନିୟନ୍ତ୍ରଣ ନ ରହିଲେ ସେମାନେ ଏକପ୍ରକାର ଘରୋଇ ପକ୍ଷଙ୍କ ଦୟାରେ ଚଳିବାକୁ ବାଧ ହେବେ। ଅନ୍ନଦାତାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ବୋଲି ସେମାନଙ୍କ ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି।

### କେଉଁମାନେ ବିରୋଧ କରୁଛନ୍ତି

ନୂଆ କୃଷି ଆଇନକୁ ଦେଶର କୋଣ ଅନୁକୋଣରେ ବିରୋଧ କରାଯାଉଛି। ବିଶେଷକରି ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ କେରଳ ଆଦି ରାଜ୍ୟ କୃଷି ଆଇନ ବିରୋଧର ହଟ୍‌ସ୍ପଟ ପାଲଟିଛି। କେବଳ କଂଗ୍ରେସ ଓ ଅନ୍ୟ ଆଞ୍ଚଳିକ ଦଳ ଭଳି ରାଜନୈତିକ ବିରୋଧୀ ନୁହନ୍ତି, କୃଷକ ସଙ୍ଗଠନଗୁଡ଼ିକ ମଧ୍ୟ ଏହି ବିବାଦୀୟ ଆଇନକୁ ପ୍ରତ୍ୟାହାର ପାଇଁ ଦାବି କରୁଛନ୍ତି। ଏହି ବିଲ୍ ଲୋକ ସଭାରେ ଗୃହୀତ ହେବା ପରେ କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏହାସହ ଜାତୀୟ ଗଣତନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଶିରୋମଣି ଅକାଳୀ ଦଳ (ଏସ୍ଏଡି) ସମର୍ଥନ ପ୍ରତ୍ୟାହାର କରିଥିଲା। ରାଜନୈତିକ କ୍ଷତି ଆଶଙ୍କା କରି ପୁରୁଣା ସହଯୋଗୀ ଏସ୍ଏଡି ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ମେଣ୍ଟ ସରକାରରୁ ଓହରିଯିବାକୁ ବାଧ ହୋଇଥିଲା।

### ବିରୋଧ କାହିଁକି

ପଞ୍ଜାବ ସମେତ ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶରୁ ଆରମ୍ଭ ହୋଇଥିବା କୃଷକ ବିକ୍ଷୋଭ ଇତିମଧ୍ୟରେ ଜାତୀୟ ଆନ୍ଦୋଳନର ରୂପ ନେଇସାରିଛି। ଏଥିଯୋଗୁ ୧୫ରୁ ଅଧିକ କୃଷକଙ୍କ ପ୍ରାଣହାନି ଘଟିସାରିଲାଣି। ପ୍ରଶ୍ନ ଉଠୁଛି ଉପରୋକ୍ତ ରାଜ୍ୟଗୁଡ଼ିକ ଏହାକୁ କାହିଁକି ବିରୋଧ କରୁଛନ୍ତି। ଉତ୍ତର ପାଇବାକୁ ହେଲେ ୧୯୬୦ ଦଶକକୁ ଫେରିବାକୁ ହେବ, ଯେତେବେଳେ ପଞ୍ଜାବ ଓ ଅନ୍ୟ ରାଜ୍ୟଗୁଡ଼ିକରେ 'ଗ୍ରୀନ୍ ରିଭୋଲ୍ୟୁଶନ' ବା ସବୁଜ ବିପ୍ଳବ ଆରମ୍ଭ ହୋଇଥିଲା। ଏହି ରାଜ୍ୟଗୁଡ଼ିକରେ ଶସ୍ୟ କିଣିବାକୁ ନେଇ ସରକାରୀ ଭିତ୍ତିଭୂମି ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ। ସେହି ସମୟରେ କୃଷକଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ଜରିଆରେ ଗହମ କିଣୁଥିଲେ। ଏହାସହ ପ୍ରତ୍ୟେକ କୃଷି (ରବି ଓ ଖରିଫ) ଋତୁ ପୂର୍ବରୁ ଏହାର ଏମ୍ଏସ୍‌ପି ଘୋଷଣା କରୁଥିଲେ। ସେବେଠୁ ଏପରି ବ୍ୟବସ୍ଥା ପ୍ରଚଳିତ। ନୂଆ କୃଷି ଆଇନ ଲାଗୁ ହେବା ଯୋଗୁ ସରକାରଙ୍କ ପକ୍ଷରୁ ଆଉ ଶସ୍ୟ କିଣାଯିବ ନାହିଁ ଏବଂ ଏମ୍ଏସ୍‌ପି ବ୍ୟବସ୍ଥା ଉଚ୍ଛେଦ ହୋଇଯିବ ବୋଲି ଚାଷୀ ଆଶଙ୍କା କରୁଛନ୍ତି। ଏପରି ହେଲେ ପଞ୍ଜାବ ଓ ହରିୟାଣାର ଚାଷୀକୁଳ ସର୍ବାଧିକ କ୍ଷତିଗ୍ରସ୍ତ ହେବେ।

### ବର୍ତ୍ତମାନ ସ୍ଥିତି

କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ଅକ୍ଟୋବର ୨୬ ଓ ୨୭ରେ 'ଦିଲ୍ଲୀ ଚଲୋ' ଡାକରା ଦେଇଥିଲେ। ଚାଷୀଙ୍କ ଏହି ଆନ୍ଦୋଳନ ଗୁରୁବାର ଅଷ୍ଟମ ଦିନରେ ପହଞ୍ଚିଛି। କୃଷକମାନେ ଏହି ଆଇନକୁ ପ୍ରତ୍ୟାହାର ଦାବିରେ ଅଡ଼ିବସିଥିବାବେଳେ ସରକାର ସେମାନଙ୍କ କଥା ନ ଶୁଣି କେବଳ ସଫେଇ ଦେବାରେ ଲାଗିଛନ୍ତି। ମଙ୍ଗଳବାର କେନ୍ଦ୍ର ସରକାର ଓ କୃଷକଙ୍କ ମଧ୍ୟରେ ହୋଇଥିବା କୃଷି ଭବନ ବୈଠକରୁ କିଛି ସୁଫଳ ମିଳିପାରି ନାହିଁ। ଶନିବାର କେନ୍ଦ୍ର ଓ କୃଷକଙ୍କ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ବୈଠକ ହେବ।

## ଚାଷୀ ସଂଗଠନଙ୍କ ମତ

### ମେରୀରାୟ ଚଳାଇବେ ପୁଞ୍ଜିପତି



କେନ୍ଦ୍ର ସରକାରଙ୍କ କୃଷି ଆଇନ କୃଷକଙ୍କ ପାଇଁ ନୁହେଁ ବରଂ ପୁଞ୍ଜିପତିଙ୍କ ପାଇଁ ଉଦ୍ଦିଷ୍ଟ। ଯଦି ଚାଷୀଙ୍କ ପାଇଁ ଅଣାଯାଇଥାନ୍ତା, ତେବେ ଆଜି ଦେଶର କୃଷକମାନେ ରାସ୍ତାକୁ ଓହ୍ଲାଇ ନ ଥାନ୍ତେ। ଏହି ଆଇନରେ ଏମ୍ଏସ୍‌ପିର ଗ୍ୟାରେଣ୍ଟି ନାହିଁ। ସରକାରୀ ମଣ୍ଡି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଖତମ୍ କରିବା ପାଇଁ ପୁଞ୍ଜିପତିମାନଙ୍କୁ ଏହି ଆଇନରେ ସୁଯୋଗ ଦିଆଯାଇଛି। ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଆସୁଛି ସେହି ସମୟରେ ସରକାରଙ୍କ ଇନ୍‌ପୁଟ୍ ସବ୍‌ସିଡି, ବୀମା କ୍ଷତିପୂରଣ ଭଳି କୌଣସି ବ୍ୟବସ୍ଥା ଏହି ଆଇନରେ ନାହିଁ। କେନ୍ଦ୍ର ସରକାର ୩ ନୂଆ କୃଷି ଆଇନ ଆଣିଛନ୍ତି। ମାତ୍ର ଏହା ଗୋଟିଏ ଆଇନ ଏବଂ ତାହା ପୁଞ୍ଜିପତିଙ୍କ ପାଇଁ ଉଦ୍ଦିଷ୍ଟ। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଆଇନକୁ ଉଚ୍ଛେଦ କରିବା ଦ୍ୱାରା ଯେକୌଣସି ଲୋକ କୃଷିଜାତ ଦ୍ରବ୍ୟ ସଂଗ୍ରହ କରି ପାରିବେ ଓ ଗଚ୍ଛିତ ରଖିପାରିବେ। ଏପରିକି କୌଣସି ଆଇନରେ ସେମାନେ ଦଣ୍ଡିତ ହେବେ ନାହିଁ ଏବଂ ମନଇଚ୍ଛା କଳାବଜାର କରିପାରିବେ। ଫଳରେ ଖାଉଟିମାନଙ୍କୁ ଅଧିକ ଦରରେ କିଣିବାକୁ ପଡ଼ିବ। ସରକାର ମଧ୍ୟସ୍ଥ ରହିବେ ନାହିଁ ବୋଲି ସଫେଇ ଦେଉଛନ୍ତି। କିନ୍ତୁ ଏହି ଆଇନ ଯୋଗୁ ପୁଞ୍ଜିପତିମାନେ ହିଁ ମଧ୍ୟସ୍ଥ ସାଜିବେ, ତାହା ସ୍ପଷ୍ଟ ହୋଇଯାଇଛି। କୃଷିଜାତ ଦ୍ରବ୍ୟ କିଣାବିକାରେ ପୁଞ୍ଜିପତିମାନେ ମେରୀରାୟ ନୀତି ଚଳାଇବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

– ରମେଶ ମହାପାତ୍ର, ବରଗଡ଼ ଜିଲା ସଂଯୋଜକ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି

### କୃଷି ଆଇନ ଚାଷୀଙ୍କ କାମରେ ଆସିବ ନାହିଁ



ମୁଁ ବୃହତ୍ ଚାଷୀ । ପ୍ରାୟ ୫୦ ଏକର ଜମିରେ ଚାଷ କରୁଛି । କେନ୍ଦ୍ର ସରକାରଙ୍କ କୃଷି ଆଇନ ସମ୍ପର୍କରେ କିଛି ଜାଣି ନାହିଁ । ଏହି ଆଇନ ଚାଷୀଙ୍କୁ କୌଣସି ଲାଭ ଦେବ ନାହିଁ । କୃଷି ଆଇନକୁ ନେଇ ଦେଶ ବ୍ୟାପୀ ଚାଷୀ ଆନ୍ଦୋଳନ ଚାଲିଥିବା ଜାଣିଛି । ସଂପ୍ରତି ଚାଷ ଉତ୍ପାଦନ ବିକ୍ରି କରିବା ଜଟିଳ ହେଉଛି । ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ଆମର କୌଣସି ଲାଭ ହେବ ନାହିଁ । ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀଗୁଡିକ ଆମର ଉତ୍ପାଦ କିଣିବା ବ୍ୟବସ୍ଥା ସରକାର କରୁଛନ୍ତି । ତାହା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହେବ । କମ୍ପାନୀ ମନଇଚ୍ଛା କମ୍ ଦରରେ ଧାନ କିଣିବ ।

–ଉମେଶ ମିଶ୍ର, ଉପସଭାପତି, ଜିଲା କୃଷକ ସୁରକ୍ଷା ସଙ୍ଗଠନ, ସମ୍ବଲପୁର

### ଚାଷୀଙ୍କ ଭାଗ୍ୟ ଅନ୍ଧାରକୁ ଚାଲିଯିବ



କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ୩ଟି ନୂଆ କୃଷି ଆଇନ ଚାଷୀଙ୍କ ପାଇଁ କଳା ଆଇନ ସାବ୍ୟସ୍ତ ହୋଇଛି। କେବଳ ଯୁଦ୍ଧ ଓ ଆପଦକାଳରେ କୃଷି ସାମଗ୍ରୀ ମହଜୁଦକାରୀଙ୍କ ଗୋଦାମରେ ଚଢ଼ାଉ ହୋଇପାରିବ ବୋଲି ନିୟମ ହୋଇଛି। ଫଳରେ ଅନ୍ୟ ସମୟରେ ପୁଞ୍ଜିପତି ବ୍ୟବସାୟୀମାନେ କୃଷି ସାମଗ୍ରୀକୁ ମହଜୁଦ ରଖି ସାମଗ୍ରୀର ମୂଲ୍ୟକୁ ବଢ଼ାଇବାକୁ ସକ୍ଷମ ହେବେ। ସେହିପରି କଣ୍ଟ୍ରାକ୍ଟ ଫାର୍ମିଂରେ ଚାଷୀଙ୍କ ଭାଗ୍ୟ ଅନ୍ଧାରକୁ ଚାଲିଯିବ। ଏଥିରେ ଚାଷ ପୂର୍ବରୁ ଚାଷୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ କୃଷି ଉତ୍ପାଦର ସହମତି ଆବଶ୍ୟକ। ଫଳରେ ବଜାର ଦର ଅଧିକ ଥିଲେ ମଧ୍ୟ କମ୍ପାନୀ ସହ ଅନୁବନ୍ଧିତ ଚାଷୀଙ୍କୁ ପୂର୍ବ ନିର୍ଦ୍ଧାରିତ ଦରରେ ଉତ୍ପାଦ ଦେବାକୁ ପଡିବ। ତୃଣମୂଳସ୍ତରରେ ଚାଷୀଙ୍କ ଭିତ୍ତିଭୂମି ପାଇଁ ତାଲିମଠାରୁ ଆରମ୍ଭ କରି ବଜାର ମଣ୍ଡିର ସୁବିଧା ଆବଶ୍ୟକ। କୃଷି ଆଇନରେ ଏସବୁ ଅଭାବ ପରିଲକ୍ଷିତ ହୋଇଛି।

– ବିଧୁ ଭୂଷଣ ମହାପାତ୍ର, ଜିଲା କୃଷକ ସଭା ସଭାପତି, କେନ୍ଦ୍ରାପଡ଼ା

## ଉତ୍ପାଦ ନଷ୍ଟ ହେବାର ଆଶଙ୍କା ରହିଛି



ମୁଁ ଜଣେ କ୍ଷୁଦ୍ର ଚାଷୀ । କେନ୍ଦ୍ର ସରକାରଙ୍କ କୃଷି ଆଇନ ସମ୍ପର୍କରେ ବହୁ ଆଲୋଚନା ହୋଇଥିବାର ଜାଣିଛି। କୃଷି ଆଇନରେ ତୃଣମୂଳସ୍ତରରେ କୃଷି ଉତ୍ପାଦକୁ ସଂରକ୍ଷଣ ପାଇଁ ଚାଷୀଙ୍କୁ ସୁବିଧା ଦିଆଯାଇ ନ ଥିବାରୁ ଆଳୁ, ପିଆଜ ପରି ଉତ୍ପାଦ ନଷ୍ଟ ହେବା ଆଶଙ୍କା ଅଛି। ଆନ୍ଦୋଳନ ସମ୍ପର୍କରେ ଜାଣିଛି। ବଜାରରେ ମଣ୍ଡି ବ୍ୟବସ୍ଥା ନ ଥିବାରୁ ଉତ୍ପାଦ ବିକ୍ରିରେ ଅସୁବିଧା ହେବ। ମଣ୍ଡି ନ ଥିଲେ ଉତ୍ପାଦର ଅଭାବୀ ବିକ୍ରି ବଢ଼ିବ। ସରକାରଙ୍କ କମ୍ପାନୀ ତୋଷଣ ନୀତି ଆମ ପରି କ୍ଷୁଦ୍ର ଚାଷୀଙ୍କ ପାଇଁ ଘାତକ ସାଜିବ। ଏଥିରେ କେବଳ ପୁଞ୍ଜିପତି ଲାଭବାନ ହେବେ।

–ଧରଣୀଧର ପ୍ରଧାନ, ତିଳକପୁର, ଡେରାବିଶ, କେନ୍ଦ୍ରାପଡ଼ା

## ସ୍ୱଚ୍ଛତା ଆଣିବା ଦରକାର



ମୁଁ ଜଣେ ମଧ୍ୟମ ଚାଷୀ। ନିକଟରେ କେନ୍ଦ୍ର ସରକାର ଆଣିଥିବା କୃଷି ଆଇନ ସମ୍ପର୍କରେ ଖବରକାଗଜରୁ ଜାଣିବାକୁ ପାଇଲି। ସରକାର ଆଇନ କରିବା ପରେ ଚାଷୀଙ୍କ ପାଖକୁ ଆସନ୍ତି। ଆଇନ ପ୍ରଣୟନ ପୂର୍ବରୁ ସରକାର ଯଦି ଚାଷୀଙ୍କ ମତାମତ ଲୋଡନ୍ତେ, ତେବେ ଏହା ଚାଷୀଙ୍କ ହିତରେ ଲାଗନ୍ତା। ନୂତନ କୃଷି ଆଇନ ସମ୍ପର୍କରେ ଅବଗତ ନୁହେଁ। ବିଭିନ୍ନ ରାଜ୍ୟରେ ଚାଷୀ ଆନ୍ଦୋଳନ ହେଉଛି, କିନ୍ତୁ ଓଡ଼ିଶାରେ ସେଭଳି ହେଉନି। ଚାଷୀ ହକ୍ ପାଇଁ ଲଢେଇ କରିବା ଜରୁରୀ। ଉତ୍ପାଦିତ ଖାଦ୍ୟ, ଶସ୍ୟ ଓ ପରିବା ଉତ୍ପାଦନ ସମୟରେ ଦର କମିଯାଉଥିବାରୁ ଚାଷୀ ତାର ଉପଯୁକ୍ତ ମୂଲ୍ୟ ପାଇପାରୁନାହିଁ। ମଣ୍ଡି ଉଚ୍ଛେଦ ନ କରାଯାଇ ଏଥିରେ ସ୍ୱଚ୍ଛତା ଆଣିବା ଦରକାର।

–ପ୍ରଫୁଲ୍ଲ ମହାପାତ୍ର, ନିଶ୍ଚିନ୍ତକୋଇଲି, କଟକ

## ମଣ୍ଡି ଦ୍ୱାରା ଉତ୍ପାଦ ବିକ୍ରି



ମୁଁ ଜଣେ ମଧ୍ୟମ ବର୍ଗର ଚାଷୀ। କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ କଥା ଗଣମାଧ୍ୟମରୁ ଜାଣିଛି। ମଣ୍ଡି ବ୍ୟବସ୍ଥାକୁ ହଟାଇ ଏହାକୁ ଘରୋଇକରଣ କରିଦିଆଯାଇଛି। ଏହାଦ୍ୱାରା ଘରୋଇ କମ୍ପାନୀ ଆମ ଉତ୍ପାଦର ଦର ନିର୍ଦ୍ଧାରଣ କରିବେ। ଚାଷୀର କୌଣସି ପ୍ରକାର ଲାଭ ଦେବନାହିଁ। ଏହି ଆଇନ ବିରୋଧରେ ହରିୟାଣା, ପଞ୍ଜାବ ଚାଷୀ ଆନ୍ଦୋଳନ କରୁଛନ୍ତି। ମଣ୍ଡି ଦ୍ୱାରା ଉତ୍ପାଦ ବିକ୍ରି କରିବା ସହଜ ହେଉଛି। ମଣ୍ଡି ଉଚ୍ଛେଦ ହେଲେ ଚାଷୀ ହଇରାଣ ହେବେ। ଏବେ କମ୍ପାନୀ ଆସିଗଲେ ସେମାନେ ଚାଷ ଉତ୍ପାଦର ଦର ନିର୍ଦ୍ଧାରଣ କରିବେ। କାରଣ କମ୍ପାନୀ ଉପରେ କୌଣସି ନିୟମ ଲାଗୁ ହୋଇନାହିଁ।

– ତ୍ରିଲୋଚନ ମିଶ୍ର, ବୀରନରସିଂହପୁର, ପୁରୀ

## 'ସାଧାରଣ ଚାଷୀ କ୍ଷତିଗ୍ରସ୍ତ ହେବେ'



କେନ୍ଦ୍ର ସରକାର ଆଣିଥିବା ନୂତନ କୃଷି ଆଇନ କାର୍ଯ୍ୟକାରୀ ହେଲେ ମୋ' ଭଳି ସାଧାରଣ ଚାଷୀ କ୍ଷତିଗ୍ରସ୍ତ ହେବେ। ଦିଲୀରେ ଚାଲିଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ବିଭିନ୍ନ ରାଜ୍ୟ, ଶ୍ରମିକ ସଙ୍ଗଠନ ଏହାର ବିରୋଧ କରୁଛନ୍ତି। ଉତ୍ପାଦିତ ଫସଲ ସଂରକ୍ଷଣ ଲାଗି କୌଣସି ସାଧନ ନାହିଁ। ତେଣୁ ଫସଲ ଅମଳ ହେବା କ୍ଷଣି ଚାଷୀ ଏହାକୁ ବଜାରରେ ବିକ୍ରି କରିବାକୁ ବାଧ ହେଉଛି। ମଣ୍ଡି ବ୍ୟବସ୍ଥା ଉଚ୍ଛେଦ କରାଗଲେ, ଚାଷୀ ପ୍ରଭାବିତ ହେବେ। ମଣ୍ଡିଗୁଡ଼ିକର ପୁନରୁଦ୍ଧାର ପରିବର୍ତ୍ତେ ସରକାର ଘରୋଇ କମ୍ପାନୀଗୁଡ଼ିକ ଉତ୍ପାଦ କିଣିବା ଲାଗି ପ୍ରୋତ୍ସାହିତ କରୁଛନ୍ତି। ଏହା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହେବେ।

–ଗୋପାଳକୃଷ୍ଣ ପ୍ରଧାନ, ଟାଙ୍ଗିଆପଡ଼ା, ଖୋର୍ଦ୍ଧା

## ଉତ୍ପାଦିତ ଫସଲ ବିକ୍ରିକୁ ନେଇ ଚାଷୀ ଚିନ୍ତାରେ



ମୁଁ ଜଣେ ମଧ୍ୟମବର୍ଗର ଚାଷୀ। ନିକଟରେ କେନ୍ଦ୍ର ସରକାର ନୂତନ କୃଷି ଆଇନ ଆଣିଛନ୍ତି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ସାଧାରଣ ଚାଷୀଙ୍କ ଉପରେ ପ୍ରଭାବ ପଡ଼ିବ। ଏହାଦ୍ୱାରା ଚାଷୀ ଲାଭ ବଦଳରେ ଅଧିକ କ୍ଷତି ସହିବେ। ତେଣୁ ଏହି ଆଇନକୁ ବିରୋଧ କରି ଦେଶବ୍ୟାପୀ ଏବେ ଆନ୍ଦୋଳନ ଚାଲିଛି। ଏହି ଆଇନରେ ବଡ଼ବଡ଼ କମ୍ପାନୀ ଚୁକ୍ତିଭିତ୍ତିକ ଚାଷରେ କୃଷକମାନଙ୍କୁ ଶୋଷଣ କରିବେ। ଉତ୍ପାଦିତ ଫସଲ ଖରାପ କହି ପ୍ରତ୍ୟାଖ୍ୟାନ କରିବେ। ଫଳରେ ଚାଷୀମାନେ ଉତ୍ପାଦିତ ଫସଲ ବିକ୍ରି ପାଇଁ ଚିନ୍ତାରେ ପଡ଼ିପାରନ୍ତି। କମ୍ପାନୀମାନେ ଯଦି ସିଧାସଳଖ ମଧ୍ୟମ ଓ କ୍ଷୁଦ୍ର ଚାଷୀଙ୍କଠାରୁ ଉତ୍ପାଦନ କିଣିବେ ତାହାହେଲେ ଚାଷୀମାନେ ଲାଭ ପାଇବେ।

–ବୈକୁଣ୍ଠନାଥ ସାମଲ, ଚୌଦ୍ୱାର

## ଏଥିରେ କେବଳ କମ୍ପାନୀ ଲାଭବାନ ହେବେ



ମୁଁ ଜଣେ ମଧ୍ୟମ ଚାଷୀ। କେନ୍ଦ୍ର ସରକାର ଆଣିଥିବା ନୂତନ କୃଷି ଆଇନ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଏହି ଆଇନ ବିରୋଧରେ ଦିଲ୍ଲୀରେ ଏବେ ଆନ୍ଦୋଳନ ଚାଲିଛି। ଏହାଦ୍ୱାରା ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ଚାଷୀଙ୍କର କୌଣସି ଲାଭ ହେବ ନାହିଁ। ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀଙ୍କୁ ଉତ୍ପାଦ କିଣିବାର ସରକାର ବ୍ୟବସ୍ଥା କରିଥିବାରୁ କମ୍ପାନୀ ସେମାନଙ୍କ ଇଚ୍ଛା ଅନୁସାରେ ଉତ୍ପାଦ କିଣିବେ। ଯାହାଦ୍ୱାରା କେବଳ କମ୍ପାନୀର ହିଁ ଲାଭ ହେବ, ଚାଷୀର ନାହିଁ।

–ଗୋବିନ୍ଦ ଚନ୍ଦ୍ର ନାୟକ, ପୂରଣପଧାନ, ବାଲିଅନ୍ତା

## 'ଚାଷୀ ଶୋଷଣର ଶିକାର ହେବା ନିଶ୍ଚିତ'



ମୁଁ ଜଣେ ମଧ୍ୟମବର୍ଗର ଚାଷୀ। ଚାଷ କଲେ ପରିବାର ଚଳେ। ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା କୃଷି ଆଇନ ସମ୍ପର୍କରେ ମୋତେ ଭଲ ଭାବେ ଜଣାଅଛି। ଏହା ଚାଷୀଙ୍କୁ ଆଦୌ ଲାଭ ଦେବ ନାହିଁ, ବରଂ କର୍ପୋରେଟ ସଂସ୍ଥା ଅଧିକ ଲାଭବାନ୍ ହେବେ ଓ ଚାଷୀ ଶୋଷଣର ଶିକାର ହେବା ନିଶ୍ଚିତ। ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନକୁ ମୁଁ ସ୍ୱାଗତ କରୁଛି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନରେ ଭାଗନେବି। ବର୍ତ୍ତମାନ ସରକାରୀସ୍ତରରେ ହେଉଥିବା ଧାନ ବିକ୍ରି ସହଜରେ ହେଉଛି। ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ କେତେକ ଧନୀ ଶ୍ରେଣୀର ଲୋକ ଲାଭବାନ ହେବେ। ଚାଷୀ ସମସ୍ତ ସ୍ଥାନକୁ ଯାଇ ଧାନ ବିକ୍ରି କରିବା ସହଜ ହେବ ନାହିଁ।

–ନିମାଇଁ ଚରଣ ରାୟ, ବରୀ, ଯାଜପୁର

## 'ଉତ୍ପାଦ ବିକ୍ରି ପାଇଁ ସରକାର ସୁବିଧା କରିନାହାନ୍ତି'



ମୁଁ ଜଣେ ନାମମାତ୍ର ଚାଷୀ। କେନ୍ଦ୍ର ସରକାରଙ୍କ କୃଷି ଆଇନ ବିଷୟରେ ଅବଗତ ଅଛି। ହେଲେ ଏହା ଦ୍ୱାରା ଚାଷୀଙ୍କର ଲାଭ ହେବନାହିଁ। ବର୍ତ୍ତମାନ ଦେଶବ୍ୟାପୀ ଚାଲିଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଜାଣିଛି। ଏହାକୁ ଆମେ ସମର୍ଥନ କରୁଛୁ। ଚାଷ ଉତ୍ପାଦ ବିକ୍ରି ପାଇଁ ସରକାର କୌଣସି ସୁବିଧା କରିନାହାନ୍ତି। ମଣ୍ଡି ଉଚ୍ଛେଦ ହେଲେ ଆମର କ୍ଷତି ହେବ।

–ଶ୍ୟାମସୁନ୍ଦର ନାୟକ, ବରିଡି, ଖଣ୍ଡପଡ଼ା, ନୟାଗଡ଼

## ଲାଭ ଦେବନି ନୂଆ ଆଇନ



ନୂଆ କୃଷି ଆଇନ-୨୦୨୦ ସମ୍ପର୍କରେ ଅଧିକ କିଛି ଜାଣିନାହିଁ। ହେଲେ ଏଥିରେ ଆମପରି କ୍ଷୁଦ୍ର ଚାଷୀଙ୍କ ଦୁଃଖ ଦୂର କରିବା ଭଳି ବିଶେଷ କିଛି ବ୍ୟବସ୍ଥା ନ ଥିବା ଶୁଣିବାକୁ ପାଉଛି। ଏବେ ବି ସରକାରୀ ମଣ୍ଡିରେ ଉତ୍ପାଦିତ ସାମଗ୍ରୀ ବିକ୍ରି କରିବାକୁ ଚାଷୀଙ୍କୁ କମ୍ ହଇରାଣ ହେବାକୁ ପଡୁନାହିଁ। ତଥାପି ସରକାରୀ ମଣ୍ଡି ହିଁ ଚାଷୀଙ୍କ ପାଇଁ ବଡ଼ ଆଶ୍ୱାସନା ହୋଇ ରହିଆସିଛି। ସରକାର ଏହି ବ୍ୟବସ୍ଥାରେ ପରିବର୍ତ୍ତନ କଲେ ତାହା ଚାଷୀଙ୍କ ସମସ୍ୟାର ସମାଧାନ କରିପାରିବ ନାହିଁ କି ସେମାନଙ୍କ ପାଇଁ ଲାଭଜନକ ସାବ୍ୟସ୍ତ ହେବ ନାହିଁ।

–ବିଭୁ ପ୍ରସାଦ ପ୍ରଧାନ, ତଳଗଡ଼, ଅନୁଗୋଳ

## ଏବେଠୁ ଆକଳନ କରିହେବନାହିଁ



ମୁଁ ଜଣେ ବୃହତ୍ ଚାଷୀ। ନିକଟରେ କେନ୍ଦ୍ର ସରକାର ଯେଉଁ କୃଷି ଆଇନ ଆଣିଛନ୍ତି, ସେ ସମ୍ପର୍କରେ ଅଳ୍ପବହୁତେ ଜାଣିଛି। ଏହା ଚାଷୀଙ୍କ ଲାଭରେ ଆସିବ ନାହିଁ। ତେଣୁ ଏହାକୁ ନେଇ ବିରୋଧ ଆରମ୍ଭ ହେଲାଣି। ବର୍ତ୍ତମାନ ପରିସ୍ଥିତିରେ ଉତ୍ପାଦିତ ଫସଲ ବିକ୍ରି କରିବାରେ ସେମିତି ସମସ୍ୟା ହେଉନାହିଁ। ତେବେ ମଣ୍ଡି ବ୍ୟବସ୍ଥା ଉଚ୍ଛେଦ କରାଗଲେ କ୍ଷତି ହେବ। ଏବେ ସରକାର ମଣ୍ଡି ବଦଳରେ ଘରୋଇ କମ୍ପାନୀ ଦ୍ୱାରା ଉତ୍ପାଦିତ ଫସଲ କିଣିବାକୁ ଯୋଜନା କରୁଛନ୍ତି। ହେଲେ ଏହା ଲାଭଦାୟକ ହେବ କି ନାହିଁ, ଏବେଠୁ ଆକଳନ କରିହେବ ନାହିଁ।

–ଅନ୍ତର୍ଯ୍ୟାମୀ ସାମଲ, ଢେଙ୍କାନାଳ

## ଚାଷୀ କ୍ଷତିଗ୍ରସ୍ତ ହେବେ



ମୁଁ ଜଣେ ମଧ୍ୟମ ଚାଷୀ। ଚାଷ ଆମର ବେଉସା। କେନ୍ଦ୍ର ସରକାରଙ୍କ କୃଷି ଆଇନ ସମ୍ପର୍କରେ ଅବଗତ ଅଛି। ତେବେ ଏହି ଆଇନକୁ ବିରୋଧ କରୁଛି। ଏହା ଚାଷୀ ବିରୋଧୀ ଅଟେ। ଏହା ଦ୍ୱାରା ଚାଷୀଙ୍କ ଲାଭ ହେବ ନାହିଁ । ମଣ୍ଡି ବ୍ୟବସ୍ଥା ଉଚ୍ଛେଦ କରିବା ଦ୍ୱାରା ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବେ। ଏହି ଆଇନ ଲାଗୁ ହେଲେ ବଡ଼ ବଡ଼ କମ୍ପାନୀମାନଙ୍କୁ ଚାଷୀ ସାମଗ୍ରୀ ବିକିବାକୁ ବାଧ ହେବେ।

–କୀର୍ତ୍ତନ ଜେନା, ଘଷିପୁରା, କେନ୍ଦୁଝର

## କମ୍ପାନୀ ହେବେ ମାଲାମାଲ



ମୁଁ ଜଣେ ବୃହତ୍ ଚାଷୀ। କେନ୍ଦ୍ର ସରକାରଙ୍କର ନୂତନ କୃଷି ଆଇନ ସମ୍ପର୍କରେ ଅବଗତ ଅଛି। ଏହି ଆଇନ ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେବାକୁ ଥିବାବେଳେ କମ୍ପାନୀଗୁଡ଼ିକ ମାଲେମାଲ ହେବାର ଆଶଙ୍କା ରହିଛି। ଦେଶବ୍ୟାପୀ ଚାଷୀ ଆନ୍ଦୋଳନକୁ ସ୍ୱାଗତ କରୁଛି। ୬ ଏକରରୁ ଅଧିକ ଜମି ଥିବାରୁ ଧାନ ଅମଳ ପରେ ବିକ୍ରିକରିବା କଷ୍ଟସାଧ୍ୟ ହେଉଛି। ବଳକା ସବୁଧାନ ମଣ୍ଡି ନେଉ ନ ଥିବାବେଳେ ବାହାର ବଜାରରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ମଣ୍ଡି ବନ୍ଦ କରି ଘରୋଇ କମ୍ପାନୀ ହାତରେ ଶସ୍ୟକ୍ରୟ ଭାର ଛାଡ଼ିଦେଲେ ଚାଷୀମାନେ କ୍ଷତିଗ୍ରସ୍ତ ହେବେ । ତେଣୁ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ଦେଶବ୍ୟାପୀ ବିରୋଧ କରାଯିବା ଉଚିତ ।

–ଗୌରାଙ୍ଗ ପାତ୍ର, ଆମ୍ବିଳିଅଠା, ଜଳେଶ୍ୱର

## କୃଷି ଆଇନ ଲାଭ ବଦଳରେ କ୍ଷତି



ମୁଁ ଜଣେ ମଧ୍ୟମ ଧରଣର ଚାଷୀ। କେନ୍ଦ୍ର ସରକାର ଲାଗୁ କରିଥିବା କୃଷି ଆଇନ ସମ୍ପର୍କରେ ଅବଗତ ଅଛି। ଉକ୍ତ ଆଇନ ଚାଷୀଙ୍କ ଲାଭ ବଦଳରେ କ୍ଷତି କରିବ। ଦେଶ ବ୍ୟାପୀ ହେଉଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଜାଣିଛୁ। ଚାଷ ଉତ୍ପାଦ ବିକ୍ରି କରିବା ସହଜ ହେଉନାହିଁ । ମଣ୍ଡି ବ୍ୟବସ୍ଥା ଉଚ୍ଛେଦ କଲେ ଚାଷୀ କ୍ଷତି ସହିବେ। ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀଗୁଡ଼ିକ ଚାଷୀଙ୍କ ଉତ୍ପାଦ କିଣିବାକୁ ସରକାର ଯେଉଁ ବ୍ୟବସ୍ଥା କରୁଛନ୍ତି ସେଥିରେ ଚାଷୀଙ୍କ ଅଧିକ ଲାଭ ହେବ ନାହିଁ।

–ସୁଶାନ୍ତ ଜେନା, ଆଗରପଡ଼ା, ଭଦ୍ରକ

## ଘରୋଇ କମ୍ପାନୀକୁ ଦାୟିତ୍ୱ ତେଲିଆ ମୁଣ୍ଡରେ ତେଲ



ମୁଁ ଜଣେ ମଧ୍ୟମ ଚାଷୀ। କେନ୍ଦ୍ର ସରକାର ଲାଗୁ କରିଥିବା କୃଷି ଆଇନ ସମ୍ପର୍କରେ ଅବଗତ ଅଛି। ଏହି ଆଇନ ଲାଗୁ ହେଲେ ଚାଷୀଙ୍କର କିଛି ଉନ୍ନତି ହେବନି। ଦେଶବ୍ୟାପି ଚାଲିଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଜାଣିଛି। ଚାଷ ଉତ୍ପାଦ ବିକ୍ରି କରି ହେଉନାହିଁ । ମଣ୍ଡି ଉଚ୍ଛେଦ କଲେ ଚାଷୀମାନେ ବହୁ କ୍ଷତି ସହିବେ। ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀକୁ ଉତ୍ପାଦ କିଣିବାର ବ୍ୟବସ୍ଥା କଲେ ତେଲିଆ ମୁଣ୍ଡରେ ତେଲ ସଦୃଶ ହେବା ସୁନିଶ୍ଚିତ। ସରକାର ଯେଉଭଳି ବ୍ୟବସ୍ଥା କରୁଛନ୍ତି, ସେଥିରେ ଚାଷୀଙ୍କ ଘୋର କ୍ଷତି ହେବ ।

–ସୁରେଶ ଚନ୍ଦ୍ର ପତି, ମାଣତ୍ରୀ, ବଡ଼ସାହି

## ଚାଷୀଙ୍କୁ ଲାଭ ଦେବନି ଆଇନ



ମୁଁ ମଧ୍ୟମ ଧରଣର ଚାଷୀ । କେନ୍ଦ୍ର ସରକାରଙ୍କ ତରଫରୁ ଅଣାଯାଇଥିବା କୃଷି ଆଇନ ବିଷୟରେ ଜାଣିଛି। ଏଗ୍ରିକଲ୍ଚର ପ୍ରଡ୍ୟୁସ ମାର୍କେଟ କମିଟି(ଏପିଏମ୍‌ସି)ର ବିନା ଅନୁମତିରେ ଚାଷୀ ସବୁଠି ସେମାନଙ୍କ ଉତ୍ପାଦ ବିକ୍ରି କରିପାରିବେ ବୋଲି ଆଇନରେ ରହିଛି । ଏହା ଚାଷୀଙ୍କୁ ସେତେ ଲାଭ ଦେବନାହିଁ । ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ ପାଇଁ ଏମ୍ଏସ୍‌ପି ବନ୍ଦ କରାଗଲା। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ। ମାର୍କେଟ ନ ଥିବାରୁ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବା ସହଜ ହେଉନାହିଁ । ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ନିଶ୍ଚିତ କ୍ଷତି ସହିବୁ । ଘରୋଇ କମ୍ପାନୀ ଚାଷୀଙ୍କ ଉତ୍ପାଦ କିଣିବା ବ୍ୟବସ୍ଥା ପ୍ରତାରିତ କରିବ।

–କରୁଣାକର ପଟ୍ଟନାୟକ, ଫୁଲବାଣୀ

## ସର୍ବନାଶ କରିବ କୃଷି ଆଇନ



କେନ୍ଦ୍ର ସରକାରଙ୍କ କୃଷି ଆଇନରେ ଥିବା ବ୍ୟବସ୍ଥାଗୁଡିକ ଭଲ ଶୁଣାଯାଉଥିଲେ ମଧ୍ୟ ବାସ୍ତବରେ ସେ ସବୁ ଚାଷୀଙ୍କ ପାଇଁ ମୂଲ୍ୟହୀନ। କଣ୍ଟ୍ରାକ୍ଟ ଫାର୍ମିଂ, ଠିକାଚାଷ, ଚୁକ୍ତି ଭିତ୍ତିକ ଚାଷ କୃଷକ ଓ କୃଷି ବ୍ୟବସ୍ଥାକୁ ଧ୍ୱଂସ କରିବ। କୃଷିଜାତ ପଦାର୍ଥର ବାଣିଜ୍ୟ, ବ୍ୟବସାୟ ଓ ବିତରଣ ବ୍ୟବସ୍ଥାକୁ ସରକାରୀ ନିୟନ୍ତ୍ରଣମୁକ୍ତ କରି ସମ୍ପୂର୍ଣ୍ଣ କର୍ପୋରେଟ କରଣ ପାଇଁ କୃଷି ଆଇନରେ ଉଲ୍ଲେଖ ଥିବାରୁ ଏହା ଆମ ଭଳି ମଧ୍ୟମ ବର୍ଗର ଚାଷୀଙ୍କୁ କୋରଡା ମାଡ଼ ଭଳି ହେବ। କୃଷି ଆଇନ ଚାଷୀଙ୍କୁ ଲାଭ ଦେବା ପରିବର୍ତ୍ତେ ସର୍ବନାଶ କରିବ।

– ଗୋପାଳ ଗୌଡ଼, ଦିଗପହଣ୍ଡି

## ଚାଷୀ ପ୍ରଭାବିତ ହେବେ



ମୁଁ ଜଣେ ମଧ୍ୟମ ଚାଷୀ। କେନ୍ଦ୍ର ସରକାର ଲାଗୁ କରିଥିବା କୃଷି ଆଇନ ସମ୍ପର୍କରେ ଅବଗତ ଅଛି। ଉକ୍ତ ଆଇନ ଯୋଗୁ ଚାଷୀଙ୍କ ଲାଭ ହେବ ନାହିଁ। ଦେଶବ୍ୟାପୀ ହେଉଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଜାଣିଛୁ। ଚାଷ ଉତ୍ପାଦ ବିକ୍ରି କରିବା ସହଜ ହେଉନାହିଁ। ମଣ୍ଡି ବ୍ୟବସ୍ଥା ଉଚ୍ଛେଦ କଲେ ଚାଷୀର ବହୁ ମାତ୍ରାରେ କ୍ଷତି ହେବ। ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀଗୁଡିକ ଚାଷୀଙ୍କ ଉତ୍ପାଦ କିଣିବା ଲାଗି ସରକାର ଯେଉଁ ବ୍ୟବସ୍ଥା କରୁଛନ୍ତି, ସେଥିରେ ଚାଷୀଙ୍କ କ୍ଷତି ହେବା ନିଶ୍ଚିତ।

–ସୁରେଶ କୁମାର ତ୍ରିପାଠୀ, ନବରଙ୍ଗପୁର

## ସରକାର ଚାଷୀଙ୍କ ଦାୟିତ୍ୱ ନେବାକୁ ଚାହୁଁନାହାନ୍ତି



ମୁଁ ଜଣେ କ୍ଷୁଦ୍ର ଚାଷୀ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣାଯାଇଥିବା କୃଷି ଆଇନ ସମ୍ପର୍କରେ ଜାଣିଛି। ଉକ୍ତ ଆଇନରେ ଚାଷୀମାନେ ବହୁତ ହଇରାଣ ହେବେ। ଚାଷୀମାନେ ବାହାରେ ଯାହାକୁ ଧାନ ବିକିବେ, ସେମାନେ ସର୍ବନିମ୍ନ ସହାୟତା ମୂଲ୍ୟ ଦେବେ କି ନାହିଁ ତାହା ସରକାର ସ୍ପଷ୍ଟ କରିନାହାନ୍ତି। ତେଣୁ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ଚାଲିଛି। ଆମର ଚାଷ ଉତ୍ପାଦ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଧାନ ପାଇଁ କେବଳ ମଣ୍ଡି ହୋଇଛି। ଅନ୍ୟସବୁ ଫସଲ ପାଇଁ କୌଣସି ସୁବିଧା ନାହିଁ। ଧାନମଣ୍ଡି ଉଚ୍ଛେଦ ହେଲେ ଚାଷୀଙ୍କ ପ୍ରତି ବହୁତ ଅନ୍ୟାୟ ହେବ।

–ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ପାରଳାଖେମୁଣ୍ଡି

## ଉତ୍ପାଦିତ ସାମଗ୍ରୀର ଉଚିତ ଦର ମିଳିବ



ମୁଁ ନିଜକୁ ବୃହତ୍, ମଧ୍ୟମ କିମ୍ବା କ୍ଷୁଦ୍ର ଚାଷୀର ଆଖ୍ୟା ଦେବି ନାହିଁ। ନିକଟରେ କେନ୍ଦ୍ର ସରକାର ଆଣିଥିବା କୃଷି ଆଇନ ସମ୍ପର୍କରେ ମୁଁ ଅବଗତ ଅଛି। ଏହାଦ୍ୱାରା ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ଦର ମିଳିପାରିବ। ଏବେ ଦେଶବ୍ୟାପୀ ଚାଲିଥିବା ଚାଷୀ ଆନ୍ଦୋଳନ ସମ୍ପର୍କରେ ଜାଣିଛି। ମୋର ଚାଷ ଉତ୍ପାଦ ବିକ୍ରି କରିବା ସହଜ ହେଉଛି। ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେଲେ ଚାଷୀଙ୍କ ଲାଭ ହେବ। ମଣ୍ଡି ପରିବର୍ତ୍ତେ ଘରୋଇ କମ୍ପାନୀଗୁଡ଼ିକୁ ଉତ୍ପାଦ କିଣିବାର ଯେଉଁ ବ୍ୟବସ୍ଥା ସରକାର କରୁଛନ୍ତି, ତାହା ଆମ ଭଳି ଚାଷୀଙ୍କ ପାଇଁ ଲାଭଦାୟକ ହେବ।

–ବିଦ୍ୟାଧର ଚୌଧୁରୀ, ଡୁମୁରିପୁଟ ଗ୍ରାମ, କୋରାପୁଟ

## ଘରୋଇ କମ୍ପାନୀ ଲାଭ ପାଇବେ



ମୁଁ ଜଣେ ମଧ୍ୟମ ବର୍ଗର ଚାଷୀ। ନୂତନ କୃଷି ଆଇନ ବିଷୟରେ ଯେତିକି ଜାଣିଛି, ତାହା ଚାଷୀ ବିରୋଧୀ। ଆନ୍ଦୋଳନ ବିଷୟରେ ମଧ୍ୟ ଜାଣିଛି। ମଣ୍ଡି ଉଚ୍ଛେଦ କରାଗଲେ ଆମେ ଉଚିତ ମୂଲ୍ୟ ପାଇବୁ ନାହିଁ, କେବଳ ଘରୋଇ କମ୍ପାନୀ ଲାଭ ପାଇବେ। ଏବେ ମଧ୍ୟ ଉତ୍ପାଦିତ ଦ୍ରବ୍ୟ ବିକ୍ରି ସହଜ ହେଉନାହିଁ। ଟୋକନ୍ ପାଇବାରେ ବିଳମ୍ବ ହେଉଛି। କିନ୍ତୁ ମଣ୍ଡି ବନ୍ଦ ହେଲେ ଆମେ କ୍ଷତି ସହିବୁ।

–ନନ୍ଦ କିଶୋର ଚୌଧୁରୀ, ବିଷମକଟକ, ରାୟଗଡ଼ା

## ବେପାରୀଙ୍କୁ କମ୍ ଦରରେ ଧାନ ବିକ୍ରି କରୁଛୁ



ମୁଁ ଜଣେ କ୍ଷୁଦ୍ର ଚାଷୀ। ନୂତନ କୃଷି ଆଇନ ବିଷୟରେ ମୋର କୌଣସି ଧାରଣା ନାହିଁ। ଦେଶବ୍ୟାପୀ ଆନ୍ଦୋଳନ ବିଷୟରେ ମୋର ଧାରଣା ନାହିଁ। ଆମ ଜିଲାରେ ଏପରି କୌଣସି ଆନ୍ଦୋଳନ ହେଉନାହିଁ। ଅନ୍ୟ ରାଜ୍ୟରେ ଆନ୍ଦୋଳନ ହେଲେ ମୋର ସେଥିରେ କୌଣସି ସମ୍ପର୍କ ନାହିଁ। ମଣ୍ଡିରେ ବିଭାଗୀୟ କର୍ମଚାରୀଙ୍କ ଅସାଧୁ ମେଣ୍ଟ ମୋ ପରି ଅନେକ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ବାଧହୋଇ ବେପାରୀଙ୍କୁ କମ୍ ଦରରେ ଧାନ ବିକ୍ରି କରୁଛୁ। ବେସରକାରୀ ସଂସ୍ଥା ନଗଦ ଅର୍ଥ ସହ ଆର୍ଥିକ ଓ ବୈଷୟିକ ସୁବିଧା ଯୋଗାଇଦେଲେ ଚାଷୀଙ୍କ ଉନ୍ନତି ହୋଇପାରିବ।

–କୃଷ୍ଣଚନ୍ଦ୍ର ଅନୁଗୁ, ମାଲକାନଗିରି

## ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଡେରାବିଶ,(ସ୍ୱ.ପ୍ର.):ଡେରାବିଶ ଥାନା ଅଧୀନ କଟକ-ଚାନ୍ଦବାଲି ରାଜପଥର ଖମୋଳ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଗୁରୁବାର ସକାଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ମହିଳା ଜଣେ ମାନସିକ ବିକୃତ ବୋଲି ଜଣାପଡ଼ିଛି। ଦୀର୍ଘଦିନ ହେବ ଏହି ରାସ୍ତାରେ ସେ ଏଣେତେଣେ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଖମୋଳ ସରପଞ୍ଚ ଲିଲିମା ପରିଡ଼ାଙ୍କଠାରୁ ଅଭିଯୋଗ ପାଇବା ପରେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିଚୟ ପାଇବାକୁ ୭୨ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଥିବା ଆଇଆଇସି ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଧର୍ମଶାଳା,୩।୧୨(ଡି.ଏନ.ଏ.):** ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ବ୍ରିଜରେ ଗୁରୁବାର ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭଦ୍ରକ ଜିଲା ନାହାକାଣୀଡିହ ଥାନା କୃଷ୍ଣପୁର ଗ୍ରାମର ପରିତୋଷ ମାଇତି (୨୪)। ପରିତୋଷ ଭୁବନେଶ୍ୱରକୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ଦ୍ରୁତଗାମୀ ବସ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଧର୍ମଶାଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ସଡ଼କ ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ,୩।୧୨:** ୯୦୯ ଟ୍ରକ ଧକ୍କାରେ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନୟାଗଡ ଶଗଡିଆସାହିର କୁଳମଣି ଖୁଲାର(୪୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। କୁଳମଣି ବୁଧବାର ସନ୍ଧ୍ୟାରେ ନିଜ ଘର ସମ୍ମୁଖରେ ଠିଆ ହୋଇଥିବାବେଳେ ଏକ ୯୦୯ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଅଭିଯୋଗ ପରେ ନୟାଗଡ ଟାଉନ ଥାନା ପୋଲିସ ଟ୍ରକ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଥିଲା। ପୋଲିସ ୨୦୦/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### କୃଷି ଆଇନ ବାତିଲ ଦାବିରେ ରାସ୍ତାରୋକୋ

**ନୟାଗଡ଼ ଅଫିସ,୩।୧୨:** କୃଷି ଆଇନ ବାତିଲ ଦାବିରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଅଲ ଇଣ୍ଡିଆ କୃଷକ ସଭାର ନୟାଗଡ ଶାଖା ପକ୍ଷରୁ ରାସ୍ତାରୋକୋ ହୋଇଥିବାବେଳେ ନୟାଗଡ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ଆନ୍ଦୋଳନକାରୀଙ୍କୁ ଅଟକ ରଖିବା ପରେ ରାସ୍ତାରୋକୋ ହଟିଥିଲା।

### ଗଣ୍ଡଗୋଳ: ଜଣେ ଗୁରୁତର

**କୁଜଙ୍ଗ, ୩।୧୨ (ଡି.ଏନ୍.ଏ.) :** କୁଜଙ୍ଗ ବ୍ଲକ ତାଳପଡ଼ା(ହସିଣା) ଅନ୍ତର୍ଗତ ୧୫ ନଂ ଛକସ୍ଥିତ ଏକ ଚିକେନ କାଉଣ୍ଟରରେ ତରାଜୁ ବଦଳରେ ଇଟା ବ୍ୟବହାରକୁ ନେଇ ଗ୍ରାହକ ଓ ଦୋକାନୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଗ୍ରାହକ ସନ୍ତରା ଗ୍ରାମସ୍ଥିତ ବ୍ରହ୍ମାନନ୍ଦ ସାମଲ ଗୁରୁତର ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ଗୁରୁବାର ମାମଲା (ନଂ.୩୦୬/୨୦)ରୁଜୁ ହୋଇଛି। ଅଭିଯୁକ୍ତ ବାପିନା ଜେନା ଓ ସୁମନ୍ ଜେନାଙ୍କୁ ପୋଲିସ ଗିରଫ କରିଛି। ବ୍ରହ୍ମାନନ୍ଦ ବୁଧବାର ଚିକେନ ପାଇଁ ବାପିନାଙ୍କ କାଉଣ୍ଟରକୁ ଯାଇଥିଲେ। ସେଠାରେ ତରାଜୁ ବ୍ୟବହାର ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

# ପରିବେଶ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ ହେବ

**କେନ୍ଦ୍ରାପଡା ଅଫିସ/ରାଜକନିକା/ ଆଳି, ୩।୧୨(ଡି.ଏନ.ଏ.)**


ବରୁଣାଡିହାଠାରେ ଅନୁଷ୍ଠିତ ବୈଠକ।

**ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ**
- ସପକ୍ଷ, ବିପକ୍ଷରେ ଦୁଇ ସ୍ଥାନରେ ଆଲୋଚନା
- ଖରସ୍ରୋତା ଶୁଖିବାକୁ ଦିଆଯିବ ନାହିଁ

କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ବରୁଣାଡିହାଠାରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପରୁ ଭଦ୍ରକ ଜିଲାକୁ ପାନୀୟ ଜଳ ଯୋଗାଣ ନେଇ ବିବାଦ ଏକ ଭିନ୍ନ ସ୍ଥିତିରେ ପହଞ୍ଚିଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏହି ପ୍ରକଳ୍ପରୁ ଭଦ୍ରକକୁ ପାଣି ଯୋଗାଣ ସପକ୍ଷରେ ଭିତରକନିକା ପରିବେଶ ସମ୍ବେଦନଶୀଳ(ଇକୋ ସେନ୍‌ସେଟିଭ) ଜୋନ୍ ମନିଟରିଂ କମିଟିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ରାଜକନିକା ବ୍ଲକ ବ୍ରାହ୍ମଣୀଡିହାଠାରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନର ଆଗାମୀ ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ପ୍ରକଳ୍ପ ସପକ୍ଷ ପାଇଁ ପ୍ରସ୍ତାବ ଆଗତ କରାଯାଇ ଆଲୋଚନା ହୋଇଥିଲା। ତେବେ ସଦସ୍ୟଙ୍କ ବିରୋଧ ପରେ ପରିବେଶ ଉପରେ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଅପରପକ୍ଷରେ ଖରସ୍ରୋତା ନଦୀକୁ ଶୁଖିବାକୁ ଦିଆଯିବନାହିଁ ବୋଲି ସଂଗ୍ରାମ ସମିତିର ଆଲୋଚନା ପରେ ନିଷ୍କର୍ଷ ବାହାରିଛି।

ବରୁଣାଡିହାସ୍ଥିତ ଖରସ୍ରୋତା ନଦୀର ଏହି ପ୍ରକଳ୍ପରୁ ଭଦ୍ରକ ଜିଲାର ବାସୁଦେବପୁର, ଧାମନଗର, ତିହିଡି ଓ ଚାନ୍ଦବାଲି ବ୍ଲକର ୯୧ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ବସୁଧା ଯୋଜନାରେ ୮୯୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟଠାରେ ଜଳ ବିଶୋଧନ ପ୍ରଣାଳୀର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ ଅଞ୍ଚଳକୁ ପାଇପ ବିଛାଇବା କାମ ଚାଲିଛି। ତେବେ ବରୁଣାଡିହା ଓ ନୂଆହାଟ ଅଞ୍ଚଳ ଭିତରକନିକା ଇକୋ ସେନ୍‌ସେଟିଭ ଜୋନରେ ରହିଥିବାରୁ ମନିଟରିଂ କମିଟିର ସୁପାରିସ ଆବଶ୍ୟକ। ପ୍ରକଳ୍ପ ଆରମ୍ଭ ପୂର୍ବରୁ ଭିତରକନିକା ପ୍ରତି ପଡୁଥିବା ପ୍ରଭାବ ସମ୍ପର୍କରେ ମନିଟରିଂ କମିଟିରେ ଆଲୋଚନା ହୋଇ ନ ଥିବାରୁ କମିଟି ସଦସ୍ୟ ସ୍ୱେଚ୍ଛାସେବୀ ଶ୍ରୀକାନ୍ତ ନାୟକ ବିରୋଧ କରିଛନ୍ତି। ଏହି ଯୋଜନାରେ ବର୍ଷା ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବାକୁ ଥିବାବେଳେ କେଉଁ ତଥ୍ୟ ଉପରେ ପ୍ରକଳ୍ପ ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଉଠାଇବାକୁ ଥିବା ଜଳର ପରିମାଣ, ସ୍ଥାନୀୟ କୃଷି ଓ ଭିତରକନିକାର ଜୈବ ବିବିଧତା ନଷ୍ଟ ଉପରେ ବିରୋଧ ହୋଇଥିଲେ ମଧ୍ୟ ପ୍ରକଳ୍ପର ଆବଶ୍ୟକତା ଦର୍ଶାଇ ଆଲୋଚନା ହୋଇଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ନୀତିଶେଖର, ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ କୃଷି ଓ ଭିତରକନିକାର ଜୈବ ବିବିଧତା ନଷ୍ଟ ଆଶଙ୍କାରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ପ୍ରକଳ୍ପ ବିରୋଧରେ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ଦୋଳଗୋବିନ୍ଦ ନାୟକ, ସଂଗ୍ରାମ ସମିତି ସମ୍ପାଦକ ବିଧାନ ଚନ୍ଦ୍ର ଦାସ, କର୍ମକର୍ତ୍ତା କାଳିପ୍ରସାଦ ନାୟକ, ସବିତା ବରଜ, ଉମେଶ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୫୦୦ରୁ ଅଧିକ ସ୍ଥାନୀୟ ଅଧିବାସୀ ଉପସ୍ଥିତ ରହି ନିଜ ମତ ଦେବା ସହ ଆଲୋଚନାରେ ଭାଗ ନେଇଥିଲେ।

# ଜୀବନ, ଜୀବିକାରେ ସୁଧାର ପାଇଁ ବ୍ୟାଙ୍କ ଋଣକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୩।୧୨**

**ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ବୈଠକ**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ଗୃହରେ ଗୁରୁବାର ଜିଲା ପରାମର୍ଶଦାତା କମିଟି ଓ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ମିଶ୍ର ପୌରୋହିତ୍ୟ କରି କହିଥିଲେ, କରୋନା ସମୟରେ ଜୀବନ ଓ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି । ତେଣୁ ବ୍ୟାଙ୍କରମାନେ ହିତାଧିକାରୀଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରିବା କ୍ଷେତ୍ରରେ ପ୍ରାଥମିକତା ଦେବା ଉଚିତ୍ । ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା ହୋଇଥିବାରୁ ଲୋକେ ଧାନ ସହ ପନିପରିବା, ମସ୍ତ ଓ ପାନ ଆଦି ଚାଷ କରିଥାନ୍ତି । ଗୋପାଳନ, କୁକୁଡ଼ା ଫାର୍ମ ମଧ୍ୟ କରି ଚଳନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ହିତାଧିକାରୀଙ୍କୁ ଆବଶ୍ୟକ ଋଣ ଓ ରିହାତି ପ୍ରଦାନ କରିବା ଜରୁରୀ। ଏଥିସହ ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ଉଦ୍ୟୋଗୀ ଓ ଚାଷୀଙ୍କୁ ଋଣ ଯୋଗାଇ ଦେବାକୁ ଜିଲାପାଳ କହିଥିଲେ। ଡିସେମ୍ବର ୨୦ ପୂର୍ବରୁ ବ୍ଲକସ୍ତରରେ ବିଏଲ୍‌ବିସି ବୈଠକ କରାଇ ଋଣ ପ୍ରଦାନକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ଜିଲାପାଳ ପରାମର୍ଶ ଦେଇଥିଲେ । ଏହି ଅବସରରେ ବୈଠକରେ ନୂତନଭାବେ ଆରମ୍ଭ ହୋଇଥିବା ବଳରାମ ଯୋଜନା (ଭାଗଚାଷୀମାନଙ୍କୁ କୃଷି ଋଣ ପ୍ରଦାନ), କିଶାନ କ୍ରେଡିଟ୍ କାର୍ଡ, ମତ୍ସ୍ୟ ଚାଷ, କୁକୁଡ଼ା ଚାଷ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ବ୍ୟାଙ୍କିଙ୍ଗ ଇଣ୍ଡିକେଟର, ଓଡ଼ିଶା ଜୀବିକା ମିଶନ ଏବଂ ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ଆଦାୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଆର୍‌ବିଆଇ ଡେପୁଟି ଜେନେରାଲ ମ୍ୟାନେଜର ପ୍ରିୟରଞ୍ଜନ, ପରିଚାଳକ ଏସ୍‌କେ ମହାନ୍ତି, ନାବାର୍ଡ ସହକାରୀ ଜେନେରାଲ ମ୍ୟାନେଜର ବିଶ୍ୱଭୂଷଣ ମହାନ୍ତି, ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସତୀଶ କୁମାର ମହାପାତ୍ର ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ଅଧିକାରୀ ଯଜ୍ଞେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଆର୍‌ସିଏଟ୍‌ର ନିର୍ଦ୍ଦେଶକ ରାଜଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଦେଇଥିଲେ ।



ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

# ରେଞ୍ଜ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ

**ରାଜନଗର,୩।୧୨(ଡି.ଏନ.ଏ.)**

**ଗହୀରମଥା ନିଷିଦ୍ଧାଞ୍ଚଳରୁ ଜବତ ମାଛ ନିଲାମ କେଳେଙ୍କାରୀ ଘଟଣା**

କେନ୍ଦ୍ରାପଡା ଜିଲା ଅଳିଭ ରିଡଲେ କଇଁଛଙ୍କ ଅନ୍ତର୍ଜାତୀୟ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ଟ୍ରଲରକୁ ନଭେମ୍ବର ୨୯ରେ ଜବତ କରାଯାଇଥିଲା। ଏଥିରେ ଥିବା ୧୮ କୁଇଣ୍ଟାଲ ମାଛ ଜବତ ହୋଇଥିଲା। ହେଲେ ସରକାରୀ ସିଜର ଲିଷ୍ଟରେ ମାତ୍ର ୨ କୁଇଣ୍ଟାଲ ଦର୍ଶାଇ ଅବଶିଷ୍ଟ ମାଛର ବିକ୍ରି ଟଙ୍କାକୁ ଚଳୁ କରି ଦିଆଯାଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ନିଲାମ ମାଛ କେଳେଙ୍କାରୀ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ରାଜ୍ୟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର ତଦନ୍ତ ପାଇଁ ଅତିରିକ୍ତ ବନ ସଂରକ୍ଷକ ବିରଞ୍ଚି ନାରାୟଣ ସାମଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ଗୁରୁବାର ଗହୀରମଥା ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ରେଞ୍ଜ ଅଫିସର ଦେବାଶିଷ ଭୋଇଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ବୁଧବାର ଗହୀରମଥା ରେଞ୍ଜ ବନପାଳ ପ୍ରଫୁଲ୍ଲ କୁମାର ମାଝିଙ୍କୁ ନିଲମ୍ବିତ କରିଥିଲେ।

# ବିଜୟଙ୍କ ପରିବାରକୁ ମାରାଥନ ଜେରା

**ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

**ବିଞ୍ଝାରପୁର/ସିଂହପୁର,୩।୧୨(ଡି.ଏନ.ଏ.)** ଆଳି ଥାନା ଦଧିବାମନପୁର ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ବିଶ୍ୱଜିତ ନାୟକ(୩୨)ଙ୍କ ସନ୍ଦେହଜନକ ମୃତ୍ୟୁକୁ ଦେଢ଼ମାସ ବିତିଥିଲେ ମଧ୍ୟ ଏବେ ବି ପୋଲିସ ହାତ ଖାଲି। ତଦନ୍ତ ଆଳରେ ପୋଲିସ ଦିନ ଗଡ଼ାଇ ଚାଲିଛି ବୋଲି ବିଶ୍ୱଜିତଙ୍କ ପରିବାର ଅଭିଯୋଗ କରିବାରୁ ଗୁରୁବାର ବିଞ୍ଝାରପୁର ପୋଲିସ ବରୀ ବ୍ଲକ ମଧୁସୁଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ବିଶ୍ୱଜିତଙ୍କ ସମ୍ପର୍କୀୟ ଦାଦା ବିଜୟ ନାୟକଙ୍କ ସମେତ ତାଙ୍କ ପରିବାର ୪ଜଣଙ୍କୁ ଥାନାକୁ ଡାକି ମାରାଥନ ଜେରା କରିଛି। ଥାନା ଅଧିକାରୀ ନିରଞ୍ଜନ ଶବର ଅଭିଯୁକ୍ତଙ୍କୁ ଥାନାକୁ ଡକାଇଥିଲେ। ଏସ୍‌ଡିପିଓ ନାରାୟଣଚନ୍ଦ୍ର ବାରିକ ପହଞ୍ଚି ଜେରା କରିଥିଲେ। ଜେରାବେଳେ ବିଶ୍ୱଜିତଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ସେ ସମ୍ପର୍କରେ ପଚରା ଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବିଜୟଙ୍କ ଘରକୁ ଅକ୍ଟୋବର ୧୭ ସନ୍ଧ୍ୟାରେ ବିଶ୍ୱଜିତ ଆସିଥିଲାବେଳେ ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ବିଶ୍ୱଜିତଙ୍କୁ ବିଜୟ ଓ ତାଙ୍କ ଭାଇ ଅଜୟ ହତ୍ୟା କରିଥିବା ସନ୍ଦେହ କରି ବିଶ୍ୱଜିତଙ୍କ ମା' ଅକ୍ଟୋବର ୨୫ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୩୩୩/୨୦) ରୁଜୁ କରିଥିଲା।

# ଆସନ୍ତା ଜୁଲାଇରେ କ୍ଷତିପୂରଣ ମିଳିବା ସମ୍ଭାବନା

**ରସୁଲପୁର,୩।୧୨(ଡି.ଏନ.ଏ.)**


ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ସର୍ବେକ୍ଷଣ କରୁଛନ୍ତି।

**ପ୍ରଧାନମନ୍ତ୍ରୀ ଫସଲ ବୀମାର କ୍ଷେତ୍ର ସର୍ବେକ୍ଷଣ ଆରମ୍ଭ**

ରସୁଲପୁର ବ୍ଲକ୍ ଅଞ୍ଚଳରେ ଗତ ଅଗଷ୍ଟ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଧାନଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ମିଳିବ ସହାୟତା। ଏନେଇ ବ୍ଲକ ଅଞ୍ଚଳରେ କ୍ଷେତ୍ର ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହି ବୀମାରାଶି ୨୦୨୧ ଜୁଲାଇରେ ମିଳିବା ସମ୍ଭାବନା ବୋଲି ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁ ପ୍ରକାଶ କରିଛନ୍ତି। ଫଳରେ ଏହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ସହାୟତା ପ୍ରଦାନ ପାଇଁ ଅନୁନ୍ୟ ବର୍ଷେ ଲାଗିଯାଉଛି। ଅର୍ଥାତ୍ ୨୦୨୦-୨୧ କୃଷି ବର୍ଷ ଖରିଫ ଋତୁର କ୍ଷତି ଭରଣା ୨୦୨୧-୨୨ ବର୍ଷ ଖରିଫରେ ମିଳିବାକୁ ଚାଷୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଚାଷୀ ଋଣ କରି ଚାଷ କରୁଥିବାରୁ କ୍ଷତିଗ୍ରସ୍ତ ହେଉଛନ୍ତି। ତେବେ ଫସଲ ବୀମା ସହାୟତା ପ୍ରଦାନରେ ବିଳମ୍ବ କରାଯାଉଥିବାରୁ ଏହି ଅବଧି ମଧ୍ୟରେ ଋଣ ଉପରୁ ସୁଧ ଛାଡ କରାଯିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି କରାଯାଉଛି।

ବ୍ଲକର ୨୮ ପଞ୍ଚାୟତରେ ୩ଟି ବିଭାଗ ପକ୍ଷରୁ ସର୍ବେକ୍ଷଣ ଆରମ୍ଭ ହୋଇଛି। ସେଥିମଧ୍ୟରୁ ତହସିଲ ପକ୍ଷରୁ ୧୫, କୃଷି ବିଭାଗ ପକ୍ଷରୁ ୬ ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ୭ ପଞ୍ଚାୟତରେ ଧାନ ଫସଲର ଅମଳକୁ ଯାଞ୍ଚ କରାଯାଉଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକ ଓ ବୀମା ଅଧିକାରୀ କ୍ଷେତକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ରିପୋର୍ଟ ପ୍ରଦାନ କରାଯିବ ବୋଲି ସର୍ବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ସୂଚନା ମିଳିଛି।

# ଟାଇଲମିସ୍ତ୍ରି ପୋଡ଼ି ହେବା ଘଟଣାର ତଦନ୍ତ

**ନାଉଗାଁ,୩।୧୨(ସ୍ୱ.ପ୍ର.)** ନାଉଗାଁ ଥାନା ଡେରିକି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଢେଙ୍କାନାଳ ଜିଲା ଭୂବନର ବିପିନ ସାହୁ(୨୫)ବୁଧବାର ସନ୍ଧ୍ୟାରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନା ରେ ଭର୍ତ୍ତି କରାଯାଇଛି। ଏହାପରେ ଜଗତ୍‌ସିଂହପୁର ଏସଡିପିଓ ପ୍ରିୟରଞ୍ଜନ ଶତପଥୀ ଗୁରୁବାର ଘଟଣାସ୍ଥଳକୁ ଯାଇ ବିପିନ କିପରି ପୋଡିହେଲେ ତା'ର ତଦନ୍ତ କରିଛନ୍ତି। ବିପିନଙ୍କ ସହ ରହୁଥିବା ଅନ୍ୟ ମିସ୍ତ୍ରିମାନଙ୍କ ବୟାନ ରେକର୍ଡ କରିଛନ୍ତି ନାଉଗାଁ ଥାନା ଏସ୍‌ଆଇ ପ୍ରତାପ ଦାସ । ଅପରପକ୍ଷେ ବିପିନଙ୍କ ନାମରେ ୨୩ ଜୁନ ୨୦୧୯ରେ ନାବାଳିକା ଅପହରଣ ଅଭିଯୋଗ ହୋଇଥିଲା। ନାବାଳିକା ବିପିନଙ୍କ ସହ ଢେଙ୍କାନାଳରେ ଥିବା ଜଣାପଡିବା ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ପ୍ରେମ ବ୍ୟାପାରକୁ ନେଇ ଏହି କାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ଥାନା ଅଧିକାରୀ ଭରତ ଚନ୍ଦ୍ର ବେହେରା କହିଛନ୍ତି, ତଦନ୍ତ ପରେ ସବୁ ଜଣାପଡ଼ିବ।

# ୮ରେ ଭିତରକନିକା ଇକୋରିଟ୍ରିଟ୍ ଉଦ୍‌ଘାଟନ

**ରାଜନଗର,୩।୧୨(ଡି.ଏନ.ଏ.)** ପ୍ରଥମଥର ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ଥିବା ନଳିତାପାଟିଆଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋରିଟ୍ରିଟ୍ ଆରମ୍ଭ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ଆସନ୍ତା ୮ ତାରିଖରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଇକୋରିଟ୍ରିଟ୍‌ର ବିଭିନ୍ନ କାର୍ଯ୍ୟକୁ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଗୁରୁବାର ତଦାରଖ କରିଛନ୍ତି। ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାକୁ ଇକୋରିଟ୍ରିଟ୍ ସ୍ଥଳକୁ ରାସ୍ତା, ବିଦ୍ୟୁତ୍, ପାଣି ଓ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାର ବ୍ୟବସ୍ଥାକୁ ଜିଲାପାଳ ବର୍ମା ଅନୁଧ୍ୟାନ କରିଥିଲେ।

# ପ୍ରଭାବଶାଳୀଙ୍କ ହାତରେ ଭୂମିହୀନ ପଟ୍ଟା

**ମହାକାଳପଡା, ୩।୧୨ (ଡି.ଏନ.ଏ.)**


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତହସିଲଦାରଙ୍କୁ ଅଭିଯୋଗ କଲେ ଜନଜାତି ପରିବାର**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଅନୁସୂଚିତ ଜାତି ଓ ଜନଜାତି ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନାରେ ସରକାରୀ ଜମି, ବାସଗୃହ ଯୋଗାଇ ଦେବାକୁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ କେନ୍ଦ୍ରାପଡା ଜିଲା ମହାକାଳପଡା ତହସିଲ ଅଞ୍ଚଳରେ ପ୍ରଭାବଶାଳୀ ବ୍ୟକ୍ତି ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ପଟ୍ଟାକୁ ହାତେଇ ନେଇଛନ୍ତି। ତହସିଲର ଉପାନ୍ତ ଅଞ୍ଚଳ ପେଟଛେଲା ପଞ୍ଚାୟତର ଆଦିବାସୀ ଶବରପଡା (ଜଙ୍ଗଲଘେରି)ର ୩୦ରୁ ଅଧିକ ପରିବାର ଭୂମିହୀନ ପଟ୍ଟାରୁ ବଞ୍ଚିତ ହୋଇଛନ୍ତି। ସେମାନେ ସରକାରୀ ଜମିରେ ଦୀର୍ଘବର୍ଷ ହେଲା ବସବାସ କରି ଆସୁଥିଲେ ମଧ୍ୟ ଭୂମିହୀନ ପଟ୍ଟା ପାଇ ନାହାନ୍ତି। ଏ ନେଇ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ଭେଟି ନିଜର ହକ୍ ପାଇଁ ଅଭିଯୋଗପତ୍ର ବୁଧବାର ପ୍ରଦାନ କରିଛନ୍ତି। ତହସିଲଦାର ପଣ୍ଡା ଏହି ପରିବାରମାନେ ଭୂମିହୀନ ପଟ୍ଟାରୁ ବଞ୍ଚିତ ନେଇ ବିସ୍ମୟ ପ୍ରକାଶ କରିଥିଲେ। କିପରି ଏହି ପରିବାର ବସୁନ୍ଧରା ଯୋଜନାରେ ସାମିଲ ହୋଇପାରିବେ ସରକାରୀ ନିୟମ ଅନୁସାରେ ନିଶ୍ଚିତ କାର୍ଯ୍ୟକାରୀ କରାଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ତହସିଲ ଅଧୀନ ରାମଚଣ୍ଡୀ ରାଜସ୍ୱ ସର୍କଲର ରାମନଗର ମୌଜାର କେତେଜଣ ପ୍ରଭାବଶାଳୀ ପରିବାର ଭୂମିହୀନ ପଟ୍ଟା ହାତେଇଥିବା ତହସିଲଦାରଙ୍କୁ ଅଭିଯୋଗ ହୋଇଛି। ପେଟଛେଲା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଲୁଣିମାଟିଆର ଜଙ୍ଗଲ ଘେରି ଗ୍ରାମର ପଇଡ, ଛଟିଆଙ୍କ ଅଭିଯୋଗ ହେଲା ଆମେ ଆଦିବାସୀ ଜନଜାତି ଦୀର୍ଘବର୍ଷ ଧରି ସରକାରୀ ଜମିରେ ବସବାସ କରୁଛୁ। ହେଲେ ଆମର ଭୂମିହୀନ ପଟ୍ଟା ନ ଥିବାରୁ ଆବାସ ଯୋଜନାରେ ସାମିଲ ହୋଇପାରୁନାହିଁ କି ପିଲାମାନଙ୍କୁ ପାଠ ପଢେଇବା ପାଇଁ ସ୍ଥାୟୀ ଠିକଣା, ଜାତିଗତ ପ୍ରମାଣପତ୍ର ପାଇବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କିନ୍ତୁ ଘର ପାଖରେ ଅଳ୍ପଦିନ ଧରି ରହୁଥିବା ବାଙ୍ଗୀୟ ଭାଷାଭାଷୀ ଲୋକ କିପରି ଯୋଜନାକୁ ହଡପ କରୁଛନ୍ତି ତାହା ଆମକୁ ଚକିତ କରିଛି। ଏହାର ବିଧିବଦ୍ଧ ତଦନ୍ତ କରି ପଟ୍ଟା ରଦ୍ଦ ପାଇଁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ପଣ୍ଡାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ପ୍ରକୃତ ଜନଜାତିମାନଙ୍କୁ ଭୂମିହୀନ ପଟ୍ଟା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁଇ ବ୍ଲକର ଦୁର୍ବଳ ପ୍ରଦର୍ଶନ

**ଯାଜପୁର ଅଫିସ,୩।୧୨**



ସମୀକ୍ଷା ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଅନ୍ୟ ଅଧିକାରୀ।

**ଧର୍ମଶାଳା, ରସୁଲପୁର ବ୍ଲକର ସମୀକ୍ଷା**
- ଯନ୍ତ୍ରୀ, କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ
- ୧୦ ଜଣଙ୍କ ଦରମା ବନ୍ଦ

ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ସମ୍ପୃକ୍ତ ୧୦ଜଣ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି। ଏହାବାଦ ରସୁଲପୁର ବ୍ଲକର ୬ ଜଣ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ଗୁରୁବାର ଧର୍ମଶାଳା ବ୍ଲକର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସମୀକ୍ଷା ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। କରୋନା ମହାମାରୀ ପରିପ୍ରେକ୍ଷୀରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ପ୍ରଦାନ ସହ ଅଧିକରୁ ଅଧିକ ପ୍ରକଳ୍ପ ପାଇଁ ଉଦ୍ୟମ କରିବାକୁ ରାଜ୍ୟ ଓ ଜିଲାସ୍ତରରେ ନିର୍ଦ୍ଦେଶ ହୋଇଥିଲା। ଏହି ନିର୍ଦ୍ଦେଶକୁ ଅନ୍ୟ ବ୍ଲକଗୁଡ଼ିକରେ କାର୍ଯ୍ୟକାରୀ କରାଯାଇଥିବାବେଳେ ଧର୍ମଶାଳା ବ୍ଲକରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ୨୦୨୦-୨୧ ବର୍ଷରେ ୩ ତାରିଖ ସୁଦ୍ଧା ବ୍ଲକର ୪୫ ଗ୍ରାମ ପଞ୍ଚାୟତରେ ୩୭,୮୧୬ ପରିବାରର ୭୭,୪୨୪ ଜଣ ନାମ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ୫୧୫୨ ପରିବାରର ୬୮୫୪ ଜଣ କାମ ପାଇଁ ଡିମାଣ୍ଡ କରିଛନ୍ତି। ସେଥିରୁ ୫୮୦୬ ଜଣଙ୍କୁ କାମ ଯୋଗାଇ ଦିଆଯାଇଥିବାବେଳେ ୧,୩୮,୭୪୯ କାର୍ଯ୍ୟଦିବସ ସୃଷ୍ଟି କରାଯାଇଛି। ୧୯ ପରିବାର ୧୦୦ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳତା ହାର ୭୬ ପ୍ରତିଶତ ହୋଇଥିବାବେଳେ ଧର୍ମଶାଳା ବ୍ଲକରେ ମାତ୍ର ୫୨ ପ୍ରତିଶତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ବ୍ଲକର କନିଷ୍ଠ ଯନ୍ତ୍ରୀ ରଜତ କୁମାର ମହାପାତ୍ର, ପ୍ରଦୋଷ ରଞ୍ଜନ ଦାଶ, ସିପ୍ରା ସାହୁ, ବନ୍ଦିତା ଦାଶ, ସ୍ମୃତିରେଖା ଧଡା, ପ୍ରଶାନ୍ତି ଗଡନାୟକ ଏବଂ ଜିପିଟିଏ(ଗ୍ରାମ ପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ) ରତ୍ନାକର ସାହୁ, ସୂର୍ଯ୍ୟମଣି ବେହେରା, ମୋନାଲିସା ନାୟକ ଓ ପ୍ରୀତିମୟୀ ସାମଲଙ୍କୁ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ କାରଣ ଦର୍ଶାଅ ନୋଟିସ ସହ ଡିସେମ୍ବରର ଦରମା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସରେ ଦୁର୍ବଳ ପ୍ରଦର୍ଶନ ପାଇଁ ରସୁଲପୁର ବ୍ଲକର ସହକାରୀ ଯନ୍ତ୍ରୀ ପବିତ୍ର କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅନିଲ କୁମାର ବିଶ୍ୱାଳ, ସଞ୍ଜୟ ମିଞ୍ଜ, ସୋନାଲି ଦାସ, ଜିପିଟିଏ ଅନିତା ବେହୁରା, ଏପିଓ ଶୁଚିସ୍ମିତା ଜେନାଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ଏହି ଯୋଜନାରେ ରସୁଲପୁର ବ୍ଲକରେ ଫିଜିକାଲ ଆଚିଭମେଣ୍ଟ ଶତକଡା ୪୫ ଭାଗ ହୋଇଥିବାବେଳେ ଫାଇନାନସିଆଲ ଆଚିଭମେଣ୍ଟ ଶତକଡା ୫୪ ଭାଗ ହୋଇଛି, ଯାହା ଦୟନୀୟ ସ୍ଥିତିକୁ ଦର୍ଶାଉଛି। ତେଣୁ ସମସ୍ତ ବିଡିଓ ସେମାନଙ୍କ ବ୍ଲକରେ ଏହି ଯୋଜନାର ଉଲ୍ଲେଖନୀୟ ଅଗ୍ରଗତି ପାଇଁ ପଦକ୍ଷେପ ନେବାକୁ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ନିର୍ଦ୍ଦେଶ ଦେଇଛନ୍ତି।

**ଲଟେରି, ବେଟିଂ ଉପରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

**ମୁମ୍ବାଇ:** ଲଟେରି ଏବଂ ବେଟିଂରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗିବ। ଏ ସଂକ୍ରାନ୍ତ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିବା ବେଳେ ସର୍ବୋଚ୍ଚ ଅଦାଲତ ଏ ନେଇ ଗୁରୁବାର ପକ୍ଷ ସ୍ପଷ୍ଟ କରିଛନ୍ତି। ସମ୍ବିଧାନର ସମାନତା ଅଧିକାରକୁ ଏହା କ୍ଷୁଣ୍ଣ କରୁ ନ ଥିବା ସୁପ୍ରିମକୋର୍ଟ କହିଛନ୍ତି। ସର୍ବୋଚ୍ଚ ଅଦାଲତ ଜିଏସ୍‌ଟି ଆଇନ-୨୦୧୭କୁ ନେଇ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି।

## ସଂକ୍ଷେପରେ

### ଏୟାର ଇଣ୍ଡିଆ ବିଡିଂରେ ସାମିଲ ହେବେ କର୍ମଚାରୀ

**ମୁମ୍ବାଇ,୩।୧୨:** ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସରକାର ପ୍ରକ୍ରିୟା ଜାରି କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ବିମାନ କମ୍ପାନୀ ଅଧିଗ୍ରହଣ ଲାଗି କ୍ରେତା ମିଳୁନାହାନ୍ତି। କମ୍ପାନୀ ଉପରେ ଋଣ ଚାପ ରହିବା ଯୋଗୁ ଏହାକୁ ବିକ୍ରି କରିବା ସପକ୍ଷରେ ସରକାର ରହିଛନ୍ତି। ନିଲାମ ପ୍ରକ୍ରିୟାରେ କମ୍ପାନୀର କର୍ମଚାରୀମାନେ ସାମିଲ ହେବେ ବୋଲି ବର୍ତ୍ତମାନ ଏକ ଖବର ଆସିଛି। କର୍ମଚାରୀ ମିଳିତ ହୋଇ ଏକ ଅଂଶଧନ କିଣିବେ ବୋଲି କୁହାଯାଉଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ମୁତାବକ କମ୍ପାନୀର କର୍ମଚାରୀ ଏ ନେଇ ଯୋଜନା ବନାଉଛନ୍ତି। କର୍ମଚାରୀ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିବେଶ କରିବାକୁ ଯୋଜନା ରଖିଛନ୍ତି। ଏ ପ୍ରସଙ୍ଗରେ କମ୍ପାନୀକୁ ଏକ ନୋଟ ପଠାଯାଇଛି।

### ରିଲାଏନ୍ସ ଇନ୍‌ଫ୍ରାଟେଲ ରିଜୋଲ୍ୟୁଶନ ପ୍ଲାନ୍‌କୁ ମଞ୍ଜୁରୀ

**ମୁମ୍ବାଇ,୩।୧୨:** ରିଲାଏନ୍ସ ଇନ୍‌ଫ୍ରାଟେଲର ରିଜୋଲ୍ୟୁଶନ ପ୍ଲାନ୍ ବା ଦେବାଳିଆ ସମାଧାନ ପ୍ରକ୍ରିୟାକୁ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡିକ ପ୍ରାୟ ୪,୪୦୦ କୋଟି ଟଙ୍କାର ଅର୍ଥ ଫେରି ପାରିବେ। ରିଲାଏନ୍ସ ଇନ୍‌ଫ୍ରାଟେଲ ଅନୀଲ ଅମ୍ବାନୀଙ୍କର ଏକ କମ୍ପାନୀ । ଏହା ବର୍ତ୍ତମାନ ଦେବାଳିଆ ହୋଇ ପଡିଛି। ଦେବାଳିଆ ହୋଇ ପଡିଥିବା ଏହି କମ୍ପାନୀର ସମ୍ପତ୍ତିକୁ ତାଙ୍କ ବଡ଼ ଭାଇ ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଜିଓ ଅକ୍ୱିଆରକୁ ନେବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରିଲାଏନ୍ସ କମ୍ୟୁନିକେଶନର ସମ୍ପୂର୍ଣ୍ଣ ଅଧିକୃତ ସହଯୋଗୀ କମ୍ପାନୀ ରିଲାଏନ୍ସ ଇନ୍‌ଫ୍ରାଟେଲର ସମ୍ପତ୍ତି ଅଧିଗ୍ରହଣ ଲାଗି ରିଲାଏନ୍ସ ଜିଓ ପ୍ରସ୍ତାବ ଟ୍ରିବ୍ୟୁନାଲ ମଞ୍ଜୁରୀ ପ୍ରଦାନ କରିଥିବା ଜଣାପଡିଛି।

# ୮୦% କ୍ଷମତାରେ ଘରୋଇ ଉଡ଼ାଣ

**ପୂର୍ବ ତୁଳନାରେ ଅଧିକ ୧୦% ବିମାନ ଉଡ଼ିବ**

ନୂଆଦିଲ୍ଲୀ,୩।୧୨

ଲକ୍‌ଡାଉନ କଟକଣାକୁ ସରକାର ପର୍ଯ୍ୟାୟକ୍ରମେ କୋହଳ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଦେଶ ମଧ୍ୟରେ ବିମାନ ଚଳାଚଳ ଲାଗି ବିଭିନ୍ନ ସୁବିଧା କରୁଛନ୍ତି।



ଗୁରୁବାରଠାରୁ ଦେଶ ମଧ୍ୟରେ ୮୦% ପର୍ଯ୍ୟନ୍ତ କ୍ଷମତାରେ ବିମାନ ଚଳାଚଳ କରାଇବା ଲାଗି ସରକାର ଅନୁମତି ଦେଇଛନ୍ତି। ଏବେ ଯାଏ ପ୍ରାୟ ୭୦% କ୍ଷମତାରେ ବିମାନଗୁଡିକ ପରିଚାଳିତ ହେଉଥିଲା । ଏହି ସୀମାକୁ ସରକାର ୧୦% ବଢାଇଛନ୍ତି। କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ଦେଶ ମଧ୍ୟରେ ପ୍ରାୟ ୨ ମାସ ବିମାନ ଚଳାଚଳ ବନ୍ଦ ରହିଥିଲା । ମେ ମାସ ୨୫ ପରଠାରୁ କଟକଣା ସହ ବିମାନ ସେବାକୁ ଅନୁମତି ଦିଆଯାଇଥିଲା ।

ଏହି ପରିପ୍ରେକ୍ଷୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ୨୫ ମେ'ରେ ଦେଶ ମଧ୍ୟରେ ୩୦ ହଜାର ଯାତ୍ରୀଙ୍କୁ ବିମାନଯାତ୍ରା କରିବା ଲାଗି ଅନୁମତି ମିଳିଥିଲା । ଏହା ବର୍ତ୍ତମାନ ୨.୫୨ ଲକ୍ଷ ଛୁଇଁଛି। ବିମାନ କମ୍ପାନୀଗୁଡ଼ିକ କୋଭିଡ୍-୧୯ ପୂର୍ବବର୍ତ୍ତୀ ସମୟ ଯେଉଁ କ୍ଷମତାରେ ପରିଚାଳିତ ହେଉଥିଲେ ସେହି ଅନୁସାରେ ଏବେ ଚାଲିପାରିବେ। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ସୂଚନା ମୁତାବକ ୨୦୨୦-୨୧ ଶୀତକାଳୀନ ସମୟ ଅବଧି ଲାଗି ଦେଶର ୯୫ ବିମାନ ବନ୍ଦରରେ ସାପ୍ତାହିକ ୧୨,୯୮୩ ବିମାନ ଉଡ଼ାଣକୁ ଅନୁମତି ଦିଆଯାଇଛି।

୨୦୧୯-୨୦ ସମାନ ଅବଧିରେ ସାପ୍ତାହିକ ୨୩,୩୦୭ ବିମାନ ଉଡ଼ାଣକୁ ଅନୁମତି ମିଳିଥିଲା। ଅର୍ଥାତ୍ ଚଳିତ ବର୍ଷ ଶୀତକାଳୀନ ସମୟ ଲାଗି ୪୪.୩% କମ୍ ବିମାନକୁ ଅନୁମତି ମିଳିଛି। ଏହା ମଧ୍ୟରେ ୨ଥର ଉଡ଼ାଣ କ୍ଷମତା ୨ ଥର ବଢିଛି। ପ୍ରତି ଥର ୧୦% ଲେଖାଏ କ୍ଷମତା ବୃଦ୍ଧି କରାଯାଇଛି। ଫଳରେ ପୂର୍ବ ସୂଚୀ ଅନୁସାରେ ସାପ୍ତାହିକ ୪ ହଜାର ଅଧିକ ବିମାନ ଉଡ଼ିପାରିବ। ସୂଚନାଯୋଗ୍ୟ, ଘରୋଇ ଉଡ଼ାଣ କ୍ଷେତ୍ରରେ ସରକାର ଧାର୍ଯ୍ୟ କରିଥିବା ଭଡ଼ା ନିୟମ ୨୦୨୧ ଫେବୃୟାରୀ ଯାଏ ବାଧ୍ୟତାମୂଳକ ରହିବ। ଏହା ପୂର୍ବରୁ ନଭେମ୍ବର ୨୪ ଯାଏ ରହିଥିବା ବେଳେ ୩ ମାସ ସମୟ ବଢ଼ାଯାଇଛି।

# ହୋଣ୍ଡା ପକ୍ଷରୁ ୨ଲକ୍ଷ ଲୋକଙ୍କୁ ସଡ଼କ ସୁରକ୍ଷା ବାର୍ତ୍ତା

**ଭୁବନେଶ୍ୱର,୩।୧୨:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସାରା ଦେଶରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରାଯାଇଛି। କମ୍ପାନୀ ଏହାର ଡିଜିଟାଲ ସଡ଼କ ସୁରକ୍ଷା ଅଭିଯାନ 'ହୋଣ୍ଡା ସଡ଼କ ସୁରକ୍ଷା ଇ-ଗୁରୁକୁଳ' ଜରିଆରେ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଛି। ସଡ଼କରେ କିଭଳି ସୁରକ୍ଷିତ ରହି ହେବ ସେ ବିଷୟରେ ବିସ୍ତୃତ ଭାବରେ ସମସ୍ତଙ୍କୁ ଅବଗତ କରାଯାଇଛି। ଏହି ଅଭିଯାନରେ ୫ ବର୍ଷର ଶିଶୁ, ୧୮ ବର୍ଷୀୟ ଲାଇସେନ୍ସ ଆବେଦନକାରୀ, ୩୦ ବର୍ଷୀୟ ଗୃହିଣୀ ଓ କର୍ପୋରେଟ କର୍ମଚାରୀ ଏବଂ ଉତ୍ସାହୀ ୨ଚକିଆ ଚାଳକଙ୍କୁ ସଡ଼କ ସୁରକ୍ଷାର ବିଭିନ୍ନ ବିଷୟ ଉପରେ ଅବଗତ କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ବରିଷ୍ଠ ଉପସଭାପତି, ପ୍ରଭୁ ନାଗରାଜ କହିଛନ୍ତି, ହୋଣ୍ଡା ପାଇଁ ସଡ଼କ ସୁରକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।

# ରୋଶନୀ ନାଦାର ଦେଶର ସବୁଠୁ ଧନୀ ମହିଳା

ମୁମ୍ବାଇ,୩।୧୨

ରୋଶନୀ ନାଦାର ମାଲହୋତ୍ରା ଦେଶର ସବୁଠୁ ଧନୀ ମହିଳା ସ୍ଥାନ ହାସଲ କରିଛନ୍ତି। ସେ ବର୍ତ୍ତମାନ ଏଚ୍‌ସିଏଲ୍ ଟେକ୍ନୋଲୋଜିର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୫୪,୮୫୦ କୋଟି ଟଙ୍କା ରହିଛି। ତାଙ୍କ ପରେ ବାୟୋକନ୍‌ର କିରନ ମଜୁମଦାର ସ ୩୬,୬୦୦ କୋଟି ଟଙ୍କାର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ହୁରୁନ ଇଣ୍ଡିଆ ଏବଂ କୋଟାକ ୱେଲ୍‌ଥ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ମୋଟ ୩୧



ସେଲ୍ଫ ମେଡ୍ ମହିଳା ସ୍ଥାନିତ ହୋଇଛନ୍ତି ଯେଉଁମାନଙ୍କର ନେଟ୍‌ୱର୍ଥ ୧୦୦ କୋଟି ଟଙ୍କା ରହିଛି। ଏମାନଙ୍କ ମଧ୍ୟରେ ୬ ପ୍ରଫେଶନାଲ ମ୍ୟାନେଜର ଏବଂ ୨୫ ଉଦ୍ୟୋଗୀ ରହିଛନ୍ତି। ସେଲ୍ଫ ମେଡ୍ ବର୍ଗରେ ସ' ପ୍ରଥମ ସ୍ଥାନରେ ଅଛନ୍ତି। ତାଙ୍କ ପରେ ୧୧,୫୯୦ କୋଟି ସମ୍ପତ୍ତି ସହ ଜୋହୋରର ରାଧା ଭେମ୍ବୁ, ୧୦,୨୨୦ କୋଟି ସମ୍ପତ୍ତି ସହ ଆରିସ୍ତା ନେଟ୍‌ୱର୍କର ଜୟଶ୍ରୀ ଉଲାଲ ରହିଛନ୍ତି। ଏହି ୩ ଜଣ ହୁରୁନର ଗ୍ଲୋବାଲ ଲିଷ୍ଟରେ ମଧ୍ୟ ରହିଛନ୍ତି। ତାଲିକାର ସ୍ଥାନିତ ଅତି ଧନୀ ମହିଳାଙ୍କ ମୋଟ ସମ୍ପତ୍ତି ୨.୭୨ ଲକ୍ଷ କୋଟି ଟଙ୍କା ରହିଛି।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉପରେ ଆର୍‌ବିଆଇ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୩।୧୨:** ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ବ୍ୟାଙ୍କକୁ ନୂଆ ଡିଜିଟାଲ କାରବାର ଏବଂ ନୂଆ କ୍ରେଡିଟ୍ କାର୍ଡ ଜାରିକୁ ଅସ୍ଥାୟୀ ରୂପେ ବନ୍ଦ କରିବା ଲାଗି ନିର୍ଦ୍ଦେଶ ରହିଛି। ଗତ ମାସରେ ଏଚ୍‌ଡିଏଫ୍‌ସିର ଡାଟା ସେଣ୍ଟରରେ ସମସ୍ୟା ଉପୁଜିବା ଯୋଗୁ ଲୋକମାନେ ବ୍ୟାଙ୍କ ସେବାରେ ସମସ୍ୟା ସାମ୍ନା କରିଥିଲେ। ଏହାକୁ ରିଜର୍ଭ ବ୍ୟାଙ୍କ ଏଚ୍‌ଡିଏଫ୍‌ସିକୁ ତାଗିଦ କରିଥିଲା। ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ବଜାରକୁ ଏଭଳି ସୂଚନା ଦିଆଯାଇଛି। ଗତ ୨ ବର୍ଷ ମଧ୍ୟରେ ବ୍ୟାଙ୍କର ଇଣ୍ଟରନେଟ ବ୍ୟାଙ୍କିଙ୍ଗ୍, ମୋବାଇଲ ବ୍ୟାଙ୍କିଙ୍ଗ୍ ଏବଂ ପେମେଣ୍ଟ ବ୍ୟାଙ୍କିଙ୍ଗ୍ ସଂକ୍ରାନ୍ତ କେତେକ ତଥ୍ୟ ରିଜର୍ଭ ବ୍ୟାଙ୍କ ମାଗିଛି। ସୂଚନାଯୋଗ୍ୟ, ଏହି ବ୍ୟାଙ୍କ ଡିଜିଟାଲ ୨.୦ ବ୍ୟାଙ୍କିଙ୍ଗ୍ ସୁବିଧା ସହ ଅନ୍ୟ କେତେକ କାର୍ଯ୍ୟକ୍ରମ ଗ୍ରାହକଙ୍କ ଲାଗି ଆରମ୍ଭ କରିବାକୁ ଯାଉଥିଲା । ହେଲେ କେନ୍ଦ୍ରୀୟ ବ୍ୟାଙ୍କ ଏହା ଉପରେ ବର୍ତ୍ତମାନ କଟକଣା ଲଗାଇଛି।

## ବିଜିୟୁରେ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ- ଏକ୍ସଚେଞ୍ଜ ପ୍ରୋଗ୍ରାମ

**ଭୁବନେଶ୍ୱର,୩।୧୨:** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ଠାରେ 'ମେକିଂ ଆନ୍ ଇମ୍ପାକ୍ଟ ଭାୟା ସୋସିଆଲ ଇନୋଭେଶନ' ବିଷୟବସ୍ତୁ ଉପରେ ପ୍ରଥମ ଅନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ-ଏକ୍ସଚେଞ୍ଜ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏହା ମଲ୍ଟିମିଡିଆ ୟୁନିଭରସିଟି(ଏମ୍‌ଏମ୍‌ୟୁ) ଦ୍ୱାରା ଆୟୋଜିତ ଏବଂ ବିଜିୟୁ, ୟୁନିଭରସିଟାଜ ମର୍କ୍ୟୁବୁଆନ (ଇଣ୍ଡୋନେସିଆ), ୟୁନିଭରସିଟାଜ ପାକୁଆନ (ଇଣ୍ଡୋନେସିଆ)ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ଏସିଆନ,ସାଉଥ ଇଷ୍ଟ ଏସିଆନ ଏବଂ ୟୁରୋପିଆନ ଦେଶଗୁଡିକର ୧୮ ଟି ୟୁନିଭରସିଟିରୁ ୩୮୭ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଜିୟୁ ବିଏସ୍‌ଓଏମ୍ ବିଭାଗରୁ ୪୪ଜଣ, ବିଏସ୍‌ଓଏସ୍ ବିଭାଗରୁ ୪୮ଜଣ ଏବଂ ଅର୍ଥନୀତି ବିଭାଗରୁ ୫ଜଣଙ୍କୁ ମିଶାଇ ମୋଟ ୯୭ ଜଣ ଛାତ୍ରୀଛାତ୍ର ଏହି ଅନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ-ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାଗନେବାର ସୌଭାଗ୍ୟ ଅର୍ଜନ କରିଥିଲେ। ବିଜିୟୁ ପକ୍ଷରୁ ବିଏସ୍‌ଓଏମ୍, ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଏହି କାର୍ଯ୍ୟକ୍ରମରେ ଜଣେ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଥିଲେ।

# ୨୧ ହଜାର କୋଟି କ୍ଷତି ସହିବ ବିମାନ ଶିଳ୍ପ

**ନୂଆଦିଲ୍ଲୀ,୩।୧୨:** ଚଳିତ ଆର୍ଥିକ ବର୍ଷରେ ଦେଶର ବିମାନ ଚଳାଚଳ ଶିଳ୍ପ ପ୍ରାୟ ୨୧ ହଜାର କୋଟି ଟଙ୍କାର କ୍ଷତି ସହିବା ନେଇ ଆକଳନ କରାଯାଇଛି। କୋଭିଡ୍-୧୯ ଯୋଗୁ ବିମାନ କମ୍ପାନୀଗୁଡିକ ବର୍ତ୍ତମାନ ବୃହତ୍ ମାତ୍ରାରେ କ୍ଷତି ସହିଛନ୍ତି। ଫଳରେ କମ୍ପାନୀଗୁଡିକର ରାଜସ୍ୱ ହ୍ରାସ ଏବଂ ହାଇ ଫିକ୍ସଡ କଷ୍ଟ ଭଳି ଅନ୍ୟ ସମସ୍ୟା ଲାଗି ରହିଛି। ଗତ ଆର୍ଥିକ ବର୍ଷରେ ବିମାନ କମ୍ପାନୀଗୁଡିକ ୧୨,୭୦୦ କୋଟି ଟଙ୍କା କ୍ଷତି ସହିଥିଲେ। ବିମାନ ଶିଳ୍ପ ଉପରେ ବର୍ତ୍ତମାନ ୫୦ ହଜାର କୋଟି ଟଙ୍କାର ଋଣ ଭାର ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଶିଳ୍ପ ଅତିରିକ୍ତ ୩୫ରୁ ୩୭ ହଜାର କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ଆବଶ୍ୟକ କରୁଥିବା ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଇକ୍ରା ଉପସଭାପତି କିଞ୍ଜଲ ଶାହା କହିଛନ୍ତି, ଦେଶର ୨ ପ୍ରମୁଖ ବିମାନ କମ୍ପାନୀ ଇଣ୍ଡିଗୋ ଏବଂ ସ୍ପାଇସ୍‌ଜେଟ ପ୍ରତିଦିନ ୩୧ ହଜାର କୋଟି ଟଙ୍କା କ୍ଷତି ସହୁଛନ୍ତି।

## ଏସ୍‌ବିଆଇ ୟୋନୋ ସେବା ବାଧାପ୍ରାପ୍ତ

**ମୁମ୍ବାଇ,୩।୧୨:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଡିଜିଟାଲ ବ୍ୟାଙ୍କିଙ୍ଗ୍ ପ୍ଲାଟ୍‌ଫର୍ମ ୟୋନୋ ସେବା ଲାଭ କରିବାରେ ଗ୍ରାହକ ଗୁରୁବାର ବିଭିନ୍ନ ସମସ୍ୟା ସାମ୍ନା କରିଛନ୍ତି। ସିଷ୍ଟମରେ ବିଭିନ୍ନ ତ୍ରୁଟି ଯୋଗୁ ଏହି ଆପ୍ଲିକେଶନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେବାକୁ ପୁନଃ କାର୍ଯ୍ୟକ୍ଷମ କରାଇବା ଲାଗି ପ୍ରୟାସ କରାଯାଉଥିବା ବେଳେ ଏହା ଶୀଘ୍ର ଉପଲବ୍ଧ ହେବ ବୋଲି ବ୍ୟାଙ୍କ ଏହାର ଗ୍ରାହକଙ୍କୁ କହିଛି। ଏ ନେଇ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କୁ ନିବେଦନ କରାଯାଇଛି। ଲୋକଙ୍କୁ ନିରନ୍ତର ବ୍ୟାଙ୍କ ସେବା ଯୋଗାଣ ଦିଗରେ ପ୍ରୟାସ ଜାରି ରହିଛି। ଏଭଳି ସମସ୍ୟା ନେଇ ବ୍ୟାଙ୍କ ଦୁଃଖ ପ୍ରକାଶ କରିଛି।

## ରାଜ୍ୟ ଖବର

## ପ୍ରଥମ ପୃଷ୍ଠାରୁ...

### ଲକ୍ଷ୍ୟଠାରୁ ଦୂରରେ...

କେନ୍ଦ୍ରରୁ ୫୭.୪୦ କୋଟି ଟଙ୍କା ଓ ରାଜ୍ୟ ଅନୁଦାନରୁ ୩୮.୨୭ କୋଟି ଟଙ୍କାକୁ ମିଶାଇ ମୋଟ ୯୫.୬୭ କୋଟି ଟଙ୍କା ଆସିଥିଲା । ମାତ୍ର ସେଥିରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇପାରିନଥିଲା । ୨୦୧୯-୨୦ରେ ୧୦.୦୧ କୋଟି ଏବଂ ୨୦୨୦-୨୧ରେ ୨୨.୯୩ କୋଟି ଟଙ୍କାକୁ ମିଶାଇ ୩ବର୍ଷରେ ୯୭.୬୭ କୋଟିରୁ ମାତ୍ର ୩୨.୯୪ କୋଟି ଟଙ୍କା ବିନିଯୋଗ ହୋଇପାରିଛି।

ସବୁଠାରୁ ବଡ଼କଥା ହେଲା ଯେଉଁ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ବିକାଶର ଆବଶ୍ୟକତା ସର୍ବାଧିକ ରହିଛି ଉକ୍ତ ଅଞ୍ଚଳରେ କିନ୍ତୁ ରୁଷା ଅର୍ଥ ବିନିଯୋଗ ହୋଇପାରୁନାହିଁ। ଫଳରେ ପଛୁଆ ଅଞ୍ଚଳ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ କାର୍ଯ୍ୟ ଆଗେଇପାରୁନି। ମାଲକାନଗିରି, ରାୟଗଡ଼ା, ଗଜପତି, କନ୍ଧମାଳ, ନବରଙ୍ଗପୁର ଜିଲାଗୁଡ଼ିରେ ରୁଷା ଅର୍ଥ ବିନିଯୋଗ ହୋଇପାରୁନଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏହି ଜିଲାଗୁଡ଼ିକରେ ଥିବା ରୁଷା ମଞ୍ଜୁରୀପ୍ରାପ୍ତ ଆଦର୍ଶ ସ୍ନାତ ମହାବିଦ୍ୟାଳୟଗୁଡ଼ିକରେ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅର୍ଥ ବିନିଯୋଗ ହୋଇପାରି ନଥିବା କୁହାଯାଇଛି। ରୁଷା ନିୟମାବଳୀ ଅନୁଯାୟୀ, ରୁଷା ମଞ୍ଜୁରୀପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ମଞ୍ଜୁରୀପ୍ରାପ୍ତ ଅର୍ଥର ୭୦% କାର୍ଯ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କୁ ପ୍ରଦାନ କରିଥାନ୍ତି। ନୂତନ ଗୃହ ନିର୍ମାଣ ୩୫%, ମରାମତି ଓ ନବୀକରଣ ନିମନ୍ତେ ୩୫% କାର୍ଯ୍ୟ ବିଭିନ୍ନ ସଂସ୍ଥା ଦ୍ୱାରା କରିଥାନ୍ତି। ମାତ୍ର ଉକ୍ତ ସଂସ୍ଥାଗୁଡ଼ିକ ସମୟ ଅବଧି ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିପାରି ନଥାନ୍ତି। ତେଣୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅର୍ଥ ବିନିଯୋଗ ହୋଇପାରୁ ନଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ବିନିଯୋଗ ପତ୍ର ଦାଖଲ କରିନଥିବା ଶିକ୍ଷାନୁଷ୍ଠାନଗୁଡ଼ିର ସମୀକ୍ଷା କରାଯାଇ ବିନିଯୋଗ ପତ୍ର ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସାହୁ କହିଛନ୍ତି। କାର୍ଯ୍ୟନିର୍ବାହୀ ସଂସ୍ଥାର ଯନ୍ତ୍ରୀମାନଙ୍କୁ ସମୟ ଅବଧି ମଧ୍ୟରେ ନିଜର କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ରୁଷା-୨ ଯୋଜନାରେ ଉତ୍କଳ ବିଶ୍ୱବିଦ୍ୟାଳୟର 'କ୍ୱାଲିଟି ଆଣ୍ଡ ଏକ୍ସଲେନ୍ସ' ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥର ବିନିଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି କାର୍ଯ୍ୟର ସମୀକ୍ଷା କରି ତୁରନ୍ତ କାର୍ଯ୍ୟଗୁଡ଼ିକୁ ସାରିବା ଲାଗି ପଦକ୍ଷେପ ନେଉଥିବା ମନ୍ତ୍ରୀ କହିଛନ୍ତି। ଚଳିତବର୍ଷ କୋଭିଡ୍-୧୯ ମହାମାରୀ ଯୋଗୁ ରୁଷା ମଞ୍ଜୁରୀପ୍ରାପ୍ତ ଅନୁଷ୍ଠାନଗୁଡ଼ିକର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅର୍ଥ ବିନିଯୋଗ ହୋଇପାରି ନଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ସଫେଇ ଦେଇଛନ୍ତି।

### ମସଲା କିଙ୍ଗଙ୍କ...

ବିଶ୍ୱର ବିଭିନ୍ନ ଦେଶକୁ ପ୍ରାୟ ୫୦ ପ୍ରକାର ମସଲା ରପ୍ତାନି କରାଯାଉଛି। ବିଭିନ୍ନ ବିଜ୍ଞାପନରେ ମସଲା କିଙ୍ଗ୍ ଗୁଲାଟିଙ୍କ ଫଟୋ ଦେଖିବାକୁ ମିଳିଥାଏ। ୨୦୧୯ରେ ତାଙ୍କୁ ଭାରତର ତୃତୀୟ ବେସାମରିକ ସମ୍ମାନ 'ପଦ୍ମ ଭୂଷଣ'ରେ ସମ୍ମାନିତ କରାଯାଇଥିଲା। ଗୁଲାଟିଙ୍କ ପରଲୋକ ଖବର ସମ୍ପର୍କରେ ଜଣାପଡ଼ିବା ପରେ ବିଭିନ୍ନ କ୍ଷେତ୍ରରୁ ଶୋକର ଛାୟା ଖେଳିଯାଇଛି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ପୀୟୂଷ ଗୋୟଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଟୁଇଟ କରି ଶୋକବ୍ୟକ୍ତ କରିଛନ୍ତି।

### ବିପଜ୍ଜନକ ଡ୍ରଗ୍ସ...

ଦେଶଗୁଡ଼ିକ ମଧ୍ୟରେ ବ୍ରାଜିଲ, ଚିଲି, ରୁଷିଆ, ତୁର୍କୀ ପ୍ରମୁଖ। ଆମେରିକା, କାନାଡା, ଉରୁଗୁଏ, କଲମ୍ବିଆ, ଇକ୍ୱେଡର ଓ ମେକ୍ସିକୋ ଆଦି ଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ଫଳରେ ଗଞ୍ଜେଇର ଔଷଧୀୟ ବ୍ୟବହାର ସପକ୍ଷରେ ଲଢ଼େଇ କରୁଥିବା ଗୋଷ୍ଠୀଙ୍କ ପ୍ରଥମ ବିଜୟ ହୋଇଛି। ବିଶ୍ୱରେ ଗଞ୍ଜେଇର ବୈଧୀକରଣ ଓ ମେଡିକାଲ୍ ଗବେଷଣା କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ସମ୍ପ୍ରତି ୪୦ଟି ଦେଶ ଗଞ୍ଜେଇକୁ ଔଷଧ ଭାବେ ବ୍ୟବହାର କରିବାକୁ ସ୍ୱୀକୃତି ଦେଇଛନ୍ତି। ଏବେ ଜାତିସଂଘ ଏହାକୁ ସବୁଠୁ ବିପଜ୍ଜନକ ଡ୍ରଗ୍ସ ତାଲିକାକୁ ବାଦ୍ ଦେବା ପରେ ଅନ୍ୟ ଦେଶର ସରକାରଗୁଡ଼ିକ ମଧ୍ୟ ସମାନ ପନ୍ଥା ଆପଣାଇବା ପାଇଁ ବାଟ ଫିଟିଛି। ତେବେ ଜାତିସଂଘର ଏହି ପଦକ୍ଷେପ ସତ୍ତ୍ୱେ ଗଞ୍ଜେଇ ବ୍ୟବହାର ନେଇ ବିତର୍କ ଲାଗି ରହିଛି। ଏହି ଆନ୍ତର୍ଜାତିକ ଚୁକ୍ତି ଅନୁସାରେ ପ୍ରତ୍ୟେକ ଦେଶ ଏହାର ବ୍ୟବହାର ଉପରେ ନିଜସ୍ୱ ଆଇନ ଅନୁସାରେ ନିଷ୍ପତ୍ତି ନେବେ।

### ଅନ୍ନ ଛୁଇଁଲେନି,....

ସୀମାରୁ ଖାଦ୍ୟ ବ୍ୟବସ୍ଥା କରିଛୁ। ସରକାର ଖାଦ୍ୟ ଦେବା ପରିବର୍ତ୍ତେ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବା ଉଚିତ। ନୂଆ କୃଷି ଆଇନ ଉଚ୍ଛେଦ ଦାବିରେ ନଭେମ୍ବର ୨୬ରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ 'ଦିଲ୍ଲୀ ଚଲୋ' ଡାକରା ଦିଆଯାଇଥିଲା। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଶୀତକାକରରେ ପୋଲିସର ପାଣିବର୍ଷା ଓ ଲୁହବୁହା ବାଷ୍ପ ସହି ଦିଲ୍ଲୀରେ ପହଞ୍ଚିଛନ୍ତି। ଏହି ଆଇନ ପ୍ରତ୍ୟାହାର ନ କରିବା ଯାଏ ପଛଘୁଞ୍ଚା ଦେବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହାସହ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି କୃଷି ଆଇନକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ହୋଇଥିବା ବୈଠକରେ ଏହିପ୍ରସଙ୍ଗରେ ଆଲୋଚନା ପାଇଁ ଏକ ୫ ଜଣିଆ କମିଟି ଗଠନ ନେଇ କେନ୍ଦ୍ରର ପ୍ରସ୍ତାବକୁ ଚାଷୀ ନେତାମାନେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। କୃଷକ ଆନ୍ଦୋଳନ ଗୁରୁବାର ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ବିଜ୍ଞାନ ଭବନରେ କେନ୍ଦ୍ର ସରକାର ଓ କୃଷକ ନେତାଙ୍କ ମଧ୍ୟରେ ଅପରାହ୍ନ ୧୨ଟା ୩୦ରେ ପୁଣି ଥରେ ବୈଠକ ବସିଥିଲା। କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲ, ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ସୋମ ପ୍ରକାଶ ଏବଂ କୃଷି ସଚିବ ସଞ୍ଜୟ ଅଗ୍ରୱାଲ ୩୫ କୃଷକ ସଙ୍ଗଠନର ନେତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କୃଷକ ନେତାମାନେ ସରକାରଙ୍କ ଆଗରେ ଲିଖିତ ଭାବେ ୫ଟି ଦାବି ରଖିଥିଲେ। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା ସେପ୍ଟେମ୍ବରରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଅଣାଯାଇଥିବା ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରାଯାଉ। ଆଗକୁ ଅଣାଯିବାକୁ ଥିବା ବିଦ୍ୟୁତ୍ (ସଂଶୋଧନ) ଆଇନ, ୨୦୨୦ ଉପରେ ମଧ୍ୟ ସେମାନେ ଆପତ୍ତି ଉଠାଇଥିଲେ। ସେହିପରି ଚାଷଜମିରେ ନଡ଼ାମୂଳି ପୋଡ଼ିଲେ ମାମଲା ଦାଏର କରିବା ବ୍ୟବସ୍ଥାକୁ ଉଠାଇବା ପାଇଁ ଦାବି କରିଥିଲେ। ସରକାର ଶସ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥା ବଜାୟ ରହିବା ନେଇ ଲିଖିତ ଭାବେ କାହିଁକି ପ୍ରତିଶ୍ରୁତି ଦେଉନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାସହ ଭବିଷ୍ୟତରେ ମଧ୍ୟ ଏମ୍‌ଏସ୍‌ପି ନେଇ ଏକ ନୂଆ ଆଇନ ବଳରେ ସୁନିଶ୍ଚିତ କରିବାକୁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନା ମଝିରେ ଲଞ୍ଚ୍ ବ୍ରେକ୍ ବେଳେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଖାଇବାକୁ ଦିଆଯାଇଥିଲା। ହେଲେ ଚାଷୀ ନେତାମାନେ ସରକାରୀ ଖାଦ୍ୟ ଗ୍ରହଣ କରିବାକୁ ମନା କରିଦେଇଥିଲେ। ସରକାରଙ୍କ ଖାଦ୍ୟ କି ଚା ଆମେ ଛୁଇଁବୁ ନାହିଁ କହି ନିଜ ଖାଦ୍ୟ ଖାଇଥିଲେ।

ଭାରତୀୟ କିଷାନ ୟୁନିୟନ, ଭାରତୀୟ କିଷାନ ସଂଯୁକ୍ତ ମୋର୍ଚ୍ଚା, କ୍ରାନ୍ତିକାରୀ କିଷାନ ୟୁନିୟନ ପ୍ରମୁଖ କୃଷକ ସଙ୍ଗଠନର ପ୍ରତିନିଧିମାନେ ସରକାରଙ୍କୁ କହିଥିଲେ, ୩ କୃଷି ଆଇନ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଣାଯାଇଥିବା କୁହାଯାଉଛି। କିନ୍ତୁ ପ୍ରକୃତପକ୍ଷେ ସେମାନଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇଛି। ବଡ଼ ବ୍ୟବସାୟୀ ଓ କର୍ପୋରେଟ ହାଉସ୍‌ଗୁଡ଼ିକୁ ଲାଭ ଦେବା ପାଇଁ ଏହି ଆଇନକୁ ଗୃହୀତ କରାଯାଇଛି। ତେବେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ମଧ୍ୟ ଫଳପ୍ରଦ ହୋଇନାହିଁ। ଡିସେମ୍ବର ୫ ଶନିବାର ଅପରାହ୍ନ ୨ଟାରେ କୃଷକ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା ହେବ।

### ଜେଲ ଗଲେ...

ପଛରେ ଯାଉଥିଲେ। ହେଲେ ଏକ ଟ୍ରାଫିକରେ ୪ଟି କାର୍ ଭିନ୍ନ ଭିନ୍ନ ଦିଗରେ ଚାଲିଯାଇଥିଲା। ଏକ କାର୍‌କୁ ପିଛା କରି ସୁଜାତା ଭୁବନେଶ୍ୱର ଇଓଡବ୍ଲ୍ୟୁ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ପ୍ରଦୀପଙ୍କୁ ପାଇ ନ ଥିଲେ। ପ୍ରଦୀପଙ୍କ ଜୀବନ ପ୍ରତି ଭୟ ରହିଛି। ତାଙ୍କୁ ଜଣେ ନକ୍ସଲଙ୍କ ଭଳି ଉଠାଇ ନିଆଯାଇଥିବା ସୁଜାତା ଅଭିଯୋଗ କରିଥିଲେ। ସ୍ୱାମୀଙ୍କର ଯଦି କିଛି ଅସୁବିଧା ହୁଏ, ତେବେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସୁଜାତା ଗଣମାଧ୍ୟମ ନିକଟରେ କହିଥିଲେ।

### 'ସହାୟକ ନୁହେଁ କୃଷି ଆଇନ'

ସ୍ୱତନ୍ତ୍ର ପୃଷ୍ଠାକୁ ମାଲକାନଗିରିରୁ ଦୁର୍ଯ୍ୟୋଧନ ପାତ୍ର, କୋରାପୁଟରୁ ଅମିତାଭ ବେହେରା, ରାୟଗଡ଼ାରୁ ଭାଗ୍ୟଶ୍ରୀ ମିଶ୍ର, ନବରଙ୍ଗପୁରରୁ ସଦାଶିବ ପ୍ରହରାଜ, ଫୁଲବାଣୀରୁ ରାକେଶ କୁମାର ରାଉତ, ଦିଗପହଣ୍ଡିରୁ ଅଶେଷନାଥ ମିଶ୍ର, ପାରଳାଖେମୁଣ୍ଡିରୁ ଗିରିଧାରୀ ପରିଚ୍ଛା, ବରଗଡ଼ରୁ ପ୍ରେମାନନ୍ଦ ଖମାରୀ, ବଲାଙ୍ଗୀରରୁ ବୀରେନ୍ଦ୍ର ଝାଙ୍କର, ସୋନପୁରରୁ ମୃତ୍ୟୁଞ୍ଜୟ ଶତପଥୀ, ବୌଦ୍ଧରୁ ଅଜିତ ବାରିକ, କଳାହାଣ୍ଡିରୁ ସଞ୍ଜୀବ ଜୋଷୀ, ସମ୍ବଲପୁରରୁ ବି. ଶଙ୍କର, କେନ୍ଦୁଝରରୁ ନରେଶ ଚନ୍ଦ୍ର ପଟ୍ଟନାୟକ, ଭଦ୍ରକରୁ ବିଭୁପ୍ରସାଦ ବେହେରା, ବାଲେଶ୍ୱରରୁ ମାନସ ବିଶ୍ୱାଳ, ମୟୂରଭଞ୍ଜରୁ ନୀଳାଦ୍ରି ବିହାରୀ ଦଣ୍ଡପାଟ, ଜଗତ୍‌ସିଂହପୁରରୁ ପ୍ରମୋଦ ନାୟକ, ଯାଜପୁରରୁ ହର୍ଷବର୍ଦ୍ଧନ ବେହେରା, କେନ୍ଦ୍ରାପଡ଼ାରୁ ଜଗନ୍ନାଥ ଧଳ, ଡେରାବିଶରୁ ବେବର୍ତ୍ତା ଅଜୟ ଦାସ, ନୟାଗଡ଼ରୁ ଲୋକନାଥ ମିଶ୍ର, ନିଶ୍ଚିନ୍ତକୋଇଲିରୁ ଅଶୋକ ମହାପାତ୍ର, ଅନୁଗୋଳରୁ ଅମିତ କୁମାର ସାମଲ, ଢେଙ୍କାନାଳରୁ ରତନ ନାୟାର, ପୁରୀରୁ ସୁନୀତ ମିଶ୍ର, ଖୋର୍ଦ୍ଧାରୁ ପ୍ରଭାତ ପାଣିଗ୍ରାହୀ, ଚୌଦ୍ୱାରରୁ ଆଶୁତୋଷ ଦାସ, ବାଲକାଟିରୁ ମନୋଜ ମଣ୍ଡଳ, ଭୁବନେଶ୍ୱରରୁ ଅସମାପିକା ସାହୁ ସହଯୋଗ କରିଛନ୍ତି।

# ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ଖୋଲିବ କ୍ୟାମ୍ପକୋର୍ଟ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

କୋଭିଡ-୧୯ ପରବର୍ତ୍ତୀ କାଳରେ ଗ୍ରାମାଞ୍ଚଳରେ ଭିନ୍ନକ୍ଷମମାନଙ୍କ ଅଭିଯୋଗ ଶୁଣାଣି ପାଇଁ ରାଜ୍ୟ ସରକାର ପକ୍ଷରୁ କ୍ୟାମ୍ପ କୋର୍ଟ ଆୟୋଜନ କରିବେ। ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳରେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ପକ୍ଷରୁ କ୍ୟାମ୍ପ କୋର୍ଟ ଆରମ୍ଭ କରାଯିବ। ସ୍ୱାଭିମାନ ଅଞ୍ଚଳର ଘରକୁ ଘର ନ୍ୟାୟ ଯୋଗାଇ ଯୋଗାଇ ଦେବାକୁ କ୍ୟାମ୍ପ କୋର୍ଟ କରାଯିବ ବୋଲି ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ କହିଛନ୍ତି। ଭିନ୍ନକ୍ଷମମାନଙ୍କ ସମସ୍ୟାକୁ ଗ୍ରହଣ କରିବା ନେଇ ଡିସେମ୍ବର ୩ ତାରିଖକୁ ବିଶ୍ୱ ଭିନ୍ନକ୍ଷମ ଦିବସ ଭାବେ ପାଳନ କରାଯାଉଛି। ରାଜ୍ୟ ସକରାରଙ୍କ ଦ୍ୱାରା ଭିନ୍ନକ୍ଷମ କଲ୍ୟାଣ ପାଇଁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନାର ଫାଇଦା ଯେପରି ସମସ୍ତଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ସେ କହିଛନ୍ତି।

# ପ୍ରତିଟି ଚ୍ୟାଲେଞ୍ଜ ଲାଗି ଆମେ ପ୍ରସ୍ତୁତ

**ଚାଇନାକୁ ନୌସେନା ମୁଖ୍ୟଙ୍କ ଚେତାବନୀ**

ନୂଆଦିଲ୍ଲୀ,୩।୧୨: ଏଲ୍‌ଏସିରେ ଚାଇନା ସୀମାସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ପ୍ରୟାସ କରୁଛି। କରୋନା ଯୋଗୁ ସୁରକ୍ଷା ସ୍ଥିତି ଜଟିଳ ହେଉଛି। ଉତ୍ତର ସୀମାଞ୍ଚଳରେ ସ୍ଥିତି ଉପରେ ନଜର ରଖିବା ଲାଗି ଭାରତୀୟ ନୌସେନା ପକ୍ଷରୁ ପି-୮ ପୋସାଇଡନ ବିମାନ ଓ ହେରୋନ୍ ଡ୍ରୋନ୍ ମୁତୟନ କରାଯାଇଛି। ଚାଇନାର ଯେକୌଣସି ଚାଲେଞ୍ଜ ଲାଗି ଆମେ ପ୍ରସ୍ତୁତ ଅଛୁ ବୋଲି ନୌସେନା ମୁଖ୍ୟ କରମ୍‌ବୀର ସିଂ ଗୁରୁବାର କହିଛନ୍ତି। ନୌସେନା ଦିବସ ପୂର୍ବରୁ ବାର୍ଷିକ ଖବର ସମ୍ମିଳନୀରେ ସିଂ କହିଛନ୍ତି, ନୌସେନାର ଦ୍ୱିତୀୟ ବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତ ଆସନ୍ତା ବର୍ଷରୁ କାର୍ଯ୍ୟାରମ୍ଭ କରିବ। ବାୟୁସେନା ସହ ମିଶି ନୌସେନା ଶତ୍ରୁପକ୍ଷକୁ ମାତ୍‌ଦେବାରେ କୌଣସି ସୁଯୋଗ ହାତଛଡ଼ା କରିବନାହିଁ ବୋଲି ସିଂ ପ୍ରକାଶ କରିଛନ୍ତି।

# କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ, ୩।୧୨(ପି.ଟି.)

କୋଭିଡ୍-୧୯ ଗାଇଡ୍‌ଲାଇନର ଉଲ୍ଲଂଘନକୁନେଇ ସୁପ୍ରିମକୋର୍ଟ ଗୁରୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଲୋକେ ମାସ୍କ ନ ପିନ୍ଧିବା ସହ ସାମାଜିକ ଦୂରତ୍ୱ ନିୟମ ପାଳନ କରୁନାହାନ୍ତି। ଗାଇଡ୍‌ଲାଇନ କିପରି କଡ଼ାକଡ଼ି ପାଳନ ହେବ ସେଥିପାଇଁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ମାଗିଛନ୍ତି। କେନ୍ଦ୍ର ସରକାର ଓ ବିଭିନ୍ନ ହିତାଧିକାରୀମାନଙ୍କ ପକ୍ଷରୁ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଏ ସମ୍ପର୍କରେ ପରାମର୍ଶ ଦେବା ଲାଗି ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଥିବା ହସ୍ପିଟାଲର ସ୍ଥିତି ଓ ଉପଲବ୍ଧ ଭିତ୍ତିଭୂମି ସମ୍ପର୍କରେ ରିପୋର୍ଟ ଦାଖଲ କରିବା ଲାଗି ଖଣ୍ଡପୀଠ ହିମାଚଳ ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହିମାଚଳପ୍ରଦେଶରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ହସ୍ପିଟାଲର ଅଭାବ ଥିବା ସୁପ୍ରିମକୋର୍ଟଙ୍କୁ ଜଣାଇଦିଆଯାଇଥିଲା। ଦିଲ୍ଲୀ, ଗୁଜରାଟ ସମେତ କେତେକ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ଅଦାଲତ ଚିନ୍ତା ବ୍ୟକ୍ତ କରିଥିଲେ। କରୋନା ରୋଗୀଙ୍କର ଉପଯୁକ୍ତ ଚିକିତ୍ସା ହେଉ ନଥିବା ଓ ହସ୍ପିଟାଲରେ ମୃତଦେହକୁ ଉପଯୁକ୍ତ ଭାବେ ସତ୍କାର କରାଯାଉ ନ ଥିବା ଖବର ଉପରେ ଅଦାଲତ ନିଜ ଆଡୁ ମାମଲାର ଶୁଣାଣି କରିଥିଲେ।

# ପିଏଫ୍‌ଆଇର ୨୬ କାର୍ଯ୍ୟାଳୟ ଉପରେ ଇଡି ଚଢ଼ାଉ

ନୂଆଦିଲ୍ଲୀ, ୩।୧୨(ଆଇଏଏନ୍‌ଏସ୍): ମନି ଲଣ୍ଡରିଂ ଅଭିଯୋଗର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ୯ଟି ରାଜ୍ୟରେ ଥିବା ୨୬ଟି କାର୍ଯ୍ୟାଳୟ ଓ ଘର ଉପରେ ଚଢ଼ାଉ କରିଛି। ଇଡି ଅଧିକାରୀମାନେ ପିଏଫ୍‌ଆଇର ଅଧ୍ୟକ୍ଷ ଓ.ଏମ୍.ଏ. ସଲାମ ଏବଂ କେରଳ ରାଜ୍ୟ ସଭାପତି ନସରୁଦ୍ଦିନ ଏଲାମରୋମଙ୍କ ସମେତ ଶୀର୍ଷ ପଦାଧିକାରୀମାନଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଥିଲେ। ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ରେ ତାମିଲନାଡୁ, କେରଳ, କର୍ଣ୍ଣାଟକ, ରାଜସ୍ଥାନ, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ଏହି ଚଢ଼ାଉ ହୋଇଛି। ଦେଶରେ ନାଗରିକ ସଂଶୋଧନ ଆଇନ (ସିଏଏ) ବିରୋଧରେ ବିକ୍ଷୋଭକୁ ପିଏଫ୍‌ଆଇ ପାଣ୍ଠି ଯୋଗାଇବା ସହ ଗତ ଫେବୃୟାରୀରେ ଉତ୍ତରପୂର୍ବ ଦିଲ୍ଲୀରେ ହୋଇଥିବା ଦଙ୍ଗାରେ ଏହାର ଭୂମିକା ଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ଇଡି କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡର ବରିଷ୍ଠ କର୍ମଚାରୀ ସଲାମ ଏବଂ ଦିଲ୍ଲୀସ୍ଥିତ ପିଏଫଆଇ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ବୟାନ ରେକର୍ଡ କରିଥିଲା।

# କଂଗ୍ରେସର ବୀରମିତ୍ରପୁର ବନ୍ଦ



ବୀରମିତ୍ରପୁରରେ କଂଗ୍ରେସ ଦଳ ପକ୍ଷରୁ ବନ୍ଦ ଡାକରାରେ ସାମିଲ କର୍ମୀମାନେ ।

## ହାଜତ ମୃତ୍ୟୁ ଘଟଣା

■ ପୀଡ଼ିତଙ୍କ ପରିବାରକୁ ନ୍ୟାୟ ଦାବି

**କୁଆଁରମୁଣ୍ଡା, ୩।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ପୋଲିସ ହେପାଜତରେ ଥିବା ବୀରମିତ୍ରପୁର କରବୋଲା ରୋଡର ତାରିକ ସଲିମ(୨୪)ଙ୍କ ମୃତ୍ୟୁ ଘଟଣା ୨ ସପ୍ତାହ ବିତିଗଲାଣି। ହେଲେ ପୀଡିତଙ୍କ ପରିବାର କିଭଳି ନ୍ୟାୟ ପାଇବେ ସେ ନେଇ କଂଗ୍ରେସ ଦଳ ବ୍ୟତୀତ ଅନ୍ୟ କୌଣସି ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନ କରାଯାଇନାହିଁ। ତାରିକଙ୍କୁ ପୋଲିସ ହାଜତରେ ପିଟି ମାରି ଦେଇଥିବା ଅଭିଯୋଗରେ ଗୁରୁବାର କଂଗ୍ରେସ ପକ୍ଷରୁ ୧୨ଘଣ୍ଟିଆ ବୀରମିତ୍ରପୁର ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରାରେ ବୀରମିତ୍ରପୁରର ସମସ୍ତ ଦୋକାନ ବଜାର, ତହସିଲ, ଟ୍ରେଜେରି, ବ୍ୟାଙ୍କ ଇତ୍ୟାଦି ବନ୍ଦ ରହିଥିଲା। ହେଲେ ବୀରମିତ୍ରପୁର ପୌରପାଳିକା କିନ୍ତୁ ଖୋଲା ରହିଥିଲା। ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବିର୍ସାମୁଣ୍ଡା ବସଷ୍ଟାଣ୍ଡରୁ ଶୋଭାଯାତ୍ରା, ନାରାବାଜି ଇତ୍ୟାଦି ଦେଇ ଚାଇନା ଟାଉନ୍ ଓ ଏହା ପରେ ବୀରମିତ୍ରପୁର ଥାନା ସମ୍ମୁଖରେ ରୁଣ୍ଡ ହୋଇଥିଲେ। ହାଜତ ମୃତ୍ୟୁ ମାମଲାର ବିଚାର ବିଭାଗୀୟ ତଦନ୍ତ, ପୀଡ଼ିତ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଦୋଷୀ ପୋଲିସ କର୍ମଚାରୀଙ୍କୁ ବହିଷ୍କାର, ଗିରଫଦାରି ଓ ୩୦୨ ଦଫାରେ ମାମଲା ରୁଜୁ ଇତ୍ୟାଦି ଦାବି ନେଇ ଆନ୍ଦୋଳନକୁ ବ୍ୟାପକ କରାଯାଇଥିଲା। ଏହି ସମୟରେ ୧୪୩ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଭାରିଯାନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍ ସେବା ଇତ୍ୟାଦି ପ୍ରଭାବିତ ହୋଇଥିଲା। ଏହି ବନ୍ଦ ଡାକରାରେ ବୀରମିତ୍ରପୁର କଂଗ୍ରେସ କର୍ମୀ ବିକ୍ରମ ପଟ୍ଟନାୟକ, ପୂର୍ବତନ ନଗରପାଳ ଶଶି ସାଗର, ରୋହିତ ଯୋଶେଫ୍ ତିର୍କୀ ଓ ଅନ୍ୟମାନେ ସାମିଲ ଥିଲେ।

# ୪୬ ଚୋରା ଗାଡ଼ି ଜବତ: ୫ ଗିରଫ



ଗିରଫ ଅଭିଯୁକ୍ତମାନେ।

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ରାଜଧାନୀରେ ସକ୍ରିୟ ଥିବା ଦୁଇଟି ଗାଡ଼ି ଚୋରି ଗ୍ୟାଙ୍ଗ୍ ଧରିଛି କମିଶନରେଟ ପୋଲିସ। ନୟାପଲ୍ଲୀ ଥାନା ପୋଲିସ ଦୁଇ ପୃଥକ ମାମଲାରେ ୪୬ ବାଇକ୍ ଜବତ କରିବା ସହ ସମ୍ପୃକ୍ତ ଥିବା ଦୁଇ ଗ୍ୟାଙ୍ଗ୍‌ର ୫ ଜଣଙ୍କୁ ଗିରଫ କରିଛି। ଏଥିସହ ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଛି। ପ୍ରଥମ ମାମଲା ନଂ.୩୮୧/୨୦ରେ ଗ୍ୟାଙ୍ଗ ମୁଖ୍ୟଙ୍କ ସମେତ ୩ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ନୟାଗଡ଼ ଜିଲା ଗୋଡ଼ିପଡ଼ାର ସୋନୁ ପ୍ରଧାନ(୨୯), ଜଙ୍କିଆ ମଲିପଡାର ଟିପା ଓରଫ ଚିତ୍ତରଞ୍ଜନ ପରିଡା(୨୬) ଓ ଦେବ କାଲାସ(୨୮)। ଗ୍ୟାଙ୍ଗ୍ ମୁଖ୍ୟ ନୟାଗଡ଼ର ସୋନୁ ଭୁବନେଶ୍ୱର ସାଲିଆ ସାହିରେ ରହୁଥିଲେ। ତାଙ୍କ ନିକଟରୁ ୪୧ ବାଇକ ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ଖୋଳତାଡ଼ କରାଯିବ ବୋଲି ଥାନା ଅଧିକାରୀ ଶରତ କୁମାର ସାହୁ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, କଟକର ନିଆଳି ଅଞ୍ଚଳରେ ରହୁଥିବା ଯାଜପୁରର ସୌମ୍ୟରଞ୍ଜନ ରଣା ବାଇକରେ ଭୁବନେଶ୍ୱର ନୟାପଲ୍ଲୀ ଆସୁଥିଲେ। ଷ୍ଟିୱାର୍ଟ ସ୍କୁଲ୍ ନିକଟରେ ସ୍ୱାସ୍ଥ୍ୟଜନିତ କାରଣରୁ ସେ ତଳେ ପଡିଯିବା ସହ ଅଚେତ ହୋଇଯାଇଥିଲେ। ଚେତା ଫେରିବାବେଳକୁ ତାଙ୍କ ବାଇକ ଓ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ଜାଣିବା ପରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିକଟରେ ଲାଗିଥିବା ସିସି ଟିଭି ଫୁଟେଜ୍ ଯାଞ୍ଚ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଥିଲା। ତଦନ୍ତବେଳେ ଗ୍ୟାଙ୍ଗ୍ ଓ ସୋନୁଙ୍କ ସମ୍ପର୍କରେ ସୂଚନା ପାଇବା ପରେ ସାଲିଆସାହିସ୍ଥିତ ଘରୁ ତାଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ସୋନୁ ନୟାପଲ୍ଲୀ, ଚନ୍ଦ୍ରଶେଖରପୁର, ଶହୀଦ ନଗର ଅଞ୍ଚଳରୁ ଗାଡ଼ି ଚୋରି କରି ଜଙ୍କିଆ ଅଞ୍ଚଳର ଟିପା ଓ ଦେବଙ୍କୁ ଦେଉଥିଲା। ସେମାନେ ଚୋରାଗାଡ଼ିକୁ ମୁଖ୍ୟତଃ ଜଙ୍କିଆର ଖଣି ଅଞ୍ଚଳରେ କମ୍ ଦାମ୍‌ରେ ବିକ୍ରି କରୁଥିଲେ।

# ଚଳାଉଥିଲେ ଆଲବମ୍ କଳାକାର

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ରିଲ୍ ଲାଇଫ୍‌ରେ ଆଲବମ୍ କଳାକାର। କିନ୍ତୁ ରିଅଲ୍ ଲାଇଫ୍‌ରେ ଗାଡ଼ି ଚୋରି ଓ ଛିନ୍‌ତାଇ ହେଉଛି ମୁଖ୍ୟ ପେସା। ନୟାପଲ୍ଲୀ ଥାନା ପୋଲିସ ଅନ୍ୟଏକ ଗାଡ଼ି ଚୋରି ଗ୍ୟାଙ୍ଗ୍‌ର ୨ଜଣଙ୍କୁ ଗିରଫ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ପ୍ରଶାନ୍ତ ଘଡେଇ(୨୧) ଓ ଧୀର ନାୟକ(୧୯)। ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ହେଉଛନ୍ତି ଚୋରି ଗ୍ୟାଙ୍ଗ୍‌ର ମୁଖ୍ୟ। ସେ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ରହି ଆଲ୍‌ବମରେ ସାଇଡ୍ ଡ୍ୟାନସର୍ ଭାବେ କାମ କରିବା ସହ ଏହା ଆଢୁଆଳରେ ବାଛି ବାଛି ଦାମୀ ବାଇକ୍ ଚୋରି ଓ ଲୁଟ୍‌ପାଟ କରୁଥିଲେ। ପୋଲିସ ସେମାନଙ୍କ ନିକଟରୁ ୩ କେଟିଏମ୍ ବାଇକ, ଗୋଟିଏ ପଲ୍‌ସର୍, ଗୋଟିଏ ସ୍କୁଟି ଓ ୭ଟି ମୋବାଇଲ ଫୋନ ଜବତ କରିଛି। ପୂର୍ବରୁ ପ୍ରଶାନ୍ତଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ସୂଚନାନୁସାରେ, ନୟାପଲ୍ଲୀ ଅଞ୍ଚଳର ମୋହନ ବାରିକ ତାଙ୍କ ଘର ସାମ୍ନା ଗ୍ୟାରେଜରେ କେଟିଏମ୍ ବାଇକ୍ ରଖିଥିବାବେଳେ ଚୋରି ହୋଇଯାଇଥିଲା। ଏନେଇ ସେ ନଭେମ୍ବର ୨୦ରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୫୮/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ବାଇକ୍‌ଟି କଳିଙ୍ଗ ଷ୍ଟାଡିୟମ୍ ନିକଟରେ ଥିବା ନେଇ ସୂଚନା ପାଇବା ପରେ ପୋଲିସ ଚଢାଉ କରି ତାହାକୁ ଜବତ କରିବା ସହ ସମ୍ପୃକ୍ତ ପ୍ରଶାନ୍ତଙ୍କୁ ଗିରଫ କରିଥିଲା। ସେ ଗ୍ୟାଙ୍ଗ୍ ଚଳାଉଥିବାବେଳେ ଧୀର ଓ ଅନ୍ୟମାନେ ତାଙ୍କୁ ସହଯୋଗ କରନ୍ତି ବୋଲି ପଚରାଉଚରାବେଳେ କହିଥିଲେ।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଗୋତମରା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ମା ବ୍ରହ୍ମାୟଣୀ ସମସ୍ତଙ୍କର ମଙ୍ଗଳ କରନ୍ତୁ ।
ଆଭା ପଣ୍ଡା (ସରପଞ୍ଚ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କୁରୁଡୁଲୁ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ଗିରିଶ ସାହୁ
ସଭାପତି, କୁରୁଡୁଲୁ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରୀଛାତ୍ର ମାନଙ୍କୁ ଶୁଭେଚ୍ଛା ।
ମା ଲୋଭୀ ସମସ୍ତଙ୍କର ମଙ୍ଗଳ କାମନା କରନ୍ତୁ ।
ଆର୍ତ୍ତତ୍ରାଣ ସାମଲ
ପ୍ରଧାନଶିକ୍ଷକ, ଗଡ଼ସନ୍ତ୍ରୀ ନେହେରୁ ଉଚ୍ଚବିଦ୍ୟାଳୟ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବନ୍ଦା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ।
ମନୋରମା ସାହୁ (ସରପଞ୍ଚ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଅଞ୍ଚଳର ସମସ୍ତ ଚାଷୀଭାଇ ଏବଂ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା
ବଳରାମପ୍ରସାଦ ସେବା ସମବାୟ ସମିତି, ବଅଁରପାଳ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବଳରାମପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଡ଼. ନୀଳିମା ଚକ୍ରବର୍ତ୍ତୀ (ସ୍ୱାସ୍ଥ୍ୟଅଧିକାରୀ)

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ ଚାଷୀ ଓ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ଭାରପ୍ରାପ୍ତ ସମ୍ପାଦକ
ନୂଆହତା ସମବାୟ ସମିତି

SEEMA DIGI TAL STUDIO
ସୀମା ଡିଜିଟାଲ ଷ୍ଟୁଡିଓ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସୀମା ଡ଼ିଜିଟାଲ ଷ୍ଟୁଡ଼ିଓ ତରଫରୁ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ଅଭୟ ସେନାପତି

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବଅଁରପାଳ ସିଡ଼ିପିଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ ଓ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ।
LAXMIPRIYA BOHIDAR
CDPO, Banarpal

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଏନ୍ଏନ୍ଇୟୁ ତରଫରୁ ନାଲକୋର ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇ କାମନା କରୁଛୁ ।
ନିର୍ମଳ ଶତପଥୀ
କାର୍ଯ୍ୟକାରୀ ସଭାପତି (ଏନ୍ଏନ୍ଇୟୁ)
ଭରତ ଚନ୍ଦ୍ର ମାଝୀ
ଶ୍ରମିକ ନେତା (ଏନ୍ଏନ୍ଇୟୁ)

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ନେପୁ ତରଫରୁ ନାଲକୋର ସମସ୍ତ ଶ୍ରମିକ ଭାଇଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା କାମନା କରୁଛୁ ।
ବ୍ରଜ କିଶୋର ପ୍ରଧାନ
ସଭାପତି (ନେପୁ)
ମାଗିଲାଲ ସାମଲ
କାର୍ଯ୍ୟକାରୀ ସଭାପତି (ନେପୁ)
ବୈରାଗି ସେଠ
ସାଧାରଣ ସମ୍ପାଦକ (ନେପୁ)

ନର୍ମଦା ମାଝୀ (ସରପଞ୍ଚ, ଗଡ଼ସନ୍ତ୍ରୀ)
ଧରିତ୍ରୀର ସ୍ୱନକ୍ଷେତ୍ର ଅବସରରେ ସନ୍ତ୍ରୀ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି । ମା ଲୋଭୀ ଠାକୁରାଣୀ ସମସ୍ତଙ୍କର ଉତ୍ତରୋତ୍ତର କାମନା କରନ୍ତୁ ।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବଅଁରପାଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ବିଜୟ କୁମାର ନାଥ
ସଭାପତି, ବଅଁରପାଳ ବ୍ଲକ ବିଜେଡ଼ି

With Best Compliments from :-
M/S DIVINE ENTERPRISES
Nalco Nagar

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବଳରାମପ୍ରସାଦ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ମା ହିଙ୍ଗୁଳା ସମସ୍ତଙ୍କର ମଙ୍ଗଳ କରନ୍ତୁ ।
ମଧୁଛନ୍ଦା ସାହୁ (ସରପଞ୍ଚ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବଅଁରପାଳ ବ୍ଲକ ଯୋଗାଣ ବିଭାଗ ତରଫରୁ ସମସ୍ତଙ୍କୁ ଅଭିନନ୍ଦନ ।

hotel Santi
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ ଅନୁଗୋଳ ଜିଲା ବାସିଙ୍କୁ ଅଭିନନ୍ଦନ ।
Near Angul Bus-stand, Angul

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ନାଲକୋ ଅଧିକାରୀ ଓ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
NALCO OFFICERS' ASSOCIATION
ପ୍ରଶନ୍ନ କୁମାର ମଲ୍ଲିକ
ସଭାପତି
ନଳିନୀକାନ୍ତ ପଣ୍ଡା
ସାଧାରଣ ସମ୍ପାଦକ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ ବଅଁରପାଳ ବ୍ଲକବାସୀଙ୍କୁ ଅଭିନନ୍ଦନ ।
ଅଞ୍ଜଳି ଭୋଇ
ଅଧ୍ୟକ୍ଷା, ବଅଁରପାଳ ବ୍ଲକ

କାର୍ଯ୍ୟାଳୟ
ପି.ଏସ୍.ଏସ୍.ଜେ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଅଁରପାଳ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଛାତ୍ରୀଛାତ୍ର ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅଶୋକ କୁମାର ପ୍ରଧାନ
ଅଧ୍ୟକ୍ଷ, ପି.ଏସ୍.ଏସ୍.ଜେ କଲେଜ

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
NIET
ନାରାୟଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜୀ
ଅରାହାଟ, ବଅଁରପାଳ, ଅନୁଗୋଳ
ବ୍ରାଞ୍ଚ: ମେକାନିକାଲ୍ ଇଞ୍ଜିନୀୟରିଂ, ସିଭିଲ୍ ଇଞ୍ଜିନୀୟରିଂ, ଇଲେକ୍ଟ୍ରିକାଲ୍ ଇଞ୍ଜିନୀୟରିଂ, ମାଇନିଂ ଇଞ୍ଜିନୀୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେସନ୍ ଇଞ୍ଜିନୀୟରିଂ
ପ୍ରଥମ ଥର ଅନୁଗୋଳରେ :- ମେକାନିକାଲ୍ ଇଞ୍ଜିନୀୟରିଂ (ପାର୍ଟ ଟାଇମ୍) ମାଇନିଂ ଇଞ୍ଜିନୀୟରିଂ (ସେକେଣ୍ଡ ସିଫ୍ଟ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ନାଲକୋର ସମସ୍ତ କର୍ମଚାରୀ ଓ ପାରିପାର୍ଶ୍ୱୀକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ମଣି ରଞ୍ଜନ ପଟ୍ଟନାୟକ (ନାଲକୋ ଇଷ୍ଟେଟ୍ ଅଧିକାରୀ)

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ନାଲକୋ ବହୁମୁଖି ସମବାୟ ସମିତି ତରଫରୁ ସମସ୍ତ ଗ୍ରାହକ ଓ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।
ପ୍ରଶାନ୍ତ କୁମାର ରାଉତ
ଆଡ୍‌ମିନିଷ୍ଟ୍ରେଟର
ମାନସ ରଞ୍ଜନ ମହାନ୍ତି
ସମ୍ପାଦକ

“ଧରିତ୍ରୀ”ର ସ୍ୱନକ୍ଷତ୍ର ଅବସରରେ ନାଲକୋର ସମସ୍ତ ଉଦ୍ୟାନପ୍ରେମୀ ଓ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ।

## ନୋଙ୍ଗ୍‌ପୋକ୍ ସେକମାଇ ଦେଶର ଶ୍ରେଷ୍ଠ ଥାନା

କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ଶ୍ରେଷ୍ଠ ୧୦ ଥାନାର ନାମ ଗୁରୁବାର ଘୋଷଣା କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏସମ୍ପର୍କିତ ତାଲିକା ପ୍ରକାଶ ପାଇଛି। ୨୦୨୦ର ଶ୍ରେଷ୍ଠ ଥାନା ମଧ୍ୟରେ ମଣିପୁରର ଥୋଉବଲସ୍ଥିତ ନୋଙ୍ଗ୍‌ପୋକ୍ ସେକମାଇ ଥାନା ଶୀର୍ଷରେ ରହିଛି। ୧୬ ହଜାର ୬୭୧ ଥାନା ମଧ୍ୟରୁ ଶ୍ରେଷ୍ଠ ୧୦ଟି ଥାନାକୁ ବିଭିନ୍ନ ମାନକ ଆଧାରରେ ଚୟନ କରାଯାଇଛି। ତେବେ ତାଲିକାରେ ରାଜଧାନୀ ଦିଲ୍ଲୀ ଅବା ମୁମ୍ବାଇର କୌଣସି ପୋଲିସ ଥାନା ନାହିଁ।




## ପଞ୍ଜାବୀ ମ୍ୟୁଜିକ୍ ଭିଡିଓରେ ଇସାବେଲ

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କୁ କିଏ ନ ଜାଣେ। ସେ ନିଜର ଦମ୍‌ଦାର ଅଭିନୟ ଏବଂ ଡ୍ୟାନ୍ସ ପାଇଁ ଫ୍ୟାନ୍‌ମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଆକ୍ଟିଂ ସହିତ ଖୁବ୍ ସୁନ୍ଦର ହୋଇଥିବାରୁ ଲକ୍ଷ ଲକ୍ଷ ଫ୍ୟାନ୍‌ମାନଙ୍କ ହୃଦୟରେ ସେ ରାଜ୍ କରୁଛନ୍ତି। ଏବେ ତାଙ୍କ ସାନ ଭଉଣୀ ଇସାବେଲ କୈଫ୍ ତାଙ୍କୁ ଅନୁସରଣ କରି ଏକ ପଞ୍ଜାବୀ ମ୍ୟୁଜିକ୍ ଭିଡିଓରେ ଡେବ୍ୟୁ କରିଛନ୍ତି। ଇସାବେଲଙ୍କ 'ମାଶାଲ୍ଲା' ଭିଡିଓ ରିଲିଜ୍ ହୋଇସାରିଛି। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ତାଙ୍କ ସୁନ୍ଦରତା ବେଶ୍ ଚର୍ଚ୍ଚାରେ। ବଲିଉଡ୍ ଭାଇଜାନ ସଲ୍‌ମାନ ଖାଁ ମଧ୍ୟ ଇସାବେଲଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ତାଙ୍କର ଏହି ଗୀତକୁ ଦେଖିବା ପରେ ସଲ୍‌ମାନ ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ଏହାକୁ ଶେୟାର କରିଛନ୍ତି। କେବଳ ସେତିକି ନୁହେଁ ଗୀତଟିକୁ ଶେୟାର କରି ସଲ୍‌ମାନ ଲେଖିଛନ୍ତି ଗୀତଟି ଖୁବ ସୁନ୍ଦର ହୋଇଛି ଓ ଇସାବେଲ ତୁମେ ଖୁବ୍ ସୁନ୍ଦର ଲାଗୁଛ। ପ୍ରକାଶ ଥାଉ କି, ଏହି 'ମାଶାଲ୍ଲା' ଗୀତକୁ ପଞ୍ଜାବୀ ସିଙ୍ଗର ଦୀପ୍ ମନି ଗାଇଛନ୍ତି। ଏହି ଗୀତରେ ଇସାବେଲଙ୍କ ହଟ୍ ଏବଂ ଗ୍ଲାମର୍ସ ଅନ୍ଦାଜ୍‌କୁ ଯେତେ ତାରିଫ୍ କଲେ କମ୍ ପଡ଼ିବ। ବର୍ତ୍ତମାନ ସୁଦ୍ଧା ଏହି ଗୀତକୁ ୨୧ ଲକ୍ଷ ଲୋକ ଦେଖି ସାରିଲେଣି। ଆଗକୁ ବି ଏହା ଦର୍ଶକଙ୍କୁ ମନୋରଞ୍ଜନ ଦେବ ବୋଲି କୁହାଯାଉଛି।

# ମହାକାଶରେ ଫଳିଲା ମୂଳା

*ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ (ଆଇଏସ୍ଏସ୍)ରେ ସଫଳତାର ସହ ମୂଳା ଫଳାଇବାରେ ସକ୍ଷମ ହୋଇଛି। ଲମ୍ବା ଅବଧିର ମହାକାଶ ଯାତ୍ରାରେ ମହାକାଶଚାରୀଙ୍କ ଲାଗି ଖାଦ୍ୟ ଆବଶ୍ୟକତା ପୂରଣ କରିବାରେ ଏହା ସହାୟକ ହେବ। ଆଇଏସ୍ଏସ୍‌ରେ ମୂଳା ଉତ୍ପାଦନ ସହ ମହାକାଶ ବିଜ୍ଞାନ ଇତିହାସରେ ଏକ ସଫଳତମ ଫର୍ଦ୍ଦ ଯୋଡ଼ି ହୋଇଥିବା ନାସା ପକ୍ଷରୁ କୁହାଯାଇଛି।*



**ୱାଶିଂଟନ:** ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ସମେତ ପୃଥିବୀର ବିଭିନ୍ନ ଦେଶ ଲମ୍ବା ଅବଧିର ମହାକାଶ ଅଭିଯାନ ଲାଗି ପ୍ରସ୍ତୁତି ଚଳାଇଛନ୍ତି। ଏହାସହିତ ମଣିଷ ଯେଉଁଳି ଦୀର୍ଘଦିନ ଧରି ସୁରକ୍ଷିତ ଭାବେ ମହାଶୂନ୍ୟରେ ରହି ଗବେଷଣା କରିପାରିବ ସେଥିଲାଗି ପରୀକ୍ଷାନିରୀକ୍ଷା ଜାରିରହିଛି। ଏଭଳି ଜଟିଳ ଯାତ୍ରା ସମୟରେ ମହାକାଶଚାରୀଙ୍କ ଲାଗି ଖାଦ୍ୟ ଉପଲବ୍ଧ କରାଇବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଥାଏ। ତେବେ ନିକଟରେ ନାସା ପକ୍ଷରୁ ଆଇଏସ୍ଏସ୍‌ରେ ମୂଳା ଉତ୍ପାଦନ କରାଯିବା ପରେ ମହାକାଶଚାରୀଙ୍କ ଖାଦ୍ୟ ସମସ୍ୟାର ସମାଧାନ ଲାଗି ବାଟ ଫିଟିଛି।

ବିଶ୍ୱବ୍ରହ୍ମାଣ୍ଡର ରହସ୍ୟ ଖୋଜିବାକୁ ମହାକାଶ ଗବେଷଣା ଅପରିହାର୍ଯ୍ୟ। ଏଥିଲାଗି ନିୟମିତ ଭାବେ ମହାକାଶ ଯାତ୍ରା କରିଥାନ୍ତି ମହାକାଶଚାରୀ। ଅଦ୍ୟାବଧି ମହାକାଶ ଯାତ୍ରା ସ୍ୱଳ୍ପ ଅବଧିରେ ସୀମିତ ରହିଛି। ଆଇଏସ୍ଏସ୍‌କୁ ଯାଉଥିବା ବୈଜ୍ଞାନିକମାନଙ୍କ ଲାଗି ପୁଷ୍ଟିକର ଭୋଜନ ପୃଥିବୀରୁ ହିଁ ଯାଇଥାଏ। ହେଲେ ଆଗାମୀ ଦିନରେ ହେବାକୁ ଥିବା ଚନ୍ଦ୍ର, ମଙ୍ଗଳ ଅଭିଯାନ ଲାଗି ଦୀର୍ଘଦିନ ଧରି ମହାକାଶରେ ରହିବାକୁ ପଡ଼ିବ। ତେବେ ମହାକାଶଚାରୀଙ୍କ ଲାଗି ଏତେ ପରିମାଣର ଖାଦ୍ୟ ପୃଥିବୀରୁ ନେବା ସମ୍ଭବ ନୁହେଁ। ଅନ୍ୟପଟେ ପୃଥିବୀଠାରୁ ଦୂରରେ ରହି ଗବେଷଣାରେ ନିୟୋଜିତ ମହାକାଶଚାରୀ ମାନସିକ ଚାପ କମାଇବାକୁ ବିଭିନ୍ନ ଭୋଜନ କରିବା ନିହାତି ଜରୁରୀ। ତେଣୁ ମହାକାଶ ପରିବେଶରେ ଫସଲ ଉତ୍ପାଦନ ଦିଗରେ ଏବେ ଗବେଷଣା କରୁଛନ୍ତି ବୈଜ୍ଞାନିକ। ଏସବୁ ଭିତର ଆଇଏସ୍ଏସ୍‌ରେ ମୂଳା ଉତ୍ପାଦନ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହୋଇଛି। ମହାକାଶଚାରୀଙ୍କୁ ଦିଆଯାଉଥିବା ପ୍ୟାକେଟ ଭୋଜନ ଓଜନ ବୃଦ୍ଧି ସମସ୍ୟାକୁ ଡାକି ଆଣୁଛି। ତେଣୁ ଏହାର ବିକଳ୍ପ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଭଳି ସମୟରେ ମୂଳା ଉତ୍ପାଦନ ଏକ ବଡ଼ ଆଶା ବୋଲି ନାସା ପକ୍ଷରୁ କୁହାଯାଇଛି।

ମହାକାଶର ମାଇକ୍ରୋଗ୍ରାଭିଟି ଏବଂ ପୃଥିବୀଠୁ ଦୂର ପ୍ରତିକୂଳ ପରିବେଶରେ ଫସଲ ଉତ୍ପାଦନ କ୍ଷେତ୍ରରେ ପାଦେ ଆଗରେ ରହିଛି ନାସା। ଗତ ମାସରେ ଆଇଏସ୍ଏସ୍ ଯାତ୍ରୀ କେଟ୍ ରୁବିନ୍ସ ୨୦ଟି ମୂଳାର ଫଟୋ ସେୟାର କରିଥିଲେ। ମାତ୍ର ୨୭ ଦିନ ଭିତରେ ଉତ୍ପାଦନକ୍ଷମ ହୋଇପାରୁଥିବାରୁ ବୈଜ୍ଞାନିକମାନେ ଆଇଏସ୍ଏସ୍ ମୂଳା ଫଳାଇବାକୁ ନିଷ୍ପତ୍ତି ନେଇଥିଲେ। ଏଥିପୂର୍ବରୁ ମହାକାଶରେ ୨୦୧୪ରୁ ୨୦୧୬ ଯାଏ ପତ୍ରକୋବି ଫଳାଯାଇଥିଲା। ଆଇଏସ୍ଏସ୍‌ରେ ଫସଲ ଉତ୍ପାଦନ ଲାଗି ସ୍ୱତନ୍ତ୍ର ସେଲ୍ ରହିଛି, ଯେଉଁସ୍ଥାନରେ ପରୀକ୍ଷାମୂଳକ ଭାବେ ବିଭିନ୍ନ ସବୁଜ ପରିବା ଫଳାଯାଉଛି।

## ମାସ୍କ ପିନ୍ଧିଛି ଖ୍ରୀଷ୍ଟମାସ ପିଗ୍




**ନୂଆଦିଲ୍ଲୀ:** କରୋନା କଟକଣା ଭିତରେ ବି ବିଭିନ୍ନ ୟୁରୋପୀୟ ଦେଶରେ ଖ୍ରୀଷ୍ଟମାସ ପାଇଁ ପ୍ରସ୍ତୁତି ଚାଲିଛି। କରୋନା ଦୃଷ୍ଟିରୁ ସମସ୍ତେ ସଚେତନ। ସେଥିପାଇଁ ତ ଖ୍ରୀଷ୍ଟମାସ ପିଗ୍ ବି ମାସ୍କ ପିନ୍ଧିବାକୁ ଭୁଲିନି। ହଁ ଏମିତି ଏକ କଥା ଶୁଣି ଅବଶ୍ୟ କେତେଜଣ ଭଲଭାବରେ ବୁଝି ପାରୁ ନ ଥିବେ। କିନ୍ତୁ ଖ୍ରୀଷ୍ଟମାସ ଟ୍ରିରେ ଏବେ ଏମିତି ମାସ୍କ ପିନ୍ଧା ପିଗ୍‌କୁ ହିଁ ଦେଖିବାକୁ ମିଳିଛି ୟୁରୋପର ଚେକ୍ ରିପବ୍ଲିକ୍‌ରେ।

ଖ୍ରୀଷ୍ଟମାସକୁ ଦୃଷ୍ଟିରେ ରଖି ଚେକ୍ ରିପବ୍ଲିକର ଅନେକ ସ୍ଥାନରେ ଖ୍ରୀଷ୍ଟମାସ ଟ୍ରି ସଜା ହୋଇଛି। ଖ୍ରୀଷ୍ଟମାସ ଟ୍ରିକୁ ବିଭିନ୍ନ ଭାବରେ ସଜାଇ ନିଜ ପାଇଁ ସୁଖ ସମୃଦ୍ଧି ଆଶା କରିଛନ୍ତି ଲୋକେ। ଚଳିତବର୍ଷ ଏଠାରେ ଖ୍ରୀଷ୍ଟମାସ ଟ୍ରିରେ ସଜା ହୋଇଥିବା ଗୋଲ୍ଡେନ ପିଗ୍‌ସବୁ ବିଭିନ୍ନ ରଙ୍ଗର ମାସ୍କ ପିନ୍ଧିଛନ୍ତି। ଆଉ ଏଭଳି ମାସ୍କ ପିନ୍ଧା ପିଗ୍ ତିଆରି କରିଛି ୟୁରୋପର ଓଜ୍‌ଡୋବା କମ୍ପାନୀ। ଏହା ସହିତ ଖ୍ରୀଷ୍ଟମାସ ଟ୍ରିରେ ବିଭିନ୍ନ ପ୍ରକାରର ଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ମଧ୍ୟ ଶୋଭା ପାଉଛି। ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବିଶ୍ୱାସ ଅନୁସାରେ ଖ୍ରୀଷ୍ଟମାସ ଟ୍ରିରେ ଥିବା ପିଗ୍ ଭାଗ୍ୟ ବଦଳାଇବା ସହିତ ସୁଖ ସମୃଦ୍ଧି ଆଣିଥାଏ। ତେଣୁ ଏସବୁ ପିଗ୍ ରଖିବା ନିମନ୍ତେ ଲୋକଙ୍କର ଢେର ଆକର୍ଷଣ ରହିଥାଏ। ମାତ୍ର ଏଥର କରୋନା ପାଇଁ ମାସ୍କ ପିନ୍ଧା ଗୋଲ୍ଡେନ ପିଗ୍‌ଗୁଡ଼ିକର ଆକର୍ଷଣ ବହୁ ଅଧିକ ରହିଛି। ଏଭଳି ମାସ୍କ ପିନ୍ଧାଥିବା ଗୋଲ୍ଡେନ ପିଗ୍‌ଗୁଡ଼ିକ ଅଧିକ ଲୋକପ୍ରିୟ ହେଉଥିବାରୁ ଅନ୍ୟ ଦେଶମାନଙ୍କୁ ମଧ୍ୟ ଏସବୁ ପଠାଇବା ପାଇଁ କମ୍ପାନୀ ପ୍ରସ୍ତୁତି ଆରମ୍ଭ କଲାଣି।

# ଯୁବତୀଙ୍କୁ ଜବରଦସ୍ତ ବିବାହ

## ସୁମ୍ବାରେ ଅଜବ ପରମ୍ପରା



**ଜାକର୍ତ୍ତା:** ଇଣ୍ଡୋନେସିଆ ବାଲିର ପୂର୍ବ ଭାଗରେ ସୁମ୍ବା ନାମକ ଏକ ଦ୍ୱୀପରେ ବିଭିନ୍ନ ପ୍ରାଚୀନ ସାଂସ୍କୃତିକ ପରମ୍ପରାକୁ ଅନୁସରଣ କରାଯାଇଥାଏ। କିନ୍ତୁ ବିବାଦୀୟ ପରମ୍ପରା ହେତୁ ଏହି ଦ୍ୱୀପ ଚର୍ଚ୍ଚାରେ ରହିଥାଏ। ପ୍ରକୃତପକ୍ଷେ ସୁମ୍ବାରେ ଯଦି କେହି ଯୁବକଙ୍କ କୌଣସି ଯୁବତୀ ପସନ୍ଦ ଆସିଲେ ତେବେ ସେ ତାଙ୍କୁ ଅପହରଣ କରି ନେଇ ବଳପୂର୍ବକ ବିବାହ କରିଥାନ୍ତି।

ଏହି ପ୍ରଥା ଅନୁଯାୟୀ, ପୁଅର ସମ୍ପର୍କୀୟମାନେ ତାଙ୍କ ସହିତ ମିଶି ଝିଅ ଅପହରଣରେ ସାହାଯ୍ୟ କରିଥାନ୍ତି। ଏଠାରେ ଏହା ଅପରାଧ ଶ୍ରେଣୀଭୁକ୍ତ ନୁହେଁ। ଏହି ବିବାହରେ ଯୁବତୀଙ୍କ ଇଚ୍ଛାକୁ ଦେଖାଯାଏ ନାହିଁ। ଫଳରେ ଏପରି ବିବାହରେ ଯୁବତୀଙ୍କ ସ୍ୱପ୍ନ ଭାଙ୍ଗି ଯାଇଥାଏ। ସେମାନଙ୍କୁ ମାନସିକସ୍ତରରେ ବହୁ ନକାରାତ୍ମକ ଭାବରେ ପ୍ରଭାବିତ ହେବାକୁ ପଡ଼ିଥାଏ।

ଏହି ଦ୍ୱୀପରେ ପ୍ରାୟ ସାଢ଼େ ୭ ଲକ୍ଷ ଲୋକ ବାସ କରନ୍ତି। ମାନବାଧିକାର ଗୋଷ୍ଠୀ ଏବଂ ମହିଳା ଅଧିକାର ଗୋଷ୍ଠୀ ଏହି ପ୍ରଥା ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି। ତେବେ ଚଳିତବର୍ଷ ସୋସିଆଲ ମିଡିଆରେ ଦୁଇଜଣ ଯୁବତୀଙ୍କୁ ଅପହରଣ କରିବାର ଭିଡିଓ ଭାଇରାଲ ହେବା ପରେ ଇଣ୍ଡୋନେସିଆ ସରକାର ଏହି ପ୍ରଥାକୁ ବନ୍ଦ କରିବା ପ୍ରତି ଧ୍ୟାନ ଦେଉଛନ୍ତି। ଆଧୁନିକ ଯୁଗରେ ଏହି ପ୍ରଥାକୁ ସମ୍ପୂର୍ଣ୍ଣ ହଟାଇବା ପାଇଁ ଉଦ୍ୟମ କରାଯିବ। କାରଣ ଏହା ମହିଳାଙ୍କ ଅଧିକାରର ବିରୋଧ ଅଟେ ବୋଲି ଇଣ୍ଡୋନେସିଆର ମନ୍ତ୍ରୀ ବିନ୍‌ତାଙ୍ଗ କହିଛନ୍ତି।

## କରୋନା ଲାଗି ଶତ୍ରୁ ହେଲେ ମିତ୍ର




**ୱାଶିଂଟନ:** କରୋନା ମହାମାରୀ ଲଢ଼େଇରେ ପୃଥିବୀର ବିଭିନ୍ନ ରାଷ୍ଟ୍ରର ବୈଜ୍ଞାନିକ ଔଷଧ ପ୍ରସ୍ତୁତି ପାଇଁ ଦିନରାତି ଲାଗି ରହିଛନ୍ତି। ପୃଥିବୀର କଲ୍ୟାଣ ପାଇଁ ଶତ୍ରୁ ରାଷ୍ଟ୍ର ବି କରୋନା ବିରୋଧରେ ମିତ୍ର ଭଳି କାମ କରିଛନ୍ତି। ଏମ୍-ଆର୍‌ଏନ୍‌ଏ(ଏମ୍-ରାଇବୋ ନ୍ୟୁକ୍ଲିକ୍‌ଏସିଡ୍) ଜ୍ଞାନକୌଶଳ କ୍ଷେତ୍ରରେ ଗବେଷଣା କରୁଥିବା ହଙ୍ଗେରୀ, ଗ୍ରୀସ୍ ଏବଂ ତୁର୍କୀର ବୈଜ୍ଞାନିକ ଏଥିରେ ସାମିଲ୍ ହୋଇଛନ୍ତି। ଗ୍ରୀସ୍ ଏବଂ ତୁର୍କୀ ମଧ୍ୟରେ ଥିବା ଶତ୍ରୁତା କରୋନା ଲଢ଼େଇରେ ଉଭେଇ ଯାଇଛି। ହଙ୍ଗେରୀର କାଟାଲିନ୍ କାରିକୋଙ୍କର ଏମ୍-ଆର୍‌ଏନ୍‌ଏ ଗବେଷଣା ଆଧାରରେ ଫାଇଜର ଏବଂ ମଡର୍ନା କରୋନା ପ୍ରତିଷେଧକ ଟିକା ପ୍ରସ୍ତୁତ କରାଯାଇଛି। ସେହିପରି ତୁର୍କୀର ବୈଜ୍ଞାନିକ ଉର୍ ସାହିନ୍ ଏବଂ ତାଙ୍କ ସ୍ତ୍ରୀ ଓଜଲେମ୍ ଟୁରେସିଙ୍କ ଦ୍ୱାରା ଏମ୍-ଆର୍‌ଏନ୍‌ଏ ଉପରେ ଗବେଷଣା କରାଯାଇଥିଲା। ଗ୍ରୀସ୍‌ର ବୈଜ୍ଞାନିକ ଅଲବର୍ଟ ବୁର୍ଲା ଫାଇଜରର ସିଓଇ ଭାବେ କାର୍ଯ୍ୟ କରୁଛନ୍ତି। ସେ କରୋନା ଲଢ଼େଇ ପାଇଁ କରିଥିବା ଗବେଷଣା ଲାଗି ସରକାରଙ୍କଠାରୁ ପାରିଶ୍ରମିକ ନେବାକୁ ମନା କରିଦେଇଛନ୍ତି। ଏମ୍-ଆର୍‌ଏନ୍‌ଏ ଜ୍ଞାନକୌଶଳ ଦ୍ୱାରା ଶରୀରରେ ଥିବା କୋଷିକାରେ ପ୍ରୋଟିନ୍ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଏହାଯୋଗୁ ଶରୀରର ରୋଗ ପ୍ରତିରୋଧକଶକ୍ତି ସୃଷ୍ଟିହୋଇ ପାରିଥାଏ।


**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



**ସାଗ୍ନିକ୍ ସୌରଭ ମାଇତି**
ବାପା: ସୁକୁମାର
ମାଆ:ଚମ୍ପାବତୀ
ସା: କରଂକମାଳ, ଧାମରା, ଭଦ୍ରକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
:ଶୁଭେଚ୍ଛା ସହ:
ଜେଜେ, ମା' ଓ ପରିବାରବର୍ଗ ।
ଧ-୧୯୦୧୬

**Happy Birthday**



(OMM)
**Chandra Sekhar Behera**
Bainchua, Gandhi Chhak
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
-:ଶୁଭେଚ୍ଛା ସହ:-
ବାବା, ମାମା, ଜେଜେ, ଅଜା, ଆଈ, ମାମୁଁ, କାକି, ଦାଦୁ, ସୋମ୍, ସିଲୁମାମୁଁ, ଅପା, ପିଉସା, ରଶ୍ମି ଆଣ୍ଟି, ଅଙ୍କଲ, ଇଲା ଆଣ୍ଟି, ଅଙ୍କଲ, ଅନି ମାଡାମ୍, ରୁଦ୍ର, ବନ୍ଧୁ ଓ ପରିବାରବର୍ଗ ।
D-19132

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଜାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡ଼ା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିଯୋଜିତ କରନ୍ତୁ କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

4G କମ୍ପାନୀ ଆବଶ୍ୟକ କରୁଛି ଗ୍ରାମ/ସହରରେ ଜମି/ଛାତ/ଚାଷଜମି 4G ଟାୱାର ସ୍ଥାପନ କରିବା ପାଇଁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 45 ହଜାର
ଯୋଗାଯୋଗ
9451882120

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


# ଅନ୍‌ଲାଇନ୍‌ର ସାଇଡ୍-ଇଫେକ୍ଟ



**ମାନିଲା:** ଅନ୍‌ଲାଇନ୍ ଅର୍ଡର କରି ସମସ୍ତେ ବିଭିନ୍ନ ପ୍ରକାରର ଜିନିଷ ମଗାଉଛନ୍ତି। କିନ୍ତୁ ଅନ୍‌ଲାଇନ ଅର୍ଡରରେ ବେଳେବେଳେ ଏମିତି ସାଇଡ୍ ଇଫେକ୍ଟ ଆସେ, ଯାହା ବିଷୟରେ କେହି କେବେ କଳ୍ପନା ବି କରିପାରି ନ ଥାନ୍ତି। ଠିକ୍ ଏମିତି କିଛି ଘଟିଛି ଫିଲିପାଇନ୍ସର ଜଣେ ୭ ବର୍ଷର ବାଳିକା ସହିତ। ଖାଇବା ପାଇଁ ଥରେ ଅର୍ଡର କରିବା ବଦଳରେ ଭୁଲ୍‌ରେ ଗୋଟିଏ ଅର୍ଡରକୁ ୪୨ ଥର ଅର୍ଡର କରି ଦେଇଥିଲେ ବାଳିକାଜଣକ। ଫଳରେ ମାତ୍ର ଅଧଘଣ୍ଟା ଭିତରେ ଘର ଆଗରେ ୪୨ଟି ଅର୍ଡର ଧରି ବାଇକ୍‌ରେ ପହଞ୍ଚିଥିଲେ ଅନ୍‌ଲାଇନ୍ ଡେଲିଭରି ବୟ। ଏମିତି ଏକ ଘଟଣାର ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଡାନ୍ କାନେ ସ୍ୱାରେଜ ନାମରେ ଜଣେ ବ୍ୟକ୍ତି ଫେସବୁକରେ ଏଭଳି ଏକ ଖବର ସମ୍ପର୍କରେ ପ୍ରକାଶ କରି ଭିଡିଓ ବି ଶେୟାର କରିଛନ୍ତି। ପ୍ରକୃତରେ ଫିଲିପାଇନ୍ସର ସବୁ ସିଟିରେ ଥିବା ଜଣେ ୭ ବର୍ଷର ଝିଅ ତା' ଜେଜେମା'ଙ୍କ ସହିତ ରୁହନ୍ତି। କାରଣ ତାଙ୍କ ବାପା ଓ ମାଆ କର୍ମଜୀବୀ ହୋଇଥିବାରୁ ଅଧିକାଂଶ ସମୟ ବାହାରେ ରୁହନ୍ତି। ତେଣୁ ଝିଅ ପାଖରେ ଖାଦ୍ୟ ଅର୍ଡର କରିବା ପାଇଁ ଏକ ସ୍ମାର୍ଟଫୋନ ଇଣ୍ଟରନେଟ୍ ସଂଯୋଗ ସହିତ ରଖା ଯାଇଥାଏ। ସ୍ମାର୍ଟ ଫୋନରେ ଝିଅଟି ଖାଦ୍ୟ ଅର୍ଡର କରିବା ସମୟରେ ଇଣ୍ଟରନେଟ୍ ଦୁର୍ବଳ ଥିବାରୁ ସେ ବାରମ୍ବାର ଦବାଇ ଦେଇଥିଲେ। ଫଳରେ ଅର୍ଡର ଦେଖା ଯାଉ ନ ଥିଲେ ବି ଭୁଲ୍‌ରେ ୪୨ ଥର ଅର୍ଡର ହୋଇଯାଇଥିଲା। ଝିଅଟି ତା' ଜେଜେମା ଓ ତା' ପାଇଁ ଦୁଇଟି ମିଲ୍ ମଗାଇବାକୁ ଚାହୁଁଥିଲେ। କିନ୍ତୁ ଅର୍ଡର ହୋଇଥିଲା ୪୨ଟି ମିଲ୍। ଫଳରେ ମାତ୍ର ଅଧଘଣ୍ଟା ମଧ୍ୟରେ ତାଙ୍କ ଘର ଆଗରେ ୪୨ଟି ଗାଡ଼ି ଆସି ଖାଦ୍ୟ ସହିତ ପହଞ୍ଚିଥିଲା। ଏଭଳି ଏକ ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ହଠାତ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିନ୍ତୁ ଏତେଗୁଡ଼ିଏ ଖାଦ୍ୟ ଅର୍ଡରକୁ କ'ଣ କରାଯିବ ଭାବି ପଡ଼ୋଶୀମାନଙ୍କ ମଧ୍ୟରୁ କେତେଜଣ ଅର୍ଡର ରଖି ଝିଅଟିର ଭୁଲ୍ ସୁଧାରିବାକୁ ଚେଷ୍ଟା କରିଥିଲେ।

# ଘରୋଇ କ୍ରିକେଟ

**ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ ସିଜନ୍ ଆରମ୍ଭ କରିବାକୁ ତତ୍ପରତା ପ୍ରକାଶ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ସଫଳ ଆୟୋଜନ ପରେ ମହାମାରୀର ପ୍ରକୋପ ଜାରି ରହିବା ସତ୍ତ୍ୱେ ବିସିସିଆଇ ଏଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି.....**



ନିର୍ମଳ କୁମାର ମିଶ୍ର



ରଣଜୀ ଟ୍ରଫି




ସୟଦ ମୁସ୍ତାକ ଅଲି ଟ୍ରଫି

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ସଫଳ ଆୟୋଜନ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ ସିଜନ୍ ପାଇଁ ତତ୍ପରତା ପ୍ରକାଶ କରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହୋଇ ଆସୁଥିବା ରଣଜୀ ଟ୍ରଫି ଘରୋଇ କ୍ରିକେଟର ସବୁଠାରୁ ସମ୍ମାନଜନକ ଟୁର୍ନାମେଣ୍ଟ ବିବେଚିତ ହୋଇଥାଏ। କୋଭିଡ-୧୯ ମହାମାରୀ ଯୋଗୁ ଏଥର ଘରୋଇ ସିଜନ୍ ଆରମ୍ଭରେ ବିଳମ୍ବ ଘଟିଛି। ଆଇପିଏଲର ସମାପ୍ତି ପରେ ନଭେମ୍ବର ୧୯ ତାରିଖରୁ ଏହି ପ୍ରିମିୟର ପ୍ରଥମଶ୍ରେଣୀ କ୍ରିକେଟ ଆରମ୍ଭ ହେବା ପାଇଁ ସମସ୍ତ ରାଜ୍ୟର କ୍ରିକେଟ ଆସୋସିଏଶନଗୁଡ଼ିକୁ ସୂଚନା ଦିଆଯାଇଥିଲା। କିନ୍ତୁ କ୍ୱାରାଣ୍ଟାଇନ ପ୍ରୋଟୋକଲ ଯୋଗୁ ବିଭିନ୍ନ ଆଇପିଏଲ ଟିମ୍‌ରେ ଖେଳୁଥିବା ଭାରତୀୟ ଖେଳାଳିମାନେ ନିଜ ନିଜ ଦଳ ପକ୍ଷରୁ ଖେଳିପାରିବେ ନାହିଁ ବୋଲି କୁହାଗଲା ଓ ଏଥିପାଇଁ କାର୍ଯ୍ୟସୂଚୀରେ ପୁନର୍ବାର ପରିବର୍ତ୍ତନ କରାଗଲା।

ପରିବର୍ତ୍ତିତ ନିଷ୍ପତ୍ତି କ୍ରମେ ମହାମାରୀର ପ୍ରକୋପ ଜାରି ରହିବା ସତ୍ତ୍ୱେ ବିସିସିଆଇ ଘରୋଇ ସେସନ ଆରମ୍ଭ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଡିସେମ୍ବର ଓ ମାର୍ଚ୍ଚରେ ଦେଶର ୬ଟି ଜୈବ ସୁରକ୍ଷିତ ହବ୍ ସୃଷ୍ଟି କରାଯିବା ଉପରେ ବିସିସିଆଇ ଯୋଜନା କରୁଛି। ଏଥିପାଇଁ ବୋର୍ଡ ଚିଠି ଲେଖି ରାଜ୍ୟ ଆସୋସିଏଶନଗୁଡ଼ିକର ମତାମତ ଲୋଡ଼ିଛି। ଆସୋସିଏଶନଗୁଡ଼ିକୁ ୪ଟି ବିକଳ୍ପ ଦିଆଯାଇଛି। ପ୍ରଥମ ବିକଳ୍ପ ହେଉଛି କେବଳ ରଣଜୀ ଟ୍ରଫି ଆୟୋଜନ। ଦ୍ୱିତୀୟ ବିକଳ୍ପ ହେଉଛି କେବଳ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ଆୟୋଜନ। ତୃତୀୟ ବିକଳ୍ପ ହେଉଛି ମିଳିତ ଭାବେ ରଣଜୀ ଟ୍ରଫି ଓ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଆୟୋଜନ। ଚତୁର୍ଥ ବିକଳ୍ପ ହେଉଛି ଦୁଇ ସୀମିତ ଓଭର ଟୁର୍ନାମେଣ୍ଟ (ମୁସ୍ତାକ ଅଲି ଓ ବିଜୟ ହଜାରେ ଟ୍ରଫି) ପାଇଁ ୱିଣ୍ଡୋ ପ୍ରସ୍ତୁତ କରିବା। ରାଜ୍ୟ ଆସୋସିଏଶନଗୁଡ଼ିକୁ ଲେଖିଥିବା ଚିଠିରେ ବିସିସିଆଇ ଟୁର୍ନାମେଣ୍ଟଗୁଡ଼ିକର ସମ୍ଭାବ୍ୟ ସମୟ ସମ୍ପର୍କରେ ଉଲ୍ଲେଖ କରିଛି। ରଜଣୀ ଟ୍ରଫି ପାଇଁ ୬୭ ଦିନ (୧୧ ଜାନୁୟାରୀରୁ ୧୮ ମାର୍ଚ୍ଚ) ଏବଂ ମୁସ୍ତାକ ଅଲି ଟୁର୍ନାମେଣ୍ଟ ପାଇଁ ୨୨ ଦିନ (ଡିସେମ୍ବର ୨୦ରୁ ଜାନୁୟାରୀ ୧୦) ଆବଶ୍ୟକ ହେବ ବୋଲି କୁହାଯାଇଛି। ଯଦି ବିଜୟ ହଜାରେ ଟ୍ରଫି ଖେଳାଯାଏ ତେବେ ଏହା ଜାନୁୟାରୀ ୧୧ରୁ ଫେବୃୟାରୀ ୭ (୨୮ ଦିନ) ମଧ୍ୟରେ ଆୟୋଜନ ହେବ ବୋଲି ଉଲ୍ଲେଖ କରାଯାଇଛି।

ଏହା ବ୍ୟତୀତ ବିସିସିଆଇ ଆଇପିଏଲ-୧୪ ଭାରତରେ ଆୟୋଜନ କରିବା ଲାଗି ଆଶା ରଖିଛି। ଏହା ଆସନ୍ତା ବର୍ଷ ମାର୍ଚ୍ଚ କିମ୍ବା ଏପ୍ରିଲ ଶେଷ ଭାଗରେ ଆରମ୍ଭ ହେବ। ରଣଜୀ ଟ୍ରଫି ଫାଇନାଲ ଏବଂ ଆଇପିଏଲ ଆରମ୍ଭ ମଧ୍ୟରେ ମାତ୍ର ୩ ସପ୍ତାହର ଫରକ ରହିବ। ଗତବର୍ଷ ରଣଜୀ ଟ୍ରଫି ସୌରାଷ୍ଟ୍ର ଜିତିଥିବା ବେଳେ ଦୁଲ୍ଲୀପ ଟ୍ରଫି ଇଣ୍ଡିଆ ରେଡ୍, ବିଜୟ ହଜାରେ ଟ୍ରଫି କର୍ନାଟକ, ଦେଓଧର ଟ୍ରଫି ଇଣ୍ଡିଆ 'ବି' ଏବଂ ଗୁରୁତ୍ୱପୂର୍ଣ୍ଣ ସୟଦ ମୁସ୍ତାକ ଅଲୀ ଟ୍ରଫି କର୍ନାଟକ ଏବଂ ଆଇପିଏଲ୍ ମୁମ୍ବାଇ ଇଣ୍ଡିଆନ୍ସ ଜିତିଥିଲା। ରଣଜୀ ଟ୍ରଫିକୁ ଜୋନାଲ ଫର୍ମାଟକୁ ଫେରାଇ ଆଣିବା ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ଏହାକୁ ସମର୍ଥନ ମିଳିନାହିଁ। ପୁନର୍ବାର ଗ୍ରୁପ ଲିଗ୍ ଫର୍ମାଟ ଚାଲୁରଖିବା ପାଇଁ ନିଷ୍ପତ୍ତି ହୋଇଛି। ଗତ ଦୁଇ ବର୍ଷ ହେବ ଗ୍ରୁପ 'ଏ' ଏବଂ 'ବି'ରୁ ଅଧିକ ପଏଣ୍ଟ ହାସଲ କରୁଥିବା ୫ଟି ଦଳ କ୍ୱାଲିଫାଏ କରୁଥିଲେ। ମାତ୍ର ଚଳିତ ବର୍ଷ 'ଏ' 'ବି' ଏବଂ 'ସି' ଗ୍ରୁପର ୨ଟି ଲେଖାଏ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ପ୍ରତି ଗ୍ରୁପରେ ୮ଟି ଲେଖାଏ ଦଳ ସ୍ଥାନ ପାଇବେ। ୭ମ କ୍ୱାର୍ଟର ଫାଇନାଲିଷ୍ଟ ତିନୋଟି ଗ୍ରୁପର ଶ୍ରେଷ୍ଠ ତୃତୀୟ ଦଳ ହେବା ସହିତ ଗ୍ରୁପ 'ଡି' ଏବଂ 'ଇ' ମଧ୍ୟରେ ଖେଳାଯିବାକୁ ଥିବା ପ୍ଲେ ଅଫ୍ ଗେମର ବିଜେତା ୮ମ ଦଳ ରୂପେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳିବ। ମୋଟ ୩୮ଟି ଦଳକୁ ନେଇ ୧୫୦ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଦିନ ବିଭିନ୍ନ ଗ୍ରାଉଣ୍ଡରେ ୧୦ଟି ମ୍ୟାଚ ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ ଯେ, ୧୯୩୪ ମସିହା ନଭେମ୍ବର ୪ ତାରିଖରେ ପ୍ରଥମ ରଣଜୀ ମ୍ୟାଚ ମାଡ୍ରାସ୍ ଏବଂ ମହୀଶୂର ମଧ୍ୟରେ ଚେପକ ଷ୍ଟାଡିୟମରେ ଖେଳାଯାଇଥିଲା। ଏହି ରଣଜୀ ଟ୍ରଫିର ନାମ ପ୍ରଥମେ 'କ୍ରିକେଟ୍ ଚାମ୍ପିୟନଶିପ୍ ଅଫ ଇଣ୍ଡିଆ' ରୂପେ ଖେଳାଯାଉଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ରଣଜୀତ ସିଂ କେବେ ମଧ ଭାରତୀୟ ଦଳ ପକ୍ଷରୁ ଖେଳି ନାହାନ୍ତି। ମୁମ୍ବାଇ ଦଳ ସର୍ବାଧିକ ୪୧ଥର ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଚାମ୍ପିୟନ ରହିଥିବା ବେଳେ କର୍ନାଟକ ୮ଥର ଏବଂ ଦିଲ୍ଲୀ ସାତ ଥର ଚାମ୍ପିୟନ ରହିଛି। ୧୯୫୮ରୁ ୧୯୭୩ ପର୍ଯ୍ୟନ୍ତ ଦୀର୍ଘ ୧୫ବର୍ଷ ମୁମ୍ବାଇ କ୍ରମାଗତ ଚାମ୍ପିୟନ ରହି ରେକର୍ଡ କରିଛି। ରଣଜୀ ଟ୍ରଫିର ପ୍ରଦର୍ଶନ ଆଧାରରେ ଜାତୀୟ ମନୋନୟନ କମିଟି ଶ୍ରେଷ୍ଠ ଖେଳାଳିମାନଙ୍କୁ ଜାତୀୟ ଦଳରେ ସାମିଲ କରିଥାଏ। ଏପରିକି ଜାତୀୟ ଦଳ ପାଇଁ ମନୋନୀତ ହୋଇ ଖରାପ ପ୍ରଦର୍ଶନ କରିଥିବା ଖେଳାଳିମାନେ ପୁନର୍ବାର ରଣଜୀ ଟ୍ରଫିରେ ନିଜ ଦଳ ପକ୍ଷରୁ ପ୍ରତ୍ୟାବର୍ତ୍ତନ କରି ନିଜର ଦକ୍ଷତା, କୌଶଳ ଏବଂ ଦୋଷତ୍ରୁଟିରେ ସୁଧାର ଆଣି ପୁନର୍ବାର ଜାତୀୟ ଦଳରେ ସାମିଲ ହୋଇଛନ୍ତି।

ଏଥି ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ମଧ୍ୟ ଏକ ସନ୍ତୁଳିତ ଦଳ ଚୟନ ପାଇଁ ଦୀର୍ଘ ସମୟ ପୂର୍ବରୁ ତା'ର ପ୍ରସ୍ତୁତି ଆରମ୍ଭ କରିଛି। ସମସ୍ତ ଜିଲାଗୁଡ଼ିକରେ ଅଭ୍ୟାସ ମ୍ୟାଚ ମାଧ୍ୟମରେ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ସର୍ବୋଚ୍ଚ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଆୟୋଜନ କୋଭିଡ-୧୯ର ପ୍ରକୋପ ଯୋଗୁ ଓସିଏ ବନ୍ଦ କରିଥିବା ବେଳେ ଏହି ଅଭ୍ୟାସ ମ୍ୟାଚ ମାଧ୍ୟମରୁ ପ୍ରତ୍ୟେକ ଜିଲା ସେମାନଙ୍କ ସୀମିତ ସଂଖ୍ୟକ ଶ୍ରେଷ୍ଠ ଖେଳାଳିମାନଙ୍କୁ ପଠାଇବେ। ରଣଜୀ ଟ୍ରଫି ଆରମ୍ଭ ପୂର୍ବରୁ ଅନେକ ଗୁଡ଼ିଏ ଅଭ୍ୟାସ ମ୍ୟାଚ ଅନୁଷ୍ଠିତ ହୋଇ ସେଥିମଧ୍ୟରୁ ଶ୍ରେଷ୍ଠ ଖେଳାଳିମାନଙ୍କ ଚୟନ ହୋଇ ରାଜ୍ୟ ପାଇଁ ଦଳ ମନୋନୟନ କରାଯିବ। ଏହା ଓସିଏ ଏବଂ ଚୟନକର୍ତ୍ତାମାନଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ୍ ହେବ। ଓସିଏ ଏଥର ଏକ ଟି୨୦ ଲିଗ୍ ଆୟୋଜନ ପାଇଁ ଚିନ୍ତା କରୁଛି। ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ) ଟି୨୦ ଏବଂ ସୟଦ ମୁସ୍ତାକ ଅଲୀ ଟ୍ରଫି ପାଇଁ ପ୍ରସ୍ତୁତି ଲାଗି ଏକ ଚୟନ ଟ୍ରାଏଲ ଲାଗି ଯୋଜନା ଚାଲିଛି। ଟ୍ରାଏଲ ମ୍ୟାଚ ପାଇଁ ମନୋନୟନ କମିଟି ୧୬୮ କ୍ରିକେଟରଙ୍କୁ ମନୋନୀତ କରିବ। ଟିସିଏମ୍ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍‌ର ସହଯୋଗରେ ଓସିଏଲ୍ ଟି୨୦ ଲିଗ୍ ଆୟୋଜନ ହେବ। ଶେଷରେ ଓଡ଼ିଶାର ଶ୍ରେଷ୍ଠ ୮୪ ଖେଳାଳିଙ୍କୁ ୬ଟି ଦଳରେ ବିଭକ୍ତ କରାଯାଇ ଓସିଏଲ୍ ଟି୨୦ ଲିଗ୍ ଖେଳାଯିବ। ଖେଳାଳି ମନୋନୟନ ପାଇଁ ଡିସେମ୍ବର ୫ରୁ ଟ୍ରାଏଲ ମ୍ୟାଚ ହେବାର କାର୍ଯ୍ୟକ୍ରମ ରହିଛି।

## ବିଗ୍

ଅନପ୍ରେଡିକ୍ଟେବଲ ଖେଳ ପାଇଁ ଥରେ
ପ୍ରତିପକ୍ଷଙ୍କର ଛାତି
ଆର୍ଜେଣ୍ଟିନା ବିଗ୍ ହିରୋ ମାରାଡୋନା
ପାଇଁ କାନ୍ଦେ ଦେଶ ଜାତି
ସ୍ତବ୍ଧ ଫୁଟବଲ ସାଥୀ
ତୁମ ବିୟୋଗରେ କାମନା ଅମର
ଆତ୍ମାର ହେଉ ସଦ୍‌ଗତି।

ସିଙ୍ଗାପୁର ଇମ୍ରାନ ଖ୍ୱାଜାକୁ ହରାଇ
ଗ୍ରେଗ୍ ବାର୍କଲେ ବାଜିମାତ୍
ଆଇସିସି ନୂଆ ସ୍ୱତନ୍ତ୍ର ଅଧକ୍ଷ
ଭାବେ ହେଲା ନିର୍ବାଚିତ
ସାନ ବଡ଼ ସମ ମିତ
ବିଗ୍ ଥ୍ରୀ ଧାରଣାର ଅସ୍ତିତ୍ୱ ନାହିଁ କହେ
ଦେଖ କେଡେ ବଡ଼ ମତ।




ଲେଡି ଖେଳାଳିଙ୍କୁ ଯୌନ ଶୋଷଣ
ଅଭିଯୋଗ ପାଇ ଫିଫା
ପଦବୀର ଅପବ୍ୟବହାର ଯୋଗୁଁ
ଜିନ୍ କାର୍ଟକୁ କଲା ସଫା
ଆକ୍ସସ ଜିରୋ ପାଇଁ ଅପା
ରେପ୍ ମର୍ଡର ପରେ
ଆତ୍ମହତ୍ୟା ଉଦ୍ୟମ
କରୁଛନ୍ତି ମାଆପାପା।

-ସୁବାସ ଚନ୍ଦ୍ର ପ୍ରଧାନ

# ୩୪ ବର୍ଷୀୟ ଗିରୋଡ୍ ଦେଲେ ୪ ଗୋଲ୍

**ସେଭିଲି (ସ୍ପେନ୍), ୩।୧୨ (ଏପି)**

ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସବୁଠାରୁ ବୟସ୍କ ଖେଳାଳି ଭାବେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଚେଲ୍‌ସି ଷ୍ଟ୍ରାଇକର ଅଲିଭର ଗିରୋଡ୍। ସେଭିଲା ବିପକ୍ଷରେ ମ୍ୟାଚରେ ୪ ଗୋଲ ସ୍କୋର କରି ତାଙ୍କ ଦଳକୁ ୪-୦ ଗୋଲରେ ବିଜୟୀ କରାଇଛନ୍ତି। ଏହାଦ୍ୱାରା ଚେଲ୍‌ସି ଗ୍ରୁପ୍-ଇ'ରେ ପ୍ରଥମ ସ୍ଥାନ ଅଧିକାର କରିଛି। ୧୯୬୫ରେ ୟୁରୋପିଆନ୍ କପ୍‌ର ଏକ ମ୍ୟାଚରେ ଫେରେଙ୍କ୍ ପୁକାସ ୩ ଗୋଲ ସ୍କୋର କରିବାପରଠାରୁ ୩୪ ବର୍ଷ ବୟସରେ ଏକ ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ଅର୍ଜନ କରିବାରେ ଗିରୋଡ୍ ସବୁଠାରୁ ବୟସ୍କ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଫ୍ରାନ୍ସର ଏହି ଅନ୍ତର୍ଜାତୀୟ ଷ୍ଟ୍ରାଇକର ୮ମ ଓ ୫୪ତମ ମିନିଟ୍‌ରେ ନିଖୁଣ ଶଟ୍ ମାରି ଗୋଲ ସ୍କୋର କରିଥିଲେ। ପରେ ୭୪ତମ ମିନିଟ୍‌ରେ ଏକ ହେଡର ଏବଂ ୮୩ ତମ ମିନିଟ୍‌ରେ ଏକ ପେନାଲ୍ଟି କିକ୍‌କୁ ସେ ଗୋଲରେ ରୂପାନ୍ତରିତ କରିଥିଲେ। ଚାମ୍ପିୟନ୍ସ ଲିଗ୍‌ର ଗୋଟିଏ ମ୍ୟାଚରେ ଜଣେ ବ୍ୟକ୍ତିଗତ ୪ଟି ଗୋଲ ସ୍କୋର କରିବା ଏକ ବଡ଼ ସଫଳତା। ଏଥିରେ ସେ ଖୁବ୍ ଆନନ୍ଦିତ ବୋଲି କହିଛନ୍ତି ଚେଲ୍‌ସି କୋଚ୍ ଫ୍ରାଙ୍କ୍ ଲାମ୍ପାର୍ଡ। ଗିରୋଡ୍ ଏହା ପୂର୍ବରୁ ଆଉ ଥରେ ୪ଗୋଲ ସ୍କୋର କରିଥିଲେ। ଫ୍ରାନ୍ସରେ ଲିଗ୍-୨ରେ ଟୁର୍ସ ଦଳ ତରଫରୁ ଖେଳୁଥିବାବେଳେ ଗୋଟିଏ ମ୍ୟାଚରେ ସେ ୪ଟି ଗୋଲ ଦେଇଥିଲେ। ଚାମ୍ପିୟନ୍ସ ଲିଗ୍‌ରେ ଚେଲ୍‌ସି ତରଫରୁ ହ୍ୟାଟ୍ରିକ ଅର୍ଜନ କରିବାରେ ଗିରୋଡ୍ ଦ୍ୱିତୀୟ ଖେଳାଳି। ତାଙ୍କ ପୂର୍ବରୁ ୨୦୦୬ରେ ଡିଡିଏ ଡ୍ରୋଗ୍‌ବା ଏହି ସଫଳତା ହାସଲ କରିଥିଲେ।



ଚାମ୍ପିୟନ୍ସ ଲିଗ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିଥିବା ଅଲିଭର ଗିରୋଡ୍।

# ବୁମ୍‌ରା ରିଦିମ୍‌କୁ ଫେରିବାର ଫଳ

**ଭିଭିଏସ୍ ଲକ୍ଷ୍ମଣ**

ଅଷ୍ଟ୍ରେଲିଆ ସିରିଜ ଜିତିସାରିଥିଲେ ହେଁ ତୃତୀୟ ତଥା ଅନ୍ତିମ ଦିନିକିଆରେ ଭାରତ ଯେପରି ଉତ୍ସାହଜନକ ପ୍ରଦର୍ଶନ କଲା ତାହା ଦର୍ଶନୀୟ। ଫଳରେ ଦଳକୁ କାନ୍‌ବେରାରେ ୧୩ ରନର ମହତ୍ତ୍ୱପୂର୍ଣ୍ଣ ବିଜୟ ମିଳିଲା। ଶୁକ୍ରବାରରୁ ଆରମ୍ଭ ହେବାକୁ ଯାଉଥିବା ଟି୨୦ ସିରିଜରେ ଭାରତ ଏହି ମୋମେଣ୍ଟମକୁ ଧରି ରଖିବା ଆଶା ରହିଛି। ଅଧିନାୟକ ବିରାଟ କୋହଲି ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତିଲେ। ମାତ୍ର ସ୍କୋର ବୋର୍ଡରେ ଯଦି ରନ ନ ଥାନ୍ତା ତେବେ ଏହାର କିଛି ମୂଲ୍ୟ ରହି ନ ଥାନ୍ତା। କୋହଲିଙ୍କୁ ଛାଡ଼ିଦେଲେ ଟପ୍ ଅର୍ଡର ପ୍ରଦର୍ଶନ ପୁଣି ଫିକା ରହିଲା। ଏହା ଭଲ ନୁହେଁ। ଶୁବମନ ଗିଲ୍ କେତେକ ଦର୍ଶନୀୟ ଷ୍ଟ୍ରୋକ୍ ଖେଳିଥିଲେ। ତାଙ୍କ ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେଉଥିବା ପରିଲକ୍ଷିତ ହେଉଛି। ଅତି ଚତୁରତାର ସହ ସେ ପରିସ୍ଥିତିର ଗମ୍ଭୀରତାକୁ ବୁଝି ପାରିଥିଲେ। ଭାରତ କମ୍ ରନ ବ୍ୟବଧାନରେ ଶ୍ରେୟାସ ଆୟାର, ଲୋକେଶ ରାହୁଲ ଓ ବିରାଟଙ୍କ ଉଇକେଟ ହରାଇଥିଲା। ସେଠାରେ ଆଉ ଏକ ଉଇକେଟ ପଡ଼ିଥିଲେ ଟସ୍ ଜିତିବାର ଆଡ୍‌ଭାଣ୍ଟେଜ୍ ମୂଲ୍ୟହୀନ ହୋଇଯାଇଥାନ୍ତା। ମାତ୍ର ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ଉତ୍ତମ ବୁଝାମଣା ରକ୍ଷା କରି ସ୍ମରଣୀୟ ପାର୍ଟନରଶିପ୍ ଗଢ଼ିଲେ। ବ୍ୟାଟ୍ସମ୍ୟାନଭାବେ ଦୁହେଁ ପରିପକ୍ୱତା ପ୍ରଦର୍ଶନ କଲେ।

ହାର୍ଦ୍ଦିକ ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନଭାବେ ବେଶ୍ ପରିଚିତ। ମାତ୍ର ଏହି ସିରିଜରେ ସେ ଦେଖାଇ ଦେଲେ ଯେ, ସେ ଏକାଧିକ ଗିୟରରେ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସେ ପରିସ୍ଥିତିକୁ ହୃଦୟଙ୍ଗମ କରି ପ୍ରଥମେ ଇନିଂସ ଗଢ଼ିବା ଉପରେ ମନ ଦେବାପରେ ଶେଷ ଭାଗରେ ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଏହି ଟୁର୍‌ରେ ସେ ବ୍ୟାଟିଂ କ୍ଷେତ୍ରରେ ଭାରତ ପାଇଁ ସବୁଠାରୁ ଉପାଦେୟ ସାବ୍ୟସ୍ତ ହୋଇଛନ୍ତି। ଗତ ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିବାପରେ ଜାଡେଜାଙ୍କ ବ୍ୟାଟିଂ ଭିନ୍ନସ୍ତରକୁ ସ୍ପର୍ଶ କରିଛି। ସେ ନିଜ ଉପରେ ଯଥେଷ୍ଟ ଭରସା ରଖନ୍ତି ଏବଂ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଭାବେ ଚିନ୍ତା କରିଥାନ୍ତି। ସେ ଓ ହାର୍ଦ୍ଦିକ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି ଭାରତ ସ୍କୋରକୁ ୩୦୦ ଅତିକ୍ରମ କରାଇଲେ। ଏହାପରେ ପ୍ରକୃତ ଯଶପ୍ରୀତ୍ ବୁମ୍‌ରାଙ୍କୁ ଦେଖିବାକୁ ମିଳିଥିଲା। ଦୁର୍ଭାଗ୍ୟଜନକଭାବେ ସେ ନିଜ ପ୍ରଥମ ସ୍ପେଲରେ ଉଇକେଟ ପାଇ ନ ଥିଲେ ହେଁ ନୂଆ ବଲରେ ବାଉନ୍ସ ଏବଂ ଭଲ ମୁଭ୍‌ମେଣ୍ଟ ପାଇଥିଲେ। ସେ ନିଜ ମୌଳିକତାକୁ ଫେରିବା ଦେଖି ଭଲ ଲାଗିଲା, କାରଣ ଟେଷ୍ଟ ମ୍ୟାଚ ଅବସରରେ ଭାରତ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ। ଗୋଟିଏ ପଟରେ ବୁମ୍‌ରା ଚାପ ପକାଇବାରୁ ଅନ୍ୟ ପଟରେ ଭାରତ ଉଇକେଟ ପାଇବା ସମ୍ଭବ ହେଲା। ଫଳ ସ୍ୱରୂପ ଅଷ୍ଟ୍ରେଲିଆ ପୂରା ୫୦ ଓଭର ବ୍ୟାଟିଂ କରି ପାରିଲାନାହିଁ।

ଅନ୍ତର୍ଜାତୀୟ କ୍ରିକେଟରେ ଟି. ନଟରାଜନଙ୍କ ପ୍ରଥମ ଦିନକୁ ମୁଁ ବେଶ୍ ଉପଭୋଗ କରିଛି। ୟୁଏଇରେ ତାଙ୍କ ସହିତ ଅଢ଼େଇ ମାସ କାର୍ଯ୍ୟ କରିଥିବାରୁ ତାଙ୍କ ସମ୍ପର୍କରେ ଅନେକ କିଛି ଜାଣିଛି। ଅନ୍ୟମାନଙ୍କ କଥା ଶୁଣିବା ଏବଂ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସେ ସଦା ତତ୍ପର। ଅନ୍ୟତମ ହିରୋ ଶାର୍ଦ୍ଦୁଳ ଠାକୁର ଉତ୍ତମ ଲେନ୍ଥରେ ବୋଲିଂ କରି ୩ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହାସଲ କଲେ। ଦୁଇଟି ବୃହତ୍ ପରାଜୟ ପରେ ଏହି ବିଜୟ ଭାରତର ମନୋବଳକୁ ଦୃଢ଼ କରିଛି। ବୁମ୍‌ରା ରିଦିମ୍‌କୁ ଫେରିବାର ଏହା ଫଳ ବୋଲି କୁହାଯାଇପାରେ।

-(ଗେମ୍ ପ୍ଲାନ୍)




# 'ପ୍ରକୃତ ହିରୋଙ୍କୁ ଅଣଦେଖା କରା ନ ଯାଉ'

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି)**

''ଧ୍ୟାନଚାନ୍ଦ ହେଉଛନ୍ତି ବିଶ୍ୱର ରତ୍ନ। ଖେଳ ଦୁନିଆର ରତ୍ନ, ଆମ ରାଜ୍ୟ ଏବଂ ଦେଶର ରତ୍ନ। ଧ୍ୟାନଚାନ୍ଦ ଥିଲେ ହକି ଜଗତର ମାର୍ଗଦର୍ଶକ। ହକିକୁ ବିଶ୍ୱସ୍ତରରେ ଯଦି କେହି ପରିଚିତ କରାଇ ପାରିଛନ୍ତି ତେବେ ସେ ହେଉଛନ୍ତି ଧ୍ୟାନଚାନ୍ଦ। ଭାରତକୁ ଯଦି କେହି ହକି ଖେଳାଳି ଅଲିମ୍ପିକ୍‌ର ସ୍ୱର୍ଣ୍ଣ ପଦକ ଦେଖାଇଛନ୍ତି ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଏହି ଧ୍ୟାନଚାନ୍ଦଙ୍କ ନାମ ରହିବ। ପ୍ରକୃତ ହିରୋଙ୍କୁ କେବେ ଅଣଦେଖା କରା ନ ଯାଉ। ତାଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଉ ବୋଲି ଗୁରୁବାର ଏହି ମହାନ ଖେଳାଳିଙ୍କ ୪୧ତମ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଦାବି ଦୋହରାଇଛନ୍ତି ପଦ୍ମଶ୍ରୀ ଦିଲୀପ ତିର୍କୀ। ଦେଶର ପ୍ରଥମ କ୍ରୀଡ଼ାବିତ୍‌ଭାବେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଭାରତ ରତ୍ନ ପାଇଛନ୍ତି। ସେ ଏହାର ହକ୍‌ଦାର ଥିଲେ। କାରଣ ସଚିନ ହେଉଛନ୍ତି ବିଂଶ ଶତାବ୍ଦୀର ମହାନ୍ ଖେଳାଳି। ସେହିପରି ଧ୍ୟାନଚାନ୍ଦ ଉନ୍ନବିଂଶ ଶତାବ୍ଦୀର ଜଣେ କିମ୍ବଦନ୍ତୀ କ୍ରୀଡ଼ାବିତ୍। ୨୦୧୫-୧୬ରୁ ଆମେ ସମସ୍ତେ ମିଶି ତାଙ୍କୁ ଭାରତ ରତ୍ନ ମିଳୁ ବୋଲି ନୂଆଦିଲ୍ଲୀରେ ଅଭିଯାନ ଆରମ୍ଭ କରିଥିଲୁ। ସେଠାରେ ଅଜିତ ପାଲ୍ ସିଂ, ଜାଫର ଇକବାଲ, ଅଶୋକ କୁମାର, ଏମ୍. ପି. ସିଂ ଆଦି ହକି ଜଗତର ଅନେକ ସୁପରଷ୍ଟାର ସାମିଲ ହୋଇଥିଲେ। ସ୍ୱର୍ଗତ ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ମିଳିବା କଥା ବୋଲି ସମସ୍ତଙ୍କର ଗୋଟିଏ ମତ ଥିଲା। ପାର୍ଲାମେଣ୍ଟରେ ମଧ୍ୟ ଏହି ପ୍ରସଙ୍ଗ ଉତ୍ଥାପିତ ହୋଇଥିଲା ଏବଂ ସମସ୍ତେ ଏହାକୁ ସମର୍ଥନ କରିଥିଲେ। ବିଭିନ୍ନ ସୋସିଆଲ ମିଡିଆରେ ମଧ୍ୟ ଏହା ସପକ୍ଷରେ ସ୍ୱର ଉଠୁଛି। ଏଭଳି ଖେଳାଳିଙ୍କୁ ଭାରତ ସରକାର ଅଣଦେଖା କରିବା କଥା ନୁହେଁ। ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ମିଳୁ। ଆମର ଅଭିଯାନ ଜାରି ରହିବ ବୋଲି ପ୍ରକାଶ କରିଥିଲେ ଏହି ପୂର୍ବତନ ଭାରତୀୟ ହକି ଅଧିନାୟକ।




ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦାବି ଅବସରରେ ଖେଳାଳି ଓ ଅତିଥିମାନେ।

**ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ଦାବି ଦୋହରାଇଲେ କ୍ରୀଡ଼ାବିତ୍**

ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ସମାନ ଦାବି ଦୋହରାଇଛନ୍ତି। ଅତୀତରେ ଆମେ ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ସପକ୍ଷରେ ଯେଉଁ କ୍ୟାମ୍ପେନ କରିଥିଲୁ ତା'ର ସୂତ୍ରଧର ଦିଲୀପ ଥିଲେ। ନୂଆଦିଲ୍ଲୀରେ ବାଲୁକାକଳା ମାଧ୍ୟମରେ ଏହି ଦାବି ଉପସ୍ଥାପିତ କରାଯାଇଥିଲା। ହକିକୁ ନେଇ ଆମେ ଏତେ ଗର୍ବ କରୁଛେ। ଓଡ଼ିଶା ମଧ ସାରା ବିଶ୍ୱରେ ହକିର ନାମକୁ ବହୁ ଉପରେ ପହଞ୍ଚାଇଛି। ସେଥିରେ ଦିଲୀପଙ୍କର ବହୁତ ବଡ଼ ଯୋଗଦାନ ରହିଛି। ଧ୍ୟାନଚାନ୍ଦ ସାରା ବିଶ୍ୱରେ ହକିକୁ ଆଲୋକିତ କରିଛନ୍ତି। ମୋର ବିଶ୍ୱାସ ତାଙ୍କୁ ନିଶ୍ଚିତ ମରଣୋତ୍ତର ଭାରତରତ୍ନ ଦିଆଯିବ। ମୁଁ ଜଣେ କଳାକାର ଭାବରେ ମୋ କଳାଦ୍ୱାରା ଅନେକ ସମୟରେ ଧ୍ୟାନଚାନ୍ଦଙ୍କ ସ୍ମୃତିକୁ ଉଜ୍ଜୀବିତ କରିଛି। ଏହା ମାଧ୍ୟମରେ ଏହି ଅଭିଯାନ ଜାରି ରହିବ ବୋଲି ସୁଦର୍ଶନ ପ୍ରକାଶ କରିଛନ୍ତି। ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସତ୍ୟବ୍ରତୋ ରଥ, ବରିଷ୍ଠ କ୍ରୀଡ଼ା ଖବରଦାତା ସମ୍ବିତ ମହାପାତ୍ର, ତପନ ସ୍ୱାଇଁ ଏବଂ ଅନେକ କ୍ରୀଡ଼ାପ୍ରେମୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା।

# ମାରାଡୋନାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମେସି ଦଣ୍ଡିତ

**ବାର୍ସିଲୋନା, ୩।୧୨ (ଏପି):** ଲିଓନେଲ ମେସିଙ୍କୁ ୬୦୦ ୟୁରୋ (୭୨୦ ଡଲାର) ଜରିମାନା ହୋଇଛି। କିମ୍ବଦନ୍ତୀ ଫୁଟ୍‌ବଲର ଡିଏଗୋ ମାରାଡୋନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଯାଇ ନିଜର ଜର୍ସି ବାହାର କରି ଦେଇଥିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଥିବା ସ୍ପାନିଶ ଫୁଟ୍‌ବଲ ମହାସଂଘ କହିଛି। ରବିବାର ସ୍ପାନିଶ ଲିଗ୍‌ରେ ଓସାସୁନା ବିପକ୍ଷ ମ୍ୟାଚରେ ବାର୍ସିଲୋନାର ୪-୦ ଗୋଲରେ ବିଜୟରେ ଏକ ଗୋଲ ସ୍କୋର ପରେ ମେସିଙ୍କ ଏହି କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ଆର୍ଜେଣ୍ଟିନାର ଏହି ଖେଳାଳିଙ୍କୁ ମହାସଂଘର ପ୍ରତିଯୋଗିତା କମିଟି ଦଣ୍ଡବିଧାନ କରିଥିଲା। ବକ୍ସ ବାହାରୁ ଏକ ଷ୍ଟ୍ରାଇକ୍ ପରେ ମେସି ଦେହରୁ ବାର୍ସିଲୋନା ଜର୍ସି ଖୋଲି ଦେଇଥିଲେ। ହେଲେ ଏହି ଜର୍ସି ଭିତରେ ନେୱେଲ୍ସ ଓଲ୍ଡ ବୟଜ୍ ଟିମ୍ ତରଫରୁ ଖେଳୁଥିବାବେଳେ ମାରାଡୋନାଙ୍କର ଲାଲ୍ ଏବଂ କଳା ରଙ୍ଗର ଏକ ଜର୍ସି ଦେଖିବାକୁ ମିଳିଥିଲା। ମେସି ପରେ ଆକାଶକୁ ଚାହିଁ ଦୁଇ ହାତରେ ଫ୍ଲାଇଂ କିସ୍ ଦେଇଥିଲେ। ଗେମ୍ ଶେଷ ହେବା ପରେ ମେସି ଏହି ଜର୍ସି ସହ ସୋସିଆଲ ମିଡିଆରେ ତାଙ୍କର ଏକ ଫଟୋ ପୋଷ୍ଟ କରିଥିଲେ। ଏଥିରେ ମାରାଡୋନାଙ୍କ ଏକ ପୁରୁଣା ଛବି ସହ ସେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଥିବାର ଏକ ଦୃଶ୍ୟ ରହିଥିଲା। ଫଟୋ ତଳେ ସ୍ପାନିଶ ଭାଷାରେ ତାଙ୍କର ଏକ ବାର୍ତ୍ତା ରହିଥିଲା। ସେଥିରେ ଲେଖାଥିଲା 'ଫେୟାରୱେଲ୍, ଡିଏଗୋ'। ଗତସପ୍ତାହରେ ମାରାଡୋନାଙ୍କର ୬୦ବର୍ଷ ବୟସରେ ହୃଦ୍‌ଘାତରେ ଦେହାନ୍ତ ହୋଇଛି।

# ଲଥାମ, ୱିଲିୟମସନଙ୍କ ଅର୍ଦ୍ଧଶତକ

**ହାମିଲଟନ,୩।୧୨(ଏପି):** ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୭୮ ଓଭରରେ ୨ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ କେନ୍ ୱିଲିୟମସନ ୯୭ ଓ ଅଭିଜ୍ଞ ରସ୍ ଟେଲର ୩୧ ରନକରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୭୮ ଓଭରରେ ୨୪୩/୨ (ୱିଲିୟମସନ- ୯୭*, ଲଥାମ- ୮୬, ଟେଲର- ୩୧*, ୟଙ୍ଗ- ୫, ରୋଚ- ୧/୫୩, ଗାବ୍ରିଏଲ- ୧/୬୨)।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୪/୨୦୨୦ Bhubaneswar, Friday, December 4/ 2020

# ଭୁବନେଶ୍ୱରରେ ଭାରତୀୟ ଜାଭେଲିନ୍ ଦଳ

**ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତୀୟ ଜାଭେଲିନ୍ ଥ୍ରୋ ଦଳର ଏଲିଟ୍ ଆଥଲେଟ୍‌ମାନେ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଉତ୍ତରଭାରତରେ ଶୀତ ଲହରି ଯୋଗୁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ପଟିଆଲାସ୍ଥିତ ଏହାର ଟ୍ରେନିଂବେସ୍‌ରୁ ଜାଭେଲିନ୍ ଥ୍ରୋ ଦଳକୁ ଭୁବନେଶ୍ୱର ସ୍ଥାନାନ୍ତର କରିଛି। ନୀରଜ ଚୋପ୍ରା ଓ ଶିବପାଲ ସିଂଙ୍କ ସମେତ ଜାଭେଲିନ୍ ଦଳର ଏଲିଟ୍ ସଦସ୍ୟମାନେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅଲିମ୍ପିକ୍ ପ୍ରସ୍ତୁତି ପାଇଁ ଟ୍ରେନିଂ ନେବେ। ଏଏଫ୍ଆଇ ଅନୁରୋଧ ରକ୍ଷା କରି ଓଡ଼ିଶା ସରକାର ଟ୍ରେନିଂ କ୍ୟାମ୍ପ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ନୀରଜ ଓ ଶିବପାଲଙ୍କ ବ୍ୟତୀତ ରାଜିନ୍ଦର ସିଂ, ରୋହିତ ଯାଦବ ଏବଂ ଅନୁ ରାଣୀ ମଧ୍ୟ ଏହି ଦଳରେ ରହିଛନ୍ତି। ସେମାନଙ୍କ ସହ ୟୁଓ୍ୱି ହନ୍ (କୋଚ୍), ଡକ୍ଟର କ୍ଲାଉସ୍ (କୋଚ୍), ମିଷ୍ଟର ଈଶାନ, ଦର୍ଶନ ଶେଟ୍ଟୀ (ଫିଜିଓ) ଏବଂ ମିଷ୍ଟର ଦିମିତ୍ରି (ମାଲିସ୍‌ବାଲା) ଭୁବନେଶ୍ୱରରେ ପହଞ୍ଚିଛନ୍ତି।



ଭାରତୀୟ ଜାଭେଲିନ୍ ଥ୍ରୋ ଦଳର ଏଲିଟ୍ ସଦସ୍ୟ ଓ ସପୋର୍ଟ ଷ୍ଟାଫ୍‌ମାନେ।

# ଶେଷ ମୁହୂର୍ତ୍ତ ଗୋଲରେ ହାରିଲା ଓଡ଼ିଶା

**ଫତୋର୍ଦା, ୩।୧୨**

**ଇଣ୍ଡିଆନ ସୁପରଲିଗ୍**

୯୦ ମିନିଟ୍‌ରେ କଡ଼ା ଟକ୍କର। ଉଭୟ ଓଡ଼ିଶା ଏଫ୍‌ସି ଓ ଏଟିକେ ମୋହନବାଗାନ ଗୋଲଶୂନ୍ୟଭାବେ ୪ ମିନିଟ ଇଞ୍ଜୁରି ଟାଇମ୍ ଖେଳିଲେ। ଏହାର ୩ ମିନିଟ ପର୍ଯ୍ୟନ୍ତ ମଧ୍ୟ ଗୋଲ ନାହିଁ। ମାତ୍ର ଶେଷ ମୁହୂର୍ତ୍ତରେ ଗୋଲ ବରଣ ଯୋଗୁ ଓଡ଼ିଶା ଏଫ୍‌ସିକୁ ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ର ଗୁରୁବାର ମ୍ୟାଚରେ ଦୁଃଖଦ ପରାଜୟ ମିଳିଛି। ପୂରା ମ୍ୟାଚରେ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଫଳାଫଳ ଭୁବନେଶ୍ୱରଭିତ୍ତିକ ଏହି ଫ୍ରାଞ୍ଚାଇଜକୁ ନିରାଶ କରିଛି। ଏଟିକେ ମୋହନବାଗାନର ତାରକା ଷ୍ଟ୍ରାଇକର ରୟ କ୍ରିଷ୍ଣା ପୁଣି ହିରୋ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ଇଞ୍ଜୁରି ଟାଇମ୍ ଗୋଲ ବଳରେ ଏଟିକେ ୩ ମ୍ୟାଚରୁ ତୃତୀୟ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି। ପୂର୍ବ ୨ ମ୍ୟାଚରେ ଏହି ଦଳ ଯଥାକ୍ରମେ କେରଳ ବ୍ଲାଷ୍ଟର୍ସକୁ ୧-୦ ଏବଂ ଇଷ୍ଟବେଙ୍ଗଲକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ଓଡ଼ିଶା ଏଫ୍‌ସି ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ମୋହନବାଗାନର ଟିରି ପାସ୍ ଅଫ୍ ଦି ମ୍ୟାଚ ଏବଂ କ୍ରିଷ୍ଣା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ଲାଭ କରିଛନ୍ତି।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭାରତର ଅଷ୍ଟ୍ରେଲିଆ ଗସ୍ତ**

# ଆଜି ପ୍ରଥମ ଟି୨୦

**କାନ୍‌ବେରା,୩।୧୨(ପି.ଟି.)**

ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଟି୨୦ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ମନୁକା ଓଭାଲ ଗ୍ରାଉଣ୍ଡରେ ଉଭୟ ଦେଶ ପ୍ରଥମ ଟି୨୦ରେ ମୁହାଁମୁହିଁ ହେବେ। ଦିନିକିଆ ସିରିଜରେ ୧-୨ରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ଟି୨୦ରେ ଅଷ୍ଟ୍ରେଲିଆକୁ କଡ଼ା ଚ୍ୟାଲେଞ୍ଜ ଦେବ। ଦିନିକିଆ ସିରିଜ ପରାଜୟ ଭାରତର ବୋଲିଂ ଓ ଫିଲ୍ଡିଂ ଦୁର୍ବଳତାକୁ ପଦାରେ ପକାଇଛି। ତେଣୁ ଭାରତକୁ ଆଗକୁ ବହୁତ କିଛି କାର୍ଯ୍ୟ କରିବାକୁ ହେବ। ସବୁଠାରୁ ଛୋଟ ଫର୍ମାଟ୍‌ରେ ଭାରତକୁ ଆହୁରି ଏକ ସନ୍ତୁଳିତ ଦଳ ଚୟନ କରିବାକୁ ହେବ।

କୋଭିଡ୍-୧୯ ମହାମାରୀ କାରଣରୁ ସାରା ବିଶ୍ୱରେ କ୍ରୀଡ଼ା ବନ୍ଦ ହେବା ପୂର୍ବରୁ ଭାରତ ଆୟୋଜକ ନ୍ୟୁଜିଲାଣ୍ଡକୁ ଟି୨୦ ସିରିଜରେ ୫-୦ରେ ପରାସ୍ତ କରିଥିଲା। ତେଣୁ ଏହି କ୍ଲିନ୍ ସୁଇପ୍‌ରୁ ଭାରତ ଏବେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରେରଣା ପାଇବା ସହ ଆତ୍ମବିଶ୍ୱାସକୁ ଅହୁରି ଦୃଢ଼ କରିବ। ଦିନିକିଆ ପଦାର୍ପଣରେ ଭଲ ପ୍ରଦର୍ଶନ କରିଥିବା ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ, ୱାଶିଂଟନ ସୁନ୍ଦର, ଦୀପକ ଚହର ଭାରତୀୟ ବୋଲିଂ ବିଭାଗରେ ସନ୍ତୁଳନ ଆଣିବେ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତରଫରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳି ସୁନ୍ଦର ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅଧିନାୟକ ବିରାଟ କୋହଲି ଆଇପିଏଲ୍‌ରେ ପାଓ୍ୱାର ପ୍ଲେ ଓ ମିଡିଲ ଓଭରରେ ସୁନ୍ଦରଙ୍କୁ ବୋଲିଂ କରିବାର ସୁଯୋଗ ଦେଉଥିଲେ। ସୁନ୍ଦର ମଧ୍ୟ ମିଳିଥିବା ସୁଯୋଗର ଫାଇଦା ଉଠାଇ ଭଲ ପ୍ରଦର୍ଶନ କରିଥିଲେ।

ଦିନିକିଆରେ ହାର୍ଦ୍ଦିକ ପାଣ୍ଡ୍ୟା ନିୟମିତ ବୋଲିଂ କରି ନ ଥିବାରୁ ଦଳରେ ଏକମାତ୍ର ସ୍ପେଶାଲିଷ୍ଟ ଅଲରାଉଣ୍ଡର ଭାବେ ରବୀନ୍ଦ୍ର ଜାଡେଜାଙ୍କୁ ସ୍ଥାନ ମିଳିଥିଲା। ତେବେ ଟି୨୦ରେ ସୁନ୍ଦର ଉଭୟ ବୋଲିଂ ଓ ବ୍ୟାଟିଂରେ ଯୋଗଦାନ କରିବେ। ପୁଣି ଟି୨୦ରେ ହାର୍ଦ୍ଦିକ ମଧ୍ୟ ସ୍ୱଳ୍ପ ସମୟ ପାଇ ବୋଲିଂ କରିବାର ସମ୍ଭାବନା ରହିଛି। ଦ୍ୱିତୀୟ ଦିନିକିଆରେ ହାର୍ଦ୍ଦିକ ବୋଲିଂ କରିଛନ୍ତି। ୟର୍କର ସ୍ପେଶାଲିଷ୍ଟ କୁହାଯାଉଥିବା ନଟରାଜନ ଦିନିକିଆ ପରେ ଟି୨୦ରେ ପଦାର୍ପଣ କରିବା ଯଥେଷ୍ଟ ସମ୍ଭାବନା ରହିଛି। କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ସ୍ପିନର ଓ ଦ୍ରୁତ ବୋଲରଙ୍କ ପାଇଁ ସେତେଟା ଅନୁକୂଳ ପରିବେଶ ନ ଥିଲା। କିନ୍ତୁ ମନୁକା ଓଭାଲ ପିଚ୍‌ରେ ବୋଲରମାନେ ଆବଶ୍ୟକୀୟ ସହାୟତା ପାଇବେ। ଯଶପ୍ରୀତ୍ ବୁମ୍‌ରାଙ୍କ ସହ ବୋଲିଂରେ କିଏ ଓପନିଂ କରିବ ତାହା ଦେଖିବା ମଜାଦାରହେବ। ତେବେ ଅଭିଜ୍ଞ ମହମ୍ମଦ ସାମି ଓ ଦୀପକ ଚହରଙ୍କ ମଧ୍ୟରୁ ଜଣଙ୍କୁ ଏହି ସୁଯୋଗ ମିଳିବ।

ଦିନିକିଆରେ ମହଙ୍ଗା ସାବ୍ୟସ୍ତ ହୋଇଥିବା ୟୁଜବେନ୍ଦ୍ର ଚହଲ ଟି୨୦ରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ବ୍ୟାଟିଂରେ ଲୋକେଶ ରାହୁଲଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ହେବ। ଦିନିକିଆରେ ସେ ୫ ନମ୍ବରରେ ବ୍ୟାଟିଂ କରିଥିଲେ ମଧ୍ୟ ଟି୨୦ରେ ସେ ପୂର୍ବପରି ଶିଖର ଧାଓ୍ୱନଙ୍କ ସହ ଓପନିଂ କରିବେ। ରାହୁଲ ମଧ୍ୟ ଉଇକେଟକିପିଂ କରିବେ। ଆଇପିଏଲ୍‌ରେ ସେ ସଫଳତାର ସହ ଉଇକେଟକିପିଂ କରିଥିଲେ। ଦିନିକିଆରେ ଭଲ ପ୍ରଦର୍ଶନ କରିଥିବା କୋହଲି ଟି୨୦ରେ ମଧ୍ୟ ଏହାକୁ ଜାରି ରଖିବାକୁ ପ୍ରୟାସ କରିବେ। ସେହିପରି ୪ ନମ୍ବରରେ ଶ୍ରେୟାସ ଆୟାର ବଡ଼ ସ୍କୋର ହାସଲ କରିବାକୁ ପ୍ରୟାସ କରିବେ। ତୃତୀୟ ତଥା ଅନ୍ତିମ ଦିନିକିଆରେ ହାସଲ କରିଥିବା ବିଜୟ ଟି୨୦ ସିରିଜରେ ପ୍ରେରଣା ଦେବ ବୋଲି ଅଧିନାୟକ କୋହଲି କହିଛନ୍ତି। ନ ହେଲେ ଟି୨୦ ସିରିଜରେ ଭାରତ ପାଇଁ ଆତ୍ମବିଶ୍ୱାସ ହାସଲ କରିବା କଷ୍ଟକର ହୋଇଥାନ୍ତା।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦିନିକିଆ ଓ ଟି୨୦ ପାଇଁ ସମାନ ଗୋଟିଏ ଦଳ ଘୋଷଣା କରିଛି। ଅବଶ୍ୟ ଦଳରେ କେତୋଟି ଇଞ୍ଜୁରି ସମସ୍ୟା ରହିଛି। ଦିନିକିଆ ସିରିଜରେ ବିଜୟୀ ହୋଇଥିବାରୁ ଅଷ୍ଟ୍ରେଲିଆ ଟି୨୦ରେ ମଧ୍ୟ ଏହି ପ୍ରଦର୍ଶନକୁ ବଜାୟ ରଖିବାକୁ ପ୍ରୟାସ କରିବ। ତାରକା ଓପନର ଡେଭିଡ୍ ୱାର୍ନର ଆହତଥିବାରୁ ଟି୨୦ ସିରିଜରୁ ବାଦ୍ ପଡିଛନ୍ତି। ତେଣୁ ଅନ୍ତିମ ଦିନିକିଆ ଭଳି ଅଧିନାୟକ ଆରୋନ ଫିଞ୍ଚଙ୍କ ସହିତ ମାର୍ନସ ଲାବୁସେନ୍ ଇନିଂସ ଓପନ୍ କରିବା ଆଶା କରାଯାଉଛି। ଦିନିକିଆ ସିରିଜ ଖେଳିବା ଅବସରରେ ମାର୍କସ ଷ୍ଟୋଇନିସ୍ ଆହତ ହୋଇଥିବାରୁ ଖେଳିବା ନେଇ ଆଶଙ୍କା ରହିଛି। ଅତ୍ୟଧିକ କାର୍ଯ୍ୟଭାର ପାଇଁ ପ୍ୟାଟ୍ କୁମିନ୍ସଙ୍କୁ ବିଶ୍ରାମ ଦିଆଯାଇଛି। ତେଣୁ ଟି୨୦ ସିରିଜ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ବିରାଟ କୋହଲି ଓ ଆରୋନ୍ ଫିଞ୍ଚ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧.୪୦ | ଭେନ୍ୟୁ: ମନୁକା ଓଭାଲ,ବ୍ରିସ୍‌ବେନ୍ | ପ୍ରସାରଣ: ସୋନି ନେଟ୍‌ୱର୍କ**




# ବିସିସିଆଇ ଏଜିଏମ୍ ୨୪ରେ

**ନୂଆଦିଲ୍ଲୀ, ୩।୧୨ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍) ଚଳିତ ମାସ ୨୪ ତାରିଖରେ ହେବ। ଏଥିରେ ୩ ନୂଆ ଚୟନକର୍ତ୍ତା ଏବଂ ଭାରତର ଆଇସିସି ପ୍ରତିନିଧି ଓ ଦୁଇଟି ନୂଆ ଫ୍ରାଞ୍ଚାଇଜ୍ ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନିଆଯିବ।। ବିସିସିଆଇର ଜଣେ ନୂଆ ଉପସଭାପତି ନିଯୁକ୍ତ ହେବେ। ନିୟମାନୁସାରେ ଏଜିଏମ୍‌ର ୨୧ଦିନ ପୂର୍ବରୁ ବିସିସିଆଇ ସମସ୍ତ ସ୍ୱୀକୃତିପ୍ରାପ୍ତ ୟୁନିଟ୍‌କୁ ୨୩ ଦଫା ବିଶିଷ୍ଟ ଏଜେଣ୍ଡା ପଠାଇଛି। ସବୁଠାରୁ ବଡ଼ କଥା ହେଲା ଆଇପିଏଲ୍‌କୁ ୧୦ ଦଳ ବିଶିଷ୍ଟ କରିବା ଲାଗି ଦୁଇଟି ନୂଆ ଦଳକୁ ସ୍ୱୀକୃତି ଦେବ। ଆଦାନି ଗ୍ରୁପ୍ ଓ ସଞ୍ଜୟ ଗୋଏଙ୍କା ଆରପିଜି (ରାଇଜିଂ ପୁନେ ସୁପରଜିଆଣ୍ଟ) ନୂଆ ଟିମ୍ ମାଲିକ ହେବାଲାଗି ଆଗ୍ରହୀ ଥିବା କଥା କୁହାଯାଉଛି। ଏହି ଦୁଇଟି ଟିମ୍ ମଧ୍ୟରୁ ଗୋଟିଏ ଫ୍ରାଞ୍ଚାଇଜ୍ ଅହମ୍ମଦାବାଦରୁ ହେବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇସିସି ଏବଂ ଏସିଆନ କ୍ରିକେଟ କାଉନ୍‌ସିଲରେ ବିସିସିଆଇରୁ କିଏ ପ୍ରତିନିଧିତ୍ୱ କରିବେ ତାହା ସ୍ଥିର କରଯିବ। ଗ୍ଲୋବାଲ କମିଟିଗୁଡ଼ିକରେ ସମ୍ପାଦକ ଜୟ ଶାହା ବିସିସିଆଇରୁ ପ୍ରତିନିଧିତ୍ୱ କରିବେ ବୋଲି ଆଶା କରାଯାଉଛି। ବିଭିନ୍ନ କ୍ରିକେଟ କମିଟି ଓ ଷ୍ଟାଣ୍ଡିଂ କମିଟି ମଧ୍ୟ ଗଠନ କରାଯିବ। ଏଜେଣ୍ଡାରେ ଆହୁରି ମଧ୍ୟ ୨୦୨୧ ପାଇଁ ଭାରତର ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍, ଆସନ୍ତା ବର୍ଷ ଟି୨୦ ବିଶ୍ୱକପ୍ (ଆଇସିସି ଟିକସ ପ୍ରସଙ୍ଗ ସମେତ) ଆୟୋଜନ ଓ ପ୍ରସ୍ତୁତିକୁ ନେଇ ଆଲୋଚନା ଏଜେଣ୍ଡାରେ ସ୍ଥାନପାଇଛି। ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବା କଥା ମଧ୍ୟ ବୈଠକରେ ସ୍ଥାନ ପାଇବ। ମହିମ ବର୍ମାଙ୍କ ଇସ୍ତଫା ପରେ ଉପସଭାପତି ପଦବୀ ଖାଲି ପଡ଼ିଛି। ତାଙ୍କ ସ୍ଥାନରେ ଜଣେ ସର୍ବସମ୍ମତି ଭିତ୍ତିରେ ମନୋନୟନ କରାଯିବ ବୋଲି ଆଶା କରାଯାଉଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ